# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨/୨୦୧୮ (୨୦ ପୃଷ୍ଠା) | Bhubaneswar, Friday, November 2/ 2018 | ★★★★

୪୪ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ରଣଜୀରେ ଅନୁରାଗଙ୍କ ପ୍ରଥମ ଶତକ

କିଟ୍ କ୍ରିକେଟ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ହରିୟାଣା ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ରଣଜୀ ଟ୍ରଫି ଶତକ ହାସଲ କରିଛନ୍ତି ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ ।

୧୮

୦୨

## ‘ବାଟ୍‌ଲା ହାଉସ୍’ରେ ଅଭିନୟ କରିବେ ନୋରା

ଆଗାମୀ ଫିଲ୍ମ ‘ବାଟ୍‌ଲା ହାଉସ୍’ରେ ଅଭିନୟ କରିବା ପାଇଁ ଅଭିନେତ୍ରୀ ନୋରା ଫତେହୀ ଖୁବ୍ ଉତ୍ସାହିତ ।



### ସଂକ୍ଷେପରେ

## ଆଜି କ୍ୟାବିନେଟ

ଭୁବନେଶ୍ୱର,୧।୧୧(ବ୍ୟୁରୋ): ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ବସିବ। ସଚିବାଳୟଠାରେ ଅପରାହ୍ନ ୫ଟା ୪୫ ମିନିଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କୃଷି ଏବଂ ଜନମଙ୍ଗଳ ଅଧିକାରୀଙ୍କ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ଏଥିସହିତ ସ୍ୱାସ୍ଥ୍ୟ, ରାଜସ୍ୱ ଓ ଖାଦ୍ୟ ଯୋଗାଣ ବିଭାଗର କେତୋଟି ପ୍ରସ୍ତାବ ଉପରେ ମୋହର ଲାଗିପାରେ । କ୍ୟାବିନେଟରେ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ବୈଠକରେ କେତୋଟି ପ୍ରସ୍ତାବ ଉପରେ ମୋହର ଲାଗିବ ସେ ନେଇ ଏଜେଣ୍ଡାକୁ ଗୁପ୍ତ ରଖାଯାଇଛି।

**ଚକାପାଦ: ଲିଫ୍ଟ ଦେବା ବାହାନାରେ ମହିଳାଙ୍କୁ ବଳାତ୍କାର**

୫

# ୯ ଜିଲା ମରୁଡ଼ି ଘୋଷିତ

ଭୁବନେଶ୍ୱର,୧।୧୧(ବ୍ୟୁରୋ)

- ୨ ଲକ୍ଷ ୩୩ ହଜାର ହେକ୍ଟର ଫସଲ ନଷ୍ଟ
- ରିଲିଫ ତ୍ୱରାନ୍ୱିତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଚଳିତ ବର୍ଷ ସ୍ୱାଭାବିକ ବର୍ଷା ସତ୍ତ୍ୱେ ୯ ଜିଲା ମରୁଡ଼ି କବଳରେ ପଡିଛି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼। ଏହି ଜିଲାଗୁଡ଼ିକୁ ଗୁରୁବାର ରାଜ୍ୟ ସରକାର ମରୁଡ଼ି ଘୋଷଣା କରିଛନ୍ତି। ଉକ୍ତ ଜିଲାଗୁଡ଼ିକର ୬୬ ବ୍ଲକର ୧୧୮୬ ଗ୍ରାମପଞ୍ଚାୟତର ୫୬୩୩ ଗ୍ରାମର ୨ ଲକ୍ଷ ୩୩ ହଜାର ୧୭୩ ହେକ୍ଟର ଜମିରେ ମରୁଡ଼ି ହୋଇଛି। ଏଥିସହିତ ୧୬ଟି ପୌରସଂସ୍ଥା ଅଧିନ ଅଞ୍ଚଳ ମଧ ମରୁଡ଼ି ପ୍ରଭାବିତ ହୋଇଛି। ଜିଲାପାଳମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା କୃଷି ଓ ଖାଦ୍ୟ ଉତ୍ପାଦନ କମିଶନର ରାଜ୍ୟ ସରକାରଙ୍କୁ ଏହି ରିପୋର୍ଟ ଦେଇଛନ୍ତି। ୩୩ ପ୍ରତିଶତ ଫସଲ ନଷ୍ଟକୁ ଆକଳନ କରି ସରକାର ଏହି ଘୋଷଣା କରିଛନ୍ତି।

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସ୍‌ଡମା)ଙ୍କ ରାଜ୍ୟ ମରୁଡ଼ି ତଦାରଖ ସେଲ୍ ରାଜ୍ୟର ବିଭିନ୍ନ ଜିଲାରେ ମରୁଡ଼ି ଅଧ୍ୟୟନ କରିଥିଲା। ଅଧ୍ୟୟନରୁ ଜଣାପଡିଛି ଯେ, ବଲାଙ୍ଗୀର ଜିଲାର ମୁରିବାହାଲ, ଲୋଇସିଙ୍ଗା ଏବଂ ବେଲପଡ଼ା ବ୍ଲକ, ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼ ସଦର ଓ ଟାଙ୍ଗରପାଲି ବ୍ଲକରେ ୩୯ରୁ ୫୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଅନ୍ୟ ୧୨ ଜିଲାର ୩୦ ବ୍ଲକରେ ୧୯ରୁ ୩୯ ପ୍ରତିଶତ କମ୍ ବର୍ଷା ହୋଇଛି। ମରୁଡ଼ି ଆକଳନ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଏସ୍‌ଆର୍‌ସିର ଯୁଗ୍ମ ଟିମ୍ ଗଠନ କରାଯାଇଥିଲା। ରିଲିଫ କୋଡ ଅନୁଯାୟୀ ଅଣଜଳସେଚିତ ଧାନ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା, ଜଳସେଚିତ ଜମି ପାଇଁ ୧୩,୫୦୦ ଏବଂ ସବୁଦିନିଆ ଫସଲ ପାଇଁ ୧୮ ହଜାର ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ରିଲିଫ୍ ଦେବାକୁ ଜିଲାପାଳମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ହୋଇଛି। ଧାନ ଉତ୍ପାଦନ ମଧ ବୃଦ୍ଧି ହେବ ବୋଲି ସରକାର ଆକଳନ କରିଛନ୍ତି। ଏଥିସହିତ ଚଳିତ ଖରିଫ ଋତୁରେ ସରକାର ଚାଷୀଙ୍କଠାରୁ ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବେ। ଗତ ବର୍ଷ ତୁଳନାରେ ୧ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ୯ଟି ଜିଲାରେ ଯେଉଁ ମରୁଡ଼ି ପରିସ୍ଥିତି ଦେଖାଦେଇଛି, ସେଥିପାଇଁ ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବ କି ନାହିଁ ସେ ନେଇ ମଧ ଆଶଙ୍କା ସୃଷ୍ଟି ହୋଇଛି।



କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଅଞ୍ଚଳରେ ମରୁଡ଼ି ।

### ଆଜିଠାରୁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ

## ପହଞ୍ଚିଲେ ତାରକା କ୍ରୀଡ଼ାବିତ୍

ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)

ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପାଇଁ କ୍ଷେତ୍ର ପ୍ରସ୍ତୁତ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ମେଗା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମଥରପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ରଙ୍କ ମାନସ ସନ୍ତାନ ଏହି ସ୍ପୋର୍ଟ୍ସ ଲିଟ୍-ଫେଷ୍ଟ ଓଡ଼ିଶାର କ୍ରୀଡ଼ା ବିତ୍ ଓ କ୍ରୀଡ଼ା ପ୍ରେମୀଙ୍କୁ ଏକ ଭିନ୍ନ ଅନୁଭବ ଆଣିଦେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ଓ ଶନିବାର ୨ ଦିନ ଧରି ଏହା ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଗୁରୁବାର ଭୁବନେଶ୍ୱରରେ ଦେଶ ବିଦେଶର ତାରକା କ୍ରୀଡ଼ାବିତ୍‌ମାନେ ପହଞ୍ଚିବା ଆରମ୍ଭ ହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜାମାଇକା ଜନ୍ମିତ କାନାଡ଼ିଆନ ଆଥଲେଟ୍ ବେନ୍ ଜନସନ, ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ, ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ, ‘ଦି ଧୋନୀ ଟଚ୍’ ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ, ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋର ଓ ଅନ୍ୟମାନେ। ଜନସନଙ୍କ କାର୍ଯ୍ୟକ୍ରମ ଶୁକ୍ରବାର ଥିବାବେଳେ ‘‘ୱାର୍ଲ୍ଡ କପ୍ ୨୦୧୮’କୁ ନେଇ ଭାରତୀୟ ହକି ଅଧିନାୟକ ବାସୁଦେବନ ବାସ୍କରନ, ଧନରାଜ ପିଲ୍ଲେ, ☞ପୃଷ୍ଠା–୪

EKAMRA SPORTS LITERARY FESTIVAL 2018

### ଆଜିର ସମ୍ପାଦକୀୟ

## ବେପାର ମାନ୍ଦା

### ଆଜିର ମନ୍ତବ୍ୟ

“ରାଫାଲ୍ ଚୁକ୍ତି ହେଉଛି କୋଳାକୋଳି ପୁଞ୍ଜିବାଦ ଏବଂ ଦୁର୍ନୀତିର ଜ୍ୱଳନ୍ତ ଉଦାହରଣ ।

– ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

### କିଛି ତଥ୍ୟ

ସାଗରମାଳା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୯,୦୦୦ କୋଟି ଟଙ୍କାର ନିବେଶ ହୋଇଥିବା ବେଳେ ମୋଟ୍ ୮୯ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

– ନୌପରିବହନ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 01.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 73 | 123 | 133 |
| BLS | 72 | 122 | 132 |
| ANG | 75 | 126 | 136 |

*Conditions Apply

Eggs Retail Price- 49/-Dozen

Issued in the Interest of Consumers


## ବାଣ ଭିଡ଼ିବାବେଳେ ବିସ୍ଫୋରଣ

# ଦମ୍ପତିଙ୍କ ଜୀବନ ଗଲା

ବାଲିପାଟଣା,୧।୧୧(ଡି.ଏନ୍.ଏ.)

- ଖଣ୍ଡ ବିଖଣ୍ଡିତ ହେଲା ଶରୀର
- ଭୁଶୁଡ଼ିଲା ଘରର କାନ୍ଥ, ଉଡ଼ିଲା ଆଜବେଷ୍ଟସ
- ବେଆଇନ ଭାବେ ଚାଲିଥିଲା ବାଣ ବ୍ୟବସାୟ
- ପୋଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ

ଦୀପାବଳି ପୂର୍ବରୁ ରାଜଧାନୀ ଉପକଣ୍ଠ ଭାକରସାହି ଗ୍ରାମର ମିଶ୍ର ସାହିରେ ଗୁରୁବାର ବାଣ ଭିଡିବା ବେଳେ ବଡଧରଣର ବିସ୍ଫୋରଣ ହୋଇଛି। ଏଥିରେ ଉକ୍ତ ଗ୍ରାମର ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଉଭୟଙ୍କ ଶରୀରର ବିଭିନ୍ନ ଅଂଶ ଛିଟିକି ଏଣେତେଣେ ପଡିଥିବା ଦେଖିବାକୁ ମିଳିଥଲା। ଏଥିରେ ୫ବଖରା ଭାଙ୍ଗିଯାଇଥିବା ବେଳେ ୫ବଖରା ଆଜବେଷ୍ଟସ ଉଡିଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିସ୍ଫୋରଣର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଭାକରସାହି ଗ୍ରାମର ମିଶ୍ର ସାହିର ଜ୍ଞାନେନ୍ଦ୍ର ମିଶ୍ର(୪୦) ଓ ତାଙ୍କ ସ୍ତ୍ରୀ ରଶ୍ମିତା ମିଶ୍ର(୩୬) ଦୀର୍ଘ ୨୦ବର୍ଷ ଧରି ବାଣ ଭିଡିବା ସହ ବ୍ୟବସାୟ କରି ଆସୁଥିଲେ। ସେମାନେ ନିଜ ଘରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଣ ଭିଡୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏହାର ଶବ୍ଦ ଏତେ ଭୟଙ୍କର ଥିଲା ଯେ ସାହିର ଲୋକମାନେ ପ୍ରାଣବିକଳରେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ବିସ୍ଫୋରଣରେ ଘରର କାନ୍ଥ ଭଶୁଡି ପଡିବା ସହ ପଡୋଶୀଙ୍କ ଆଜବେଷ୍ଟସ ଉଡି ଯାଇଥିବା ଦେଖିବାକୁ ମିଳିଛି। ଜ୍ଞାନେନ୍ଦ୍ର ଓ ରଶ୍ମିତାଙ୍କ ହାତଗୋଡ, ମୁଣ୍ଡ ଛିଣ୍ଡି ଘଟଣାସ୍ଥଳରୁ ପ୍ରାୟ ୨୦୦ ମିଟର ଦୂରରେ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ☞ପୃଷ୍ଠା–୪



ମୃତ ଦମ୍ପତି ଜ୍ଞାନେନ୍ଦ୍ର ମିଶ୍ର ଓ ରଶ୍ମିତା ମିଶ୍ର ।

## ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେଲା ଝାରସୁଗୁଡ଼ା ବିମାନବନ୍ଦର

- କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ
- ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ଝାରସୁଗୁଡ଼ାର ନବନିର୍ମିତ ବିମାନବନ୍ଦର ‘ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର’ ଭାବେ ନାମିତ ହୋଇଛି। ଝାରସୁଗୁଡ଼ା ବିମାନବନ୍ଦରର ନାମକରଣ ପ୍ରସ୍ତାବକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଗତ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ କରିଥିଲେ। ଘୋଷଣାର ମାସକ ପରେ ଆନୁଷ୍ଠାନିକ ନାମକରଣର ସ୍ୱୀକୃତି ମିଳି ନ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏନେଇ ଟୁଇଟ୍ କରି ସୂଚନା ମଧ ଦେଇଛନ୍ତି। ସୁରେଶ କହିଛନ୍ତି ଯେ, ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଇଛି। ☞ପୃଷ୍ଠା–୪

# ଘରୁ ଲୁଟ୍, ନାବାଳିକାଙ୍କୁ ଗଣବଳାତ୍କାର

ପୋଲସରା/କବିସୂର୍ଯ୍ୟନଗର (ଡି.ଏନ.ଏ.)/ହାତୀଓଟ,୧।୧୧

ଗଞ୍ଜାମ ଜିଲା ପୋଲସରା ବ୍ଲକ କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଅମାନୁଷିକ ଘଟଣା ଘଟିଛି। ୩ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଘରୁ ଲୁଟ୍‌ପାଟ କରିବା ପରେ ତାଙ୍କ ୯ ବର୍ଷୀୟା ବାଳିକାଙ୍କୁ ଟେକିନେଇ ଗଣବଳାତ୍କାର କରିଛନ୍ତି। ଏନେଇ ନାବାଳିକାଙ୍କ ବାପା ବାଲିଛାଇ ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ କବିସୂର୍ଯ୍ୟନଗର ଥାନାରେ ନଂ.୨୪୮/୧୮ରେ ପୋଲିସ ମାମଲା ରୁଜୁ କରିଛି। ନାବାଳିକାଙ୍କୁ ପ୍ରଥମେ ପୋଲସରା ଡାକ୍ତରଖାନା ଓ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ପୁରୁଷୋତ୍ତମପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ବିଭିନ୍ନ ଥାନାଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ନାବାଳିକାଙ୍କ ପରିବାର ଲୋକେ ବୁଧବାର ରାତିରେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୨ଟାରେ ୩ ଜଣ ଦୁର୍ବୃତ୍ତ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ୨୦ ହଜାର ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟ କରିବା ସହ ☞ପୃଷ୍ଠା–୧୩









ଅନ୍ୟ କାହାରି ଭୂଖଣ୍ଡ ଉପରେ ଭାରତର ନଜର ନାହିଁ । ଦେଶର ନିରବଚ୍ଛିନ୍ନ ଅର୍ଥନୈତିକ ପ୍ରଗତି ଓ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବାହ୍ୟ ଏବଂ ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ ।

- ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

## ସଂକ୍ଷେପରେ

### ନିର୍ବାସନରୁ ଫେରିଲେ ମାଲଦ୍ୱୀପର ପୂର୍ବତନ ରାଷ୍ଟ୍ରପତି

ମାଲି,୧।୧୧(ପି.ଟି.)-ମାଲଦ୍ୱୀପରେ ପ୍ରଥମକରି ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତି ଶାସନ କ୍ଷମତା ହାସଲ କରିଥିବା ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କୁ ମିଳିଛି। ଆତଙ୍କବାଦ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପାଇଥିବା ଜେଲ୍ ଦଣ୍ଡାଦେଶକୁ ଏଡ଼ାଇବା ଲାଗି ଦୁଇବର୍ଷ ହେଲା ସେ ନିର୍ବାସନରେ ଥିଲେ। ଗୁରୁବାର ନଶିଦ ସ୍ୱଦେଶ



ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଯାତ୍ରା କରୁଥିବା ବିମାନ ଶ୍ରୀଲଙ୍କାରୁ ଆସି ମାଲଦ୍ୱୀପ ରାଜଧାନୀ ମାଲିରେ ଅବତରଣ କରିଥିଲା। ୨୦୧୨ରେ ନଶିଦ କ୍ଷମତା ଅପବ୍ୟବହାର କରି ଏକ ପ୍ରମୁଖ କୋର୍ଟର ବିଚାରପତିଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୧୫ରେ ତାଙ୍କୁ ୧୩ ବର୍ଷର କାରାଦଣ୍ଡାଦେଶ ଦିଆଯାଇଥିଲା। ତରବରିଆ ଭାବେ ଏହି ଦଣ୍ଡବିଧାନ ହୋଇଥିବାରୁ ଅନ୍ତର୍ଜାତୀୟ ସ୍ତରରେ କୋର୍ଟଙ୍କୁ ସମାଲୋଚନା କରାଯାଇଥିଲା।

### 'ଭାଜପାକୁ ନିର୍ବାଚନରେ ଜିତାଇବେ ନାହିଁ ଶ୍ରୀରାମ'

ନୂଆଦିଲ୍ଲୀ,୧।୧୧(ପି.ଟି.)-ରାମ ମନ୍ଦିର ନିର୍ମାଣକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଚାଲିଥିଲାବେଳେ ଗୁରୁବାର ଏ ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ କରିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା। ନିର୍ବାଚନ ଜିତିବାରେ ଭାଜପାକୁ ଭଗବାନ ଶ୍ରୀରାମ ସାହାଯ୍ୟ କରିବେ ନାହିଁ ବୋଲି ସେ କହିଛନ୍ତି। ଫାରୁକ୍‌ଙ୍କ କହିବା ଅନୁଯାୟୀ, ଏଠାରେ ମନ୍ଦିର କିମ୍ବା ମସ୍‌ଜିଦ କିମ୍ବା ଗୁରୁଦ୍ୱାରାର ପ୍ରଶ୍ନ ଉଠୁନାହିଁ। ବରଂ ରାଷ୍ଟ୍ରକୁ ନେଇ ଉଠୁଛି ପ୍ରଶ୍ନ। ଏହି ଦେଶରେ ଅନେକ ଧର୍ମର ଲୋକ ବସବାସ କରୁଛନ୍ତି ଏବଂ ସବୁ ଧର୍ମର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କିନ୍ତୁ ଭାଜପା ନେତାମାନେ ଭାବୁଛନ୍ତି ଭଗବାନ ରାମ ସେମାନଙ୍କୁ ନିର୍ବାଚନ ଜିତାଇଦେବେ। ଏହି ଚିନ୍ତାଧାରା ଯୋଗୁ ଗୈରିକ ଦଳ ନିର୍ବାଚନରେ ପରାଜିତ ହେବ। କାହିଁକିନା ବାସ୍ତବରେ ରାମ ନୁହେଁ ବରଂ ଲୋକେ ଭୋଟ ଦେବେ।

## ■ ଗଣତନ୍ତ୍ରର ସୁରକ୍ଷା ନାମରେ ମଞ୍ଚ ପ୍ରସ୍ତୁତି

# ଏମାନେ ଏକାଠି

ନୂଆଦିଲ୍ଲୀ,୧।୧୧

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ପାୱାର ଓ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା। ତିନିଜଣ ଯାକ ଗୋଟିଏ ଗୋଟିଏ ଦଳର ମୁଖିଆ। ଗଣତନ୍ତ୍ରର ସୁରକ୍ଷା ନାଁରେ ଗୁରୁବାର ଏକାଠି ହୋଇଛନ୍ତି ଏମାନେ। କାରଣ ପ୍ରତ୍ୟକ୍ଷ ଭାବେ ହେଉକି ପରୋକ୍ଷରେ ଜାତୀୟ ସ୍ତରର ତିନି ତୁଙ୍ଗ ଚେହେରାଙ୍କ ଶତ୍ରୁ ପାଲଟିଛି ଭାଜପା। କେନ୍ଦ୍ରରୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ହଟାଇ ନିଜ ନିଜ ରାଜ୍ୟରେ ଗୈରିକ ଦଳକୁ ନିଷ୍ପ୍ରଭ କରିବାକୁ ହେଲେ ଏକାଠି ହେବାକୁ ଏମାନେ ଏକପ୍ରକାର ବାଧ୍ୟ। ୨୦୧୯ ପୂର୍ବରୁ ରାଜନୀତିର ବାଧ୍ୟବାଧକତା ବିରୋଧୀଙ୍କୁ ଏକାଠି କରିବାରେ ଲାଗିଛି। ଏହି କ୍ରମରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସହ ମଧ୍ୟ ହାତ ମିଳାଇଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରବାବୁ।

ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଅଟଳ ଚନ୍ଦ୍ରବାବୁ ମାର୍ଚ୍ଚ ୧୬ରେ ଏନ୍‌ଡିଏର ହାତ ଛାଡ଼ିଥିଲେ। ବିଧାନସଭାର ବିରୋଧୀ ଦଳ ନେତା ତଥା ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀଙ୍କୁ ଧରି ଭାଜପା ଆନ୍ଧ୍ରପ୍ରଦେଶ ଦଖଲ କରିବାର ସ୍ୱପ୍ନ ଦେଖୁଛି। ସେପଟେ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ବିଗୁଲ ବାଜି ସାରିଛି। ତେଲେଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ଶେଷ ମୁହୂର୍ତ୍ତରେ

### ଚନ୍ଦ୍ରବାବୁ ଟାଣିବେ ବିରୋଧୀ ରଥ



ବା ନିର୍ବାଚନ ପରେ ଭାଜପାର ସମର୍ଥନ ନେବା ଅସମ୍ଭବ ନୁହେଁ। ତେଣୁ ଚନ୍ଦ୍ରବାବୁ ଆନ୍ଧ୍ର ଓ ତେଲେଙ୍ଗାନାରେ ନିଜ ହାତମୁଠାକୁ ଟାଣ କରିବା ଲାଗି ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ସାକ୍ଷାତ୍ ପରେ ଚନ୍ଦ୍ରବାବୁ କହିଛନ୍ତି, ଦେଶକୁ ରକ୍ଷା କରିବା ପାଇଁ ଅତୀତକୁ ଭୁଲି ସେମାନେ ଏକାଠି ହୋଇଛନ୍ତି। ଏକାଠି ହେବା ସେମାନଙ୍କ ଗଣତାନ୍ତ୍ରିକ ବାଧ୍ୟବାଧକତା ବୋଲି ଚନ୍ଦ୍ରବାବୁ ସ୍ୱୀକାର କରିଛନ୍ତି। ରାହୁଲ କହିଛନ୍ତି, ସମ୍ବିଧାନ, ଗଣତନ୍ତ୍ର ଓ ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଏହି ସାକ୍ଷାତ୍ ଏକ କାର୍ଯ୍ୟସୂଚୀ। ଭାଜପାକୁ ହରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ କାମ କରିବେ।

ରାହୁଲଙ୍କ ସହ ସାକ୍ଷାତ୍ ପୂର୍ବରୁ ଚନ୍ଦ୍ରବାବୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଓ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍ଦୁଲ୍ଲାଙ୍କୁ ଭେଟିଥିଲେ। ଏହି ସାକ୍ଷାତ୍‌କୁ ଜାତୀୟ ପୃଷ୍ଠଭୂମିରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କାରଣ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବିରୋଧୀ ଦଳଗୁଡ଼ିକୁ ଗୋଟିଏ ମଞ୍ଚରେ ଏକାଠି କରିବା ଦାୟିତ୍ୱ ଚନ୍ଦ୍ରବାବୁଙ୍କୁ ଦିଆଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଏକ ମିଳିତ ଖବରଦାତା ସମ୍ମିଳନୀରେ ଫାରୁକ୍ କହିଥିଲେ, ଗଣତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଦେଶ ଏକ ବିରାଟ ସଙ୍କଟ ଦେଇ ଗତି କରୁଛି। ଦେଶବାସୀ ବିପଦରେ ଅଛନ୍ତି। ଦେଶ ଭବିଷ୍ୟତର ସୁରକ୍ଷା ପାଇଁ ଏକ ସାମଗ୍ରିକ ସାମ୍ମୁଖ୍ୟ ଗଠନ ଦିଗରେ ସେମାନେ ମିଳିମିଶି କାମ କରିବେ। ଏଥିଲାଗି ଏକ ସର୍ବନିମ୍ନ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବ। ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପାକୁ ପ୍ରତିହତ କରିବା ଲାଗି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକୁ ଏକାଠି କରିବା ସକାଶେ ନେତାମାନଙ୍କ ସହ ଚନ୍ଦ୍ରବାବୁ ଆଲୋଚନା କରିବେ। ଖବରଦାତା ସମ୍ମିଳନୀରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ଏଥିରେ ସହମତି ପ୍ରକାଶ କରି ଅନୁରୂପ ମତପୋଷଣ କରିଥିଲେ। ସିବିଆଇ ଏବଂ ଆର୍‌ବିଆଇ ଭଳି ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି। ଏଭଳି ସମୟରେ ଅଣଭାଜପା ଦଳଗୁଡ଼ିକ ଏକାଠି ବସି ସମାଧାନର ପନ୍ଥା ବାହାର କରିବା ଉଚିତ ବୋଲି ପାୱାର କହିଥିଲେ।

ପ୍ରକାଶ ଯେ, ଅଣଭାଜପା ଦଳଗୁଡ଼ିକୁ ଏକାଠ କରିବା ପାଇଁ ସପ୍ତାହକ ମଧ୍ୟରେ ଏହା ହେଉଛି ଚନ୍ଦ୍ରବାବୁଙ୍କ ଦ୍ୱିତୀୟ ନୂଆଦିଲ୍ଲୀ ଗସ୍ତ। ଗତ ୨୭ରେ ସେ ବିଏସ୍‌ପି ସୁପ୍ରିମୋ ମାୟାବତୀ, ପୂର୍ବତନ ଭାଜପା ନେତା ଯଶୱନ୍ତ ସିହ୍ନା, ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଏଲ୍‌ଜେଡି ମୁଖ୍ୟ ଶରଦ ଯାଦବ ଓ ଅନ୍ୟ କେତେଜଣ ସମଭାବାପନ୍ନ ନେତାଙ୍କୁ ଭେଟି ୨୦୧୯ ପାଇଁ ବିରୋଧୀ ମଞ୍ଚର କ୍ଷେତ୍ର ପ୍ରସ୍ତୁତ କରିଥିବା ଜଣାପଡ଼ିଛି।



"୨୦୧୯ରେ ଭାଜପାକୁ ହରାଇବା ଲାଗି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏକ ସର୍ବନିମ୍ନ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବ । ଏଥିପାଇଁ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କୁ ଦାୟିତ୍ୱ ଦିଆଯାଇଛି ।

- ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ

"ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ହେଉଥିବା ଲଗାତର ଆକ୍ରମଣକୁ ବନ୍ଦ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି କାମ କରିବେ । ବେକାରି ସମସ୍ୟା ଓ ରାଫାଲ୍ ଯୁଦ୍ଧବିମାନ ଚୁକ୍ତିରେ ଦୁର୍ନୀତି ଭାଜପା ବିରୋଧରେ ସବୁଠୁ ବଡ଼ ଅସ୍ତ୍ର ପାଲଟିବ ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



"ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଚନ୍ଦ୍ରବାବୁଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ । ଦେଶରେ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଶକ୍ତିଗୁଡ଼ିକୁ ଏକତ୍ରିତ କରିବା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

- ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ

## ଟଳିଲେ ୨ ଲଶ୍କର ଆତଙ୍କବାଦୀ

ଶ୍ରୀନଗର,୧।୧୧(ପି.ଟି.)

ଜମ୍ମୁ-କଶ୍ମୀରର ବଡଗାମ୍ ଜିଲାରେ ଗୁରୁବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଜଣେ ଯବାନ ମଧ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ଖାନାସାହିବ ଅଞ୍ଚଳର ଜାଗୁରେ ଆତଙ୍କବାଦୀ ଲୁଚିରହିଥିବା ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷାକର୍ମୀମାନେ ସେଠାରେ ଘେରାବନ୍ଦୀ କରି ତଲାସି ଚଳାଇଥିଲେ। ଅପରେଶନ ବେଳେ ସନ୍ଧାନକାରୀ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀମାନେ ପାଲଟା ଜବାବ ଦେବାରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ମୁଖତାର ଅହମଦ ଖାନ ଏବଂ ମହମ୍ମଦ ଅମିନ ମିର୍ ନାମକ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟେ ଥିଲେ କଶ୍ମୀର ନିବାସୀ। ଉପତ୍ୟକାରେ ଘଟିଥିବା ଅନେକ ଆକ୍ରମଣ ଘଟଣା ସହ ଦୁହେଁ ସମ୍ପୃକ୍ତ ଥିଲେ ବୋଲି ଜଣାପଡ଼ିଛି। ସେହିପରି ଆହତ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଅନ୍ୟପଟେ ବଡ୍‌ଗାମ୍‌ରେ ଏକ ଗଣମାଧ୍ୟମ ସଂସ୍ଥାର ଆଉଟ୍‌ଡୋର ବ୍ରଡକାଷ୍ଟିଂ (ଓବି) ଭ୍ୟାନ୍ ଉପରକୁ ଟେକାମାଡ଼ ହୋଇଛି। ଏନ୍‌କାଉଣ୍ଟରସ୍ଥଳକୁ ଖବର ସଂଗ୍ରହ ପାଇଁ ଯିବାବେଳେ ଏହି ଘଟଣା ଘଟିଛି।

## ■ ଅଯୋଧ୍ୟା ବିବାଦ

## ସ୍ୱତନ୍ତ୍ର ବିଲ୍ ଆଗତ କରିବେ ଭାଜପା ଏମ୍‌ପି ସିହ୍ନା

ନୂଆଦିଲ୍ଲୀ,୧।୧୧(ପି.ଟି.)

ଉତ୍ତରପ୍ରଦେଶର ଅଯୋଧ୍ୟାରେ ଥିବା ବିବାଦୀୟ ଜମିକୁ ନେଇ ଲାଗିରହିଥିବା ବିବାଦର ସମାଧାନ ହୋଇପାରୁନାହିଁ। ମାମଲାର ଶୁଣାଣି ତାରିଖ ଗଡ଼ାଇ ଚାଲିଛନ୍ତି ସୁପ୍ରିମକୋର୍ଟ। ଏତିକିବେଳେ ରାମ ମନ୍ଦିର ନିର୍ମାଣ ଦାବି ଜୋର ଧରିଛି। ଏନେଇ ସରକାର ଏକ ଅଧ୍ୟାଦେଶ ଆଣନ୍ତୁ ବୋଲି ଅନେକେ ଅଡ଼ିବସିଛନ୍ତି। ଏହି କ୍ରମରେ ସାମିଲ ହୋଇ ଗୁରୁବାର ଭାଜପା ଏମ୍‌ପି ରାକେଶ ସିହ୍ନା କହିଛନ୍ତି, ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ସେ ଏକ ପ୍ରାଇଭେଟ ମେମ୍ବର ବିଲ୍ ଆଣିବେ। ଏଥିପାଇଁ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାମାନଙ୍କ ସମର୍ଥନ ଲୋଡ଼ିଛନ୍ତି।

ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁ ପ୍ରମୁଖ ଭାଜପା ଓ ଆର୍‌ଏସ୍‌ଏସ୍‌କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଏବେ ଏମାନେ ସେ ଆଣିବାକୁ ଥିବ ବିଲ୍‌କୁ ସମର୍ଥନ ଦେବେ କି ବୋଲି ରାଜ୍ୟ ସଭା ସଦସ୍ୟ ରାକେଶ ପ୍ରଶ୍ନ କରିଛନ୍ତି। ନିର୍ବାଚନ ପାଖେଇ ଆସିଲେ ଭାଜପା ଭଗବାନ ଶ୍ରୀରାମଙ୍କୁ ମନେପକାଏ ବୋଲି କଂଗ୍ରେସ ନେତା ରାଜୀବ ଶୁକ୍ଳା କହିଛନ୍ତି। ତେବେ ରାମ ମନ୍ଦିର ନିର୍ମାଣକୁ ସମର୍ଥନ ଜଣାଇଛନ୍ତି ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ସୋନବୋହୂ ଅପର୍ଣ୍ଣା ଯାଦବ।

### ରାମ ମନ୍ଦିର ନିର୍ମାଣକୁ ମୁଲାୟମ୍‌ଙ୍କ ବୋହୂ ଦେଲେ ସମର୍ଥନ



## ଫୁର୍‌ସତ

### ଇତିହାସର ଆଇନାରେ

### ନଭେମ୍ବର ୨ର ପ୍ରମୁଖ ଘଟଣା

#### ଏନ୍‌ଗୁଏନ୍ ଥିନ୍-ଥିଏନ୍‌ଙ୍କୁ ହତ୍ୟା

୧୯୬୩ ନଭେମ୍ବର ୨ରେ ଦକ୍ଷିଣ ଭିଏତ୍‌ନାମ ରାଷ୍ଟ୍ରପତି ଏନ୍‌ଗୁଏନ୍ ଥିନ୍-ଥିଏନ୍‌ଙ୍କୁ ସାମରିକ ବିଦ୍ରୋହ ଜରିଆରେ ହତ୍ୟା କରାଯାଇଥିଲା। ଦକ୍ଷିଣ ଭିଏତ୍‌ନାମର ସେ ଥିଲେ ପ୍ରଥମ ରାଷ୍ଟ୍ରପତି। ୧୯୫୫ରୁ ୧୯୬୩ ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ। ୧୯୫୪ରେ ଜେନେଭା ରାଜିନାମା ଅନୁସାରେ ଇଣ୍ଡୋଚାଇନା ଅଞ୍ଚଳରୁ ଫ୍ରାନ୍ସ ହଟିଯିବା ପରେ ଥିଏନ୍ ଭିଏତ୍‌ନାମ ରାଷ୍ଟ୍ର ଗଠନ ପାଇଁ ଉଦ୍ୟମ କରିଥିଲେ। ତେବେ ତାଙ୍କର କମ୍ୟୁନିଷ୍ଟ ବିରୋଧୀ ମନୋଭାବ ଯୋଗୁ ଆମେରିକା ଏ ଦିଗରେ ତାଙ୍କୁ ଦୃଢ଼ ସମର୍ଥନ କରିଥିଲା। ଶେଷରେ ସେ ଏହି ସଫଳତା ହାସଲ କରିଥିଲେ। ରାଷ୍ଟ୍ରପତି ହେବା ପରେ ସେ ବୌଦ୍ଧ ଧର୍ମାବଲମ୍ବୀଙ୍କ ବିରୋଧରେ ଦମନମୂଳକ ନୀତି ଗ୍ରହଣ କରିବାରୁ ସେ ଆମେରିକା ସମର୍ଥନ ହରାଇଥିଲେ।

#### ପ୍ରଥମ କମ୍ପ୍ୟୁଟର୍ ୱାର୍ମର ଆବିର୍ଭାବ

୧୯୮୮ ନଭେମ୍ବର ୨ରେ 'ମୋରିସ୍ ୱାର୍ମ' ନାମରେ ଇଣ୍ଟରନେଟ୍‌ରେ ପ୍ରଥମ ୱାର୍ମ (ଏକ ପ୍ରକାରର ଭାଇରସ୍) ବିଶ୍ୱବାସୀଙ୍କ ସମ୍ମୁଖରେ ଆବିର୍ଭାବ ହୋଇଥିଲା। ଆମେରିକାର କର୍ନେଲ୍ ୟୁନିଭର୍ସିଟିର ସ୍ନାତକ ଛାତ୍ର ରବର୍ଟ ଟପ୍ପାନ୍ ମୋରିସ୍ ମାସାଚୁସେଟ୍ସ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ଏକ କମ୍ପ୍ୟୁଟର ସିଷ୍ଟମ୍‌ରୁ ଏହାକୁ ପ୍ରଥମେ ପ୍ରସାର କରିଥିଲେ। ରବର୍ଟ ମୋରିସ୍‌ଙ୍କ ଅନୁଯାୟୀ ଏହି ୱାର୍ମ କମ୍ପ୍ୟୁଟର କିମ୍ବା ବ୍ୟବହାରକାରୀଙ୍କ କିଛି କ୍ଷତି ଘଟାଇବ ନାହିଁ। କିନ୍ତୁ ଏହା ଇଣ୍ଟରନେଟ୍ ପ୍ରବାହର ଆକାର ଏବଂ ଗତିକୁ ପ୍ରଭାବିତ କରିବ। ବିଶ୍ୱରେ ଏହା ଚର୍ଚ୍ଚାର ଶିରୋନାମା ପାଲଟିଥିଲା।

### ହରିଦ୍ୱାରରେ 'ଜ୍ଞାନକୁମ୍ଭ' ସମ୍ମିଳନୀ

**ଡେରାଡୁନ୍:** ନଭେମ୍ବର ୩ରେ ହରିଦ୍ୱାରଠାରେ ଦୁଇଦିନିଆ 'ଜ୍ଞାନକୁମ୍ଭ' ସମ୍ମିଳନୀ ଅନୁଷ୍ଠିତ ହେବ। ଦେଶର ୧୮ଟି ରାଜ୍ୟର ଶିକ୍ଷାମନ୍ତ୍ରୀ ଏଥିରେ ଅଂଶଗ୍ରହଣ କରି ଉଚ୍ଚଶିକ୍ଷାର ମାନବୃଦ୍ଧି ସମ୍ପର୍କରେ ଆଲୋଚନା କରିବେ। ପତଞ୍ଜଳି ଯୋଗପୀଠରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଦ୍‌ଘାଟନ କରିବେ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ପ୍ରକାଶ କରିଛନ୍ତି। ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ, ନୀତି ପ୍ରସ୍ତୁତକାରୀ, ବିଶ୍ୱବିଦ୍ୟାଳୟ କୁଳପତି, କଲେଜ ଅଧ୍ୟକ୍ଷ, ଗବେଷକ ଏବଂ କେତେକ ଛାତ୍ରଙ୍କୁ ନେଇ ପାଖାପାଖି ୧୮୦୦ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିବେ। ୫ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ସମ୍ମିଳନୀରେ ଉପସ୍ଥିତ ରହିବେ।

### ମିଶନ୍ ଗଙ୍ଗା: କଢ଼ାହେଲା ୫୫ଟନ୍ ଆବର୍ଜନା

**ଜାମସେଦପୁର:** ଗଙ୍ଗା ସଫେଇ ଅଭିଯାନରେ ମାସକ ମଧ୍ୟରେ ୫୫ଟନ୍ ଆବର୍ଜନା କଢ଼ାଯାଇପାରିଛି। ଏହି ଅଭିଯାନରେ ସାମିଲ ୪୦ଜଣିଆ ଟିମ୍‌ର ନେତୃତ୍ୱ ନେଇଥିବା ଏଭରେଷ୍ଟ ଆରୋହଣକାରୀ ବଚେନ୍ଦ୍ରୀ ପାଲ୍ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ହରିଦ୍ୱାରଠାରୁ ପାଟ୍‌ନା ମଧ୍ୟରେ ଦୀର୍ଘ ୧୫୦୦କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ଗଙ୍ଗା ପ୍ରଦୂଷିତ ହୋଇପଡ଼ିଛି। ଗତ ଅକ୍ଟୋବର ୫ରେ ହରିଦ୍ୱାରଠାରୁ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ପାଖାପାଖି ମାସେ ମଧ୍ୟରେ ୫୫ଟନ୍ ଅଳିଆ କଢ଼ାଯାଇପାରିଥିବା ସେ ପ୍ରକାଶ କରିଥିଲେ। ୧୯୮୪ରେ ଦେଶର ପ୍ରଥମ ମହିଳା ଭାବରେ



ବଚେନ୍ଦ୍ରୀ ପାଲ୍ ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟର ଶିଖର ଦେଶରେ ପହଞ୍ଚି ପାରିଥିଲେ। ଉକ୍ତ ଟିମ୍ ଗଙ୍ଗା ସଫେଇ ପାଇଁ ଅକ୍ଟୋବର ୧ରେ ଜାମସେଦପୁରଠାରୁ ଯାତ୍ରା ଆରମ୍ଭ କରିଥିଲା। କଢ଼ାଯାଉଥିବା ଅଳିଆ ଆବର୍ଜନାକୁ ୭ଟି ପୌରସଂସ୍ଥା ଯଥାସ୍ଥାନରେ ପକାଇବାର ବ୍ୟବସ୍ଥା କରିଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କ ସହିତ ସାମିଲ ହୋଇଥିଲେ ସ୍ଥାନୀୟ ଲୋକ ଏବଂ ଛାତ୍ରୀଛାତ୍ର। ନିର୍ମଳ ଗଙ୍ଗାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଟିମ୍‌ରେ ସାମିଲ ଥିଲେ ଏଭରେଷ୍ଟ ଆରୋହଣକାରୀ ପ୍ରେମଲତା ଅଗ୍ରୱାଲ୍, ହେମନ୍ତ ଗୁପ୍ତା, ବିନୀତା ସୋରେନ୍ ପ୍ରମୁଖ। ଉକ୍ତ ଟିମ୍ ବିଜ୍‌ନୋରଠାରୁ ଆରମ୍ଭ କରି ଫାରୁଖାବାଦ୍, କାନପୁର, ଆଲ୍ଲାହାବାଦ୍, ବାରାଣସୀ, ବକ୍ସାର ଏବଂ ପାଟ୍‌ନା ପର୍ଯ୍ୟନ୍ତ ଗଙ୍ଗା ସଫେଇ କରିଥିଲେ। ଏହି ଅଭିଯାନର ଆୟୋଜକ ଟାଟା ଷ୍ଟିଲ୍‌ର ୨୬ କର୍ମଚାରୀ ମଧ୍ୟ ସାମିଲ ଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଅନ୍ୟ କେତେକ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୧ | ୨୦.୨ |
| ଚାନ୍ଦବାଲି | ୨୯.୯ | ୨୨.୨ |
| କଟକ | ୩୧.୫ | ୨୦.୨ |
| ପାରାଦ୍ୱୀପ | ୩୧.୦ | ୨୨.୭ |
| ଭୁବନେଶ୍ୱର | ୩୨.୪ | ୨୧.୦ |
| ଗୋପାଳପୁର | ୩୩.୬ | ୨୨.୧ |
| ପୁରୀ | ୩୨.୦ | ୨୨.୬ |
| ଅନୁଗୋଳ | ୩୧.୧ | ୧୮.୬ |
| ବାରିପଦା | ୨୯.୬ | ୨୧.୨ |
| ଝାରସୁଗୁଡ଼ା | ୩୨.୪ | ୨୦.୯ |
| କେନ୍ଦୁଝର | ୨୮.୯ | ୧୮.୯ |
| ସମ୍ବଲପୁର | ୩୨.୬ | ୨୧.୪ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୧ | ୨୧.୯ |
| ତାଳଚେର | ୩୩.୫ | ୨୧.୫ |
| ଭବାନୀପାଟଣା | ୩୦.୦ | ୧୮.୦ |
| ବଲାଙ୍ଗୀର | ୩୨.୦ | ୨୧.୫ |
| କୋରାପୁଟ | ୩୦.୬ | ୧୫.୨ |
| ଫୁଲବାଣୀ | ୨୮.୫ | ୧୬.୬ |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୩.୬ | ୨୦.୪ |
| ଦାରିଙ୍ଗିବାଡ଼ି | ୨୭.୫ | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### 'ବାଟ୍‌ଲା ହାଉସ୍'ରେ ଅଭିନୟ ପାଇଁ ଉତ୍ସାହିତ



ନୋରା ଫତେହୀ

**ମୁମ୍ବାଇ:** ଆଗାମୀ ଫିଲ୍ମ 'ବାଟ୍‌ଲା ହାଉସ୍'ରେ ଅଭିନୟ କରିବା ପାଇଁ ଅଭିନେତ୍ରୀ ନୋରା ଫତେହୀ ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଶୁକ୍ରବାର ଟୁଇଟ୍ କରି ଜଣାଇଛନ୍ତି ଯେ, ସେ ନିର୍ମାଣ ହେବାକୁ ଯାଉଥିବା ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏଥିରେ ତାଙ୍କ ସହ-କଳାକାର ଭାବରେ ଅଭିନୟ କରୁଛନ୍ତି ଜନ୍ ଆବ୍ରାହାମ୍। ଏଥିରେ ଅଭିନୟର ସୁଯୋଗ ପାଇ ସେ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଏଥିସହ ନିଖିଲ ଆଡଭାନୀ, ଭୂଷଣ କୁମାରଙ୍କ ସହିତ ସେ ଏକାଠି ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଏହି ଫିଲ୍ମ ଏକ ବୀରତ୍ୱପୂର୍ଣ୍ଣ କାହାଣୀ ଉପରେ ପ୍ରସ୍ତୁତ ହେବାକୁ ଯାଉଥିବା ସେ ପ୍ରକାଶ କରିଛନ୍ତି। ନୋରା ଦ୍ୱିତୀୟଥର ପାଇଁ ଜନ୍‌ଙ୍କ ସହିତ ଅଭିନୟ କରିବାକୁ ଯାଉଛନ୍ତି। 'ସତ୍ୟମେବ ଜୟତେ' ଫିଲ୍ମର 'ଦିଲ୍‌ବର ଦିଲ୍‌ବର' ଗୀତରେ ଉଭୟଙ୍କୁ ସ୍କ୍ରିନ୍‌ରେ ଦେଖିବାକୁ ମିଳିଥିଲା।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

### ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# କଟକରେ ୬୮ ବାର୍ ପ୍ରତିନିଧିଙ୍କ ମେଳି

- ହାଇକୋର୍ଟ ବାର୍ ଉପରେ ନିଷ୍ପତ୍ତି ଛାଡ଼ିଲେ
- ଆଜି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

**କଟକ ଅଫିସ, ୧।୧୧**

ପୋଲିସ-ଆଇନଜୀବୀ ବିବାଦ ଥମିବାର ନାଁ ଧରୁନି। ଆଇନଜୀବୀମାନେ ନିଜ ଦାବିକୁ ନେଇ ଅଟଳ ରହିବା ସହ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଇତିମଧ୍ୟରେ ରାଜନୈତିକ ହସ୍ତକ୍ଷେପ ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ଏହାକୁ ନେଇ ଉପୁଜିଥିବା ପରିସ୍ଥିତିର ତୁରନ୍ତ ସମାଧାନ ପାଇଁ ସବୁ ମହଲରୁ ସ୍ୱର ଉଠିବାରେ ଲାଗିଛି। ଏପରି ସ୍ଥଳେ ଆନ୍ଦୋଳନର ଭବିଷ୍ୟତ ରୂପରେଖ ନେଇ ଗୁରୁବାର କଟକରେ ଏକାଠି ହୋଇଥିଲେ ରାଜ୍ୟର ୬୮ଟି ବାର୍‌ର ପ୍ରତିନିଧି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆସୋସିଏଶନ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପାଖାପାଖି ୫ ଘଣ୍ଟା ଧରି ଆନ୍ଦୋଳନ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ରାଜ୍ୟର ବିଭିନ୍ନ ବାର୍‌ରୁ ଆସିଥିବା ପ୍ରତିନିଧିମାନେ ସେମାନଙ୍କ ମତ ରଖିବା ସହ ହାଇକୋର୍ଟ ବାର୍ ଆସୋସିଏଶନ ଉପରେ ନିଷ୍ପତ୍ତି ଛାଡ଼ିଥିଲେ। କାର୍ଯ୍ୟବନ୍ଦ ଆନ୍ଦୋଳନ ଆଗକୁ ଜାରି ରହିବ କି ନାହିଁ ସେ ନେଇ ଶୁକ୍ରବାର ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବୈଠକରେ ନିଷ୍ପତ୍ତି ନିଆଯିବ। ଉକ୍ତ ନିଷ୍ପତ୍ତିକୁ ଅନ୍ୟ ବାର୍‌ଗୁଡ଼ିକ ଗ୍ରହଣ କରିବେ ବୋଲି ବୈଠକରୁ ଜଣାପଡ଼ିଛି। ତେବେ ଅଧିକାଂଶ ବାର୍‌ର ପ୍ରତିନିଧି ଅଭିଯୁକ୍ତ ପୋଲିସଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରଖିବାକୁ ମତ ଦେଇଥିଲେ।

ସୂଚନାଥାଉକି, ଅଗଷ୍ଟ ୨୮ରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ୩୦୭ ଦଫାରେ ଗିରଫ ପାଇଁ ଆଇନଜୀବୀମାନେ ଅଡି ବସିଥିଲେ। ମାତ୍ର ପୋଲିସ କୋହଳ ଦଫା ଲଗାଇଥିବା ଅଭିଯୋଗ କରି ଆଇନଜୀବୀମାନେ ଅଗଷ୍ଟ ୨୯ ରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ଇତିମଧ୍ୟରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆନ୍ଦୋଳନରୁ ଓହରିଯିବା ପରେ ସୋମବାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇ ୭ରୁ ଊର୍ଦ୍ଧ୍ୱ ଆହତ ଥିଲେ।













## ସଂକ୍ଷେପରେ

ଶୀତ ଗାଏବ

### ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେବ ଆଭ୍ୟନ୍ତରୀଣ ଜିଲାଗୁଡିକରେ ଶୀତର ପ୍ରକୋପ ଆରମ୍ଭ ହୋଇଥିଲା। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଥିଲା। ତେବେ ପାଗରେ ପରିବର୍ତ୍ତନ ଯୋଗୁ ପାରଦ ପୁଣି ଉପର ମୁହାଁ ହୋଇଛି । ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହୁଛି। ସେହିପରି ଦିନର ତାପମାତ୍ରା ୩୩ ଡିଗ୍ରୀକୁ ମଧ ଟପି ଯାଉଛି। ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ ତାପମାତ୍ରା ତଳକୁ ଖସୁ ନାହିଁ । ଏଭଳି ପାଗ ଆହୁରି ୪/ ୫ ଦିନ ରହିବ ବୋଲି ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୫.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୬.୬, ଭବାନୀପାଟଣାରେ ୧୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ଘଣ୍ଟା ମଧରେ କୋରାପୁଟ, ମାଲକାନଗିରି ସମେତ ଦକ୍ଷିଣ ଓଡିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଆସନ୍ତା ୪ ତାରିଖ ଯାଏ ଉତ୍ତର ଏବଂ ଆଭ୍ୟନ୍ତରୀଣ ଜିଲାଗୁଡିକର କେତେକ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ସାତକୋଶିଆ ଅଞ୍ଚଳରୁ ଫେରିଲା ଭାଜପା ପ୍ରତିନିଧି ଦଳ

ବ୍ରିଟିଶ ଶାସନଠାରୁ ବଳିଯାଇଛି ପୋଲିସ

**ଭୁବନେଶ୍ୱର, ୧।୧୧(ବ୍ୟୁରୋ):** ସାତକୋଶିଆ ଅଞ୍ଚଳରେ ଏବେ ସୁନ୍ଦରୀ ବାଘୁଣୀ ଅପେକ୍ଷା ଲୋକମାନଙ୍କୁ ପୋଲିସ ବେଶି ଡରାଉଛି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ସାତକୋଶିଆ ଅଞ୍ଚଳ ପରିଦର୍ଶନ ପାଇଁ ଯାଇଥିବା ପ୍ରତିନିଧି ମଣ୍ଡଳୀ ଫେରିବା ପରେ ଏଭଳି ମତ ରଖିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଲୋକମାନଙ୍କ ବିରୋଧରେ ମିଛ ମାମଲା ଦାଏର କରି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଉପାୟରେ ପୋଲିସ ଗିରଫ କରି ଭୟର ବାତାବରଣ ସୃଷ୍ଟି କରୁଛି । ଦୁଇଟି ଜୀବନ ଯିବା ସତ୍ତ୍ୱେ ଗାଁକୁ ଏବେ ସୁଦ୍ଧା କୌଣସି ସରକାରୀ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ପାଦ ନ ପଡିବା ନିନ୍ଦନୀୟ । ଗତ ବୁଧବାର ଭାଜପା ପ୍ରତିନିଧିମଣ୍ଡଳୀ ସାତକୋଶିଆ ଅଞ୍ଚଳ ଗସ୍ତ କରିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ । ଦୁଇଜଣଙ୍କୁ ଉକ୍ତ ଅଞ୍ଚଳରେ ବାଘୁଣୀ ସୁନ୍ଦରୀ ହତ୍ୟା କରିବା ପରେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ସେହି ଅଞ୍ଚଳକୁ କୌଣସି ସରକାରୀ ଅଧିକାରୀ ଯାଇ ନ ଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଲୋମାନେ ପ୍ରତିକ୍ରିୟାଶୀଳ ହୋଇ ଆନ୍ଦୋଳନ କରିବା ପରେ ମିଛ ମାମଲାରେ ଛନ୍ଦି ଲୋକମାନଙ୍କୁ ଗିରଫ କରାଯାଉଛି। ଏହି ବିଷୟ ଅଧିକ ଦୁଃଖଦାୟକ। ସାତକୋଶିଆ ଅଞ୍ଚଳରେ ଏବେ ଦିନରେ ବାଘ ଭୟ ଏବଂ ରାତିରେ ପୋଲିସ ଭୟ, ଅହରହ ବିଦ୍ୟୁତ କାଟ୍ ଆଦିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବ୍ରିଟିଶ ଶାସନଠାରୁ ବିଜେଡି ସରକାରର ଶାସନ ବଳିଯାଉଛି ବୋଲି ସ୍ଥାନୀୟ ଲୋକେ କହିଥିବା ସେ ଅଭିଯୋଗ କରିଛନ୍ତି। ଟାଇଁସ ଗାଁରେ ପ୍ରଥମେ ବିଜେଡି ନେତା ବଳଭଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଜପଥ ବନ୍ଦ କରାଗଲା। ହେଲେ ପୋଲିସ ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନଙ୍କୁ ଗିରଫ କରି ଜେଲ୍ କାହିଁକି ପଠାଇଛି ବୋଲି ସମୀର ପ୍ରଶ୍ନ କରିଛନ୍ତି ।

## ଆର୍‌ବିଆଇ ବନାମ କେନ୍ଦ୍ର ସରକାର

# ବିବାଦକୁ ନେଇ ୪ଟି ଅସମାହିତ ପ୍ରଶ୍ନ

**ନୂଆଦିଲ୍ଲୀ,୧।୧୧**

କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦ ଏବେ ସାର୍ବଜନୀନ ହୋଇଗଲାଣି। ତେବେ ଲୋକଲୋଚନରୁ କିପରି ଦୂରେଇ ହେବ ସେ ନେଇ ଏବେ ଉଭୟପକ୍ଷ ଯଥାସାଧ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏଭଳି ସ୍ଥିତିରେ ୪ଟି ଅସମାହିତ ପ୍ରଶ୍ନର ଉତ୍ତର ଖୋଜା ଆରମ୍ଭ ହୋଇଛି। ଦୁଇ ପକ୍ଷ କିଭଳି ପରବର୍ତ୍ତୀ ପଦକ୍ଷେପ ନେବେ ଏହି ପ୍ରଶ୍ନର ଉତ୍ତର ହିଁ ତାହା ଦିଗଦର୍ଶନ ଦେବ ବୋଲି ମନେ କରାଯାଉଛି।



ଅରୁଣ ଜେଟ୍‌ଲୀ



ଉର୍ଜିତ ପଟେଲ

**ଆର୍‌ବିଆଇ ବୋର୍ଡରେ ସଂସ୍କାର ହେବା ଜରୁରୀ ନୁହେଁ କି**

ରିଜର୍ଭ ବ୍ୟାଙ୍କର କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ ହୋଇଛି ଯେ, ଶୀର୍ଷ ଅଧିକାରୀଙ୍କ କାର୍ଯ୍ୟରେ ସହମତି ପ୍ରକାଶ କରୁଥିବା ଏଭଳି ଏକ ବୋର୍ଡ ଗଠନ କରାଯାଉ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଚାହୁଁଛି। ଏଭଳି ବୋର୍ଡ ଗଭର୍ନରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନଚିହ୍ନ ଲଗାଇପାରିବନି। ବୋର୍ଡରେ ଥିବା ସ୍ୱାଧୀନ ସଦସ୍ୟ ଗଭର୍ନରଙ୍କ ଗୋଟିଏ କିମ୍ବା ଦୁଇଟି କାର୍ଯ୍ୟରେ ସହମତ କିମ୍ବା ଅସହମତ ହୋଇପାରନ୍ତି। ଅସହମତି କ୍ଷେତ୍ରରେ ନିଜର ମନୋଭାବ ପ୍ରକାଶ କରିବାର ଅଧିକାର ତାଙ୍କର ରହିବନି କାହିଁକି? ଏଭଳି ସ୍ଥିତିରେ ସ୍ୱାଧୀ ନିର୍ଦ୍ଦେଶକଙ୍କର କ'ଣ କରିବା ଉଚିତ୍? ଆର୍‌ବିଆଇର କାର୍ଯ୍ୟକଳାପ ଉପରେ ନଜର ରଖିଥିବା ବିଶେଷଜ୍ଞଙ୍କ କହିବାନୁଯାୟୀ କେନ୍ଦ୍ରୀୟ ଏଭଳି ଏକ ବୋର୍ଡ ଚାହୁଁଛି ଯିଏକି ଆର୍‌ବିଆଇ ଭିତରୁ ଗଠନ ହେଉ। ଏଥିରେ କୌଣସି ବାହାର ସଦସ୍ୟ ରହିବେନି। ଏଭଳି ଏକ ବୋର୍ଡ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଆର୍‌ବିଆଇ ଖୁସି ହେବ।

**ସରକାର ଆର୍‌ବିଆଇ ଆଇନର ଧାରା ୭ ଲାଗୁ କରିବା ଉଚିତ୍ କି**

ଏହା ଉପର ଲିଖିତ ପ୍ରଶ୍ନ ସହ ଜଡିତ। ଆର୍‌ବିଆଇର ପଦକ୍ଷେପ ଉପରେ କେନ୍ଦ୍ର ସରକାରଙ୍କ ଆପତ୍ତି ଥିଲେ ବିବାଦ ଉପୁଜିବା ନିଶ୍ଚିତ। ଏଭଳି ସ୍ଥିତିରେ ସରକାର ଧାରା ୭ ବ୍ୟବହାର କରିବାକୁ ବିଚାର କରିପାରିବେ। ଏହାଦ୍ୱାରା କେନ୍ଦ୍ରୀୟ ବ୍ୟାଙ୍କକୁ ସରକାର ନିଜ ଇଚ୍ଛାମୁତାବକ ନିର୍ଦ୍ଦେଶ ଦେଇପାରିବେ। ଯଦି ଆର୍‌ବିଆଇ ପାରମ୍ପରିକ ଢାଞ୍ଚାରେ ନିଷ୍ପତ୍ତି ନିଅନ୍ତି ତେବେ ସରକାରଙ୍କୁ ଉକ୍ତ ଧାରା ଲାଗୁ କରିବାର ବିକଳ୍ପ ମିଳିଯାଉଛି।

**ସରକାର ଯାହା ଚାହୁଁଛନ୍ତି ଠିକ୍ କି (ପାର୍ଟ–୧)**

ସଙ୍କଟଗ୍ରସ୍ତ ଶକ୍ତି ପ୍ରକଳ୍ପଗୁଡିକ ବିରୋଧରେ ନିୟମ ଲାଗୁ କରିବାରେ କୋହଳ ନୀତି ଆପଣାଯାଉ ବୋଲି ସରକାର ଚାହୁଁଛନ୍ତି। ସେମାନଙ୍କୁ ଦେବାଳିଆ ଅଦାଲତକୁ ପଠା ନ ଯାଉ। ଏହାଦ୍ୱାରା ଅର୍ଥନୀତିକୁ ଫାଇଦା ମିଳିବ। ଏବେ ସରକାରଙ୍କ ଇଚ୍ଛାକୁ ରିଜର୍ଭ ବ୍ୟାଙ୍କ ଦୃଷ୍ଟିରୁ ଦେଖାଯାଉ। ଶକ୍ତି ପ୍ରକଳ୍ପ ଗୁଡିକ ପାଇଁ ନୀତି କୋହଳ କରାଗଲେ ଅନ୍ୟ ସେକ୍ଟରଗୁଡିକ ମଧ ସମାନ ଦାବି କରିବେ। ଭାରତ ଭଳି ଦେଶରେ ବଡ଼ ଉଦ୍ୟୋଗପତି ସର୍ବଦା କଟକଣା କୋହଳ ହେଉ ବୋଲି ଦାବି କରନ୍ତି। ସେମାନେ ଏଭଳି ପଦକ୍ଷେପକୁ ଚାହିଁ ବସିଛନ୍ତି। ଆର୍‌ବିଆଇ ଏହା ଚାହୁଁନାହିଁ। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ସମ୍ପୂର୍ଣ୍ଣ ଠିକ୍ ତାହା ଏବେ କହିହେବ ନାହିଁ। କାରଣ ଦେବାଳିଆ ଆଇନ ଏବେ ବାଲ୍ୟାବସ୍ଥାରେ ରହିଛି। ଏହାକୁ ଦୃଢ଼ ପାଳନ କରାଯିବାର ଆବଶ୍ୟକତା ରହିଛି।

**ସରକାର ଯାହା ଚାହୁଁଛନ୍ତି ତାହା ଠିକ୍ କି (ପାର୍ଟ–୨)**

ସରକାର ଚାହୁଁଛନ୍ତି ଆର୍‌ବିଆଇ ନିୟମ କୋହଳ କରୁ। ଏହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗଗୁଡିକୁ ଅଧିକ ଋଣ ମିଳିବ। ସରକାର ଏବଂ ଆର୍‌ବିଆଇ ବୋର୍ଡର କିଛି ସ୍ୱାଧୀନ ନିର୍ଦ୍ଦେଶକଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପ ନିୟମକୁ କୋହଳ କରନ୍ତୁ। ଏହାଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୧୦ ହଜାରରୁ ଅଧିକ ଲଘୁ ଉଦ୍ୟୋଗକୁ ସହଜରେ ଋଣ ଦେଇପାରିବ। ଦେଶରେ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗଗୁଡିକ କୁଶଳ ଏବଂ ଅର୍ଦ୍ଧକୁଶଳ କାରିଗରଙ୍କୁ ରୋଜଗାର ଦେଇଥାଏ। କିନ୍ତୁ ଏଥିପାଇଁ ସେମାନଙ୍କୁ ଅଧିକ ପୁଞ୍ଜିର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଆର୍‌ବିଆଇ ପିସିଏ ନିୟମକୁ କୋହଳ କରିବାକୁ ଚାହୁଁନାହିଁ। କାରଣ ଦୁର୍ବଳ ହୋଇପଡିଥିବା ବ୍ୟାଙ୍କଗୁଡିକ ନିର୍ବିଚାରରେ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗଗୁଡ଼ିକୁ ଋଣ ବାଣ୍ଟି ଚାଲିବେ ବୋଲି ଆର୍‌ବିଆଇ ଆଶଙ୍କା ବ୍ୟକ୍ତ କରିଛି। ଏହାଦ୍ୱାରା ଋଣ ସଙ୍କଟ ଆହୁରି ଗୁରୁତର ହେବ। ତେବେ ଏ କ୍ଷେତ୍ରରେ ସରକାର ଓ ଆର୍‌ବିଆଇ ନିଜ ନିଜ ସ୍ଥାନରେ ଯଥାର୍ଥ। ଏହାର ସମାଧାନ ପାଇଁ ଦୁଇଟି ବାଟ ରହିଛି। ପ୍ରଥମତଃ ସରକାର ଏଥିପାଇଁ ବ୍ୟାଙ୍କଗୁଡ଼ିକୁ ପର୍ଯ୍ୟାପ୍ତ ପୁଞ୍ଜି ଦେବେ। ପିସିଏ ନିୟମ ପାଳନ କରି ବ୍ୟାଙ୍କଗୁଡିକ ଋଣ ଦେବେ। ଦ୍ୱିତୀୟତଃ ନଗଦ ସଙ୍କଟ ଦୂର କରିବା ଲାଗି ଆର୍‌ବିଆଇକୁ ସ୍ୱତନ୍ତ୍ର ୱିଣ୍ଡୋ ଖୋଲିବାକୁ ହେବ। ଅନ୍ୟପକ୍ଷରେ ଋଣ ଦେବା ଚକ୍କରରେ ସରକାର ବ୍ୟାଙ୍କକୁ ଅଧିକ ପୁଞ୍ଜି ଦେଇ ନିଜର ବିତ୍ତୀୟ ପରିମାଣକୁ ବିଗାଡିବାକୁ ଚାହାନ୍ତି ନାହିଁ। ଏପରି ସ୍ଥିତିରେ ଏକ ଅତ୍ୟନ୍ତ କଠିନ ପ୍ରଶ୍ନ ହୋଇ ଛିଡା ହୋଇଛି।

ଏଭଳି ସ୍ଥିତିରେ ଉକ୍ତ ୪ଟି ପ୍ରଶ୍ନର ଉତ୍ତର କିପରି ମିଳିବ କେହି ଜାଣି ନାହାନ୍ତି। ତେବେ ସରକାର ଓ ଆର୍‌ବିଆଇର ବିବାଦର ପରିଣାମ କ'ଣ ହେବ ତାହା ଉକ୍ତ ୪ଟି ପ୍ରଶ୍ନର ଉତ୍ତର ଉପରେ ନିର୍ଭର କରୁଛି।

# ଜଗାବଳିଆଙ୍କ ଚିକିତ୍ସା ଓଡ଼ିଶାରେ କରାଇବାକୁ ଅନୁରୋଧ

**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

ଜଗା ବଳିଆଙ୍କ ମା'ବାପା ଆଉ ଦିଲ୍ଲୀରେ ରହିବାକୁ ଚାହୁଁନାହାନ୍ତି। ଦୁଇ ପୁଅଙ୍କୁ ଦିଲ୍ଲୀରୁ ଆଣି ଓଡ଼ିଶାରେ ଚିକିତ୍ସା କରିବାକୁ ସେମାନେ ଇଚ୍ଛା କରିଛନ୍ତି। ତେଣୁ ରାଜ୍ୟରେ କୌଣସି ସରକାରୀ ଡାକ୍ତରଖାନାରେ ଜଗାବଳିଆଙ୍କ ଚିକିତ୍ସା ବ୍ୟବସ୍ଥା କରାଇବାକୁ ସେମାନଙ୍କ ବାପା ଭୂୟାଁ କଅଁର ଗୁରୁବାର ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ପୂର୍ବରୁ ଜଗା ବଳିଆଙ୍କୁ ଓଡ଼ିଶା ନେଇ ଚିକିତ୍ସା କରିବାକୁ ଦିଲ୍ଲୀ ଏମ୍ସ ପକ୍ଷରୁ କୁହାଯାଇଥିଲା। ତେବେ ଓଡ଼ିଶା ଫେରାଇ ଆଣିବା ପୂର୍ବରୁ ରାଜ୍ୟ ସରକାର ଜଗା ବଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ଲାଗି କଟକ ଏସ୍‌ସିବି ଏବଂ ଭୁବନେଶ୍ୱର ଏମ୍ସର ୮ ଜଣିଆ ଡାକ୍ତରୀ ଦଳକୁ ଦିଲ୍ଲୀ ପଠାଇଥିଲେ। ଓଡ଼ିଶା ଆଣି ସେମାନଙ୍କ ଚିକିତ୍ସା କରାଯାଇ ପାରିବ ନା ନାହିଁ ସେନେଇ ଡାକ୍ତରୀ ଦଳ ଦିଲ୍ଲୀ ଯାଇ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଥିଲେ। ଦିଲ୍ଲୀରୁ ଡାକ୍ତରୀ ଦଳ ଫେରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟକୁ ଭିତ୍ତିକରି ଆଉ କିଛିମାସ ଜଗାବଳିଆଙ୍କୁ ଦିଲ୍ଲୀ ଏମ୍‌ସରେ ରଖି ଚିକିତ୍ସା କରିବାକୁ ଓଡ଼ିଶା ସରକାର ସେତେବେଳେ ଦିଲ୍ଲୀ ଏମ୍‌ସ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଯଦି ଜଗାବଳିଆ ଦିଲ୍ଲୀ ଏମ୍‌ସରୁ ଡିସ୍‌ଚାର୍ଜ ହୁଅନ୍ତି, ତେବେ ସେମାନଙ୍କୁ ଏସ୍‌ସିବି ମେଡିକାଲ କଲେଜ କିମ୍ବା ଭୁବନେଶ୍ୱର ଏମ୍‌ସରେ ରଖି ଚିକିତ୍ସା କରାଯିବ ତାହା ରାଜ୍ୟ ସରକାର ସ୍ଥିର କରିବେ। ଜଗା ବଳିଆଙ୍କ ଦ୍ୱିତୀୟ ପର୍ଯ୍ୟାୟ ଅପରେଶନକୁ ଗତ ଅକ୍ଟୋବର ୨୫ରେ ବର୍ଷେ ପୂରିଛି। ଜଗା ସୁସ୍ଥ ହୋଇ ଆସୁଥିବାବେଳେ ବଳିଆର ସ୍ୱାସ୍ଥ୍ୟାବସ୍ଥା ଏବେ ମଧ ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ବଳିଆର ସ୍ଥାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାକୁ ହେଲେ ଆହୁରି ସମୟ ଲାଗିବ ବୋଲି ଦିଲ୍ଲୀ ଏମ୍‌ସର ଡାକ୍ତର କହୁଛନ୍ତି।

## ଖୋଲିଲା ଶିମିଳିପାଳ

# ପ୍ରଥମ ଦିନରେ ୯୮ ପର୍ଯ୍ୟଟକ




ଲୁଲୁଙ୍ଗ ନିକଟରେ ଥିବା ଶିମିଳିପାଳ ଅଭୟାରଣ୍ୟର ମୁଖ୍ୟ ଫାଟକ।

**ବାରିପଦା ଅଫିସ,୧।୧୧**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଗୁରୁବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ହୋଇଛି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯାଗ ପାଇପାରିବେ। ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରୀସୃପ, ବିରଳ ପକ୍ଷୀ ଓ ଜୈବ ବିବିଧତା ପାଇଁ ଶିମିଳିପାଳ ଅଭୟାରଣ୍ୟ ସାରା ବିଶ୍ୱରେ ବିଖ୍ୟାତ। ଏଥିପାଇଁ ଏହାର ସ୍ୱତନ୍ତ୍ର ଆକର୍ଷଣ ରହିଛି। ବର୍ଷା ହେତୁ ଜୁନ ୧୫ରୁ ଏହା ବନ୍ଦ ରହିଥିଲା।

ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିନରେ ଯଶିପୁର ପଟୁ ୭ ଗାଡିରେ ୪୯ ଜଣ ଓ ଲୁଲୁଙ୍ଗ ପଟୁ ୮ ଗାଡିରେ ୪୯ ଜଣ ପର୍ଯ୍ୟଟକ ମୋଟ ୯୮ ଜଣ ଶିମିଳିପାଳ ଭିତରକୁ ଯାଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏସିଏଫ ଅରୁଣ କୁମାର ବିଶ୍ୱାଳ, ରେଞ୍ଜର ଉଗ୍ରସେନ ଜେନା ଓ ଡେପୁଟି ରେଞ୍ଜର ଲଳାଟେନ୍ଦୁ ସେନାପତି ଓ ଅନ୍ୟ କର୍ମଚାରୀ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ସହିତ ଅଭୟାରଣ୍ୟ ସମ୍ପର୍କିତ ଏକ କ୍ଷୁଦ୍ର ପୁସ୍ତକ ମଧ ପ୍ରତି ପର୍ଯ୍ୟଟକଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକମାନେ ରୁଚିକର ଖାଦ୍ୟ ଖାଇବାକୁ ସୁଯୋଗ ପାଉ ନ ଥିଲେ। ତେଣୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି କୁମାରୀ ଓ ମୁକ୍ତାପୁରରେ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟର ୪ ରୁ ୫ ଜାଗାରେ ଆଦିବାସୀ ଖାଦ୍ୟ ସାଙ୍ଗକୁ ହାଲ୍‌କା ଭୋଜନ ବ୍ୟବସ୍ଥା ମଧ କରାଯାଇଛି। ବିଭିନ୍ନ ସ୍ଥାନରେ ଶୌଚାଳୟର ବ୍ୟବସ୍ଥା ମଧ କରାଯାଇଛି। ଏଠାକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଛୁଟି ଦିନରେ ୬୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଉଦ୍ଭିଦ, ବୃକ୍ଷ ଓ ଚାରୁଲତା ବିଷୟରେ ପର୍ଯ୍ୟଟକଙ୍କୁ ଅବଗତ କରାଯିବା ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟ ଭିତରକୁ ପଶିବା ପାଇଁ ସାଥିରେ ଗାଇଡ ନେବା ବାଧ୍ୟତାମୂଳକ। ସେହିପରି ପଲିଥିନ ଓ ମାଦକ ଦ୍ରବ୍ୟ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଅପରାହ୍ନ ୩ ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ ଟା ପୂର୍ବରୁ ସମସ୍ତେ ଚହଲା ସ୍ଥାନକୁ ଛାଡିବା ପାଇଁ ବାଧ୍ୟତାମୂଳକ କରାଯାଇଛି।

# ହବାଳି ଖଟି ନିକଟରୁ ୫୨ ଫୁଟ ଲମ୍ବର ମୃତ ତିମି ଉଦ୍ଧାର

**ରାଜନଗର,୧।୧୧(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ବଙ୍ଗୋପସାଗର ତଟବର୍ତ୍ତୀ ହବାଳିଖଟି ନିକଟରୁ ଏକ ମୃତ ତିମି ଉଦ୍ଧାର ହୋଇଛି। ଏହାର ଲମ୍ବ ପ୍ରାୟ ୫୨ ଫୁଟ ହେବ। ତିମି ମରି ଭାସୁଥିବା ଖବରପାଇ ରାଜନଗର ବନବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏ ନେଇ ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡଙ୍କୁ ସୂଚନା ଦେବା ପରେ ସେ ସେଠାରେ ପହଞ୍ଚି ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି।

ହବାଳିଖଟିକୁ ପର୍ଯ୍ୟଟକମାନେ ବୁଲିବାକୁ ଯାଇଥାନ୍ତି । ଏହା ବନ ବିଭାଗ ଅଧୀନରେ ରହିଛି। ହବାଳି ଖଟି ଠାରୁ ମାତ୍ର ୫ ଶହ ଫୁଟ ଦୂରତାରେ ମଲା ତିମି ଲାଗିଥିଲେ ହେଁ ବନବିଭାଗର କୌଣସି କର୍ମଚାରୀ ଏଥିପ୍ରତି ନିଘା ରଖି ନ ଥିଲେ। କୌଣସି ସୂତ୍ରରୁ ପରିବେଶବିତ୍‌ମାନେ ଜାଣି ଏ ସମ୍ପର୍କରେ ଗଣମାଧମ ପ୍ରତିନିଧିଙ୍କୁ ଖବର ଦେବା ପରେ ଏହା ଲୋକଲୋଚନକୁ ଆସିଥିଲା। ଅତି ତରବରିଆ ଭାବେ ବନବିଭାଗର ଅଧିକାରୀମାନେ ତିମି ମୃତଦେହ ବ୍ୟବଚ୍ଛେଦ କରି ନିକଟସ୍ଥ ବେଳାଭୂମିରେ ପୋତି ଦେଇଥିବା ଜଣାପଡିଛି। ସବୁଠୁ ବଡକଥା ହେଲା ବଙ୍ଗୋପସାଗରର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଟ୍ରଲର ଚଳାଚଳକୁ କଡାକଡି ଭାବେ ନିଷିଦ୍ଧ କରାଯାଇଥିବା ବନବିଭାଗ କହୁଥିବା ବେଳେ ଏହି ବିରାଟକାୟ ତିମି ଟ୍ରଲରର ଯନ୍ତ୍ରାଂଶରେ ଆଘାତ ପାଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ତିମ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ଏହି ସନ୍ଦେହ ଘନୀଭୂତ ହୋଇଛି। ଅପରପକ୍ଷରେ ୨୦୧୬ରେ ପେଣ୍ଠ ବେଳାଭୂମିର ଚିଟିଂରି ମୁହାଣ ନିକଟରେ ଅନୁରୂପ ଭାବେ ଏକ ବିରାଟକାୟ ତିମିର ମୃତଦେହ ମିଳିଥିଲା। ତିମି କେମିତି ମଲା ସେ ନେଇ ବନବିଭାଗର ଅଧିକାରୀମାନେ କୌଣସି ମତାମତ ଦେଇ ନ ଥିଲେ ମଧ ବେଆଇନ ଟ୍ରଲର ଚଳାଚଳ ଯୋଗୁ ବହୁ ସମୟରେ ଜଳଚର ଜୀବଙ୍କ ଅକାଳ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳୁଛି ।



ଉଦ୍ଧାର ହୋଇଥିବା ତିମିର ମୃତଦେହ।

# ଖୋଲିଲା ସୌନ୍ଦର୍ଯ୍ୟମୟୀ କୁଲଡ଼ିହା ଅଭୟାରଣ୍ୟ

**ପ୍ରଶାନ୍ତ ବିଶ୍ୱାଳ**
**ସଜନାଗଡ଼,୧।୧୧(ଡି.ଏନ.ଏ.)**

ବର୍ଷାଋତୁ ଲାଗି ବନ୍ଦ ରହିଥିବା କୁଲଡ଼ିହା ଅଭୟାରଣ୍ୟ ଗୁରୁବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପୂର୍ବାହ୍ନ ୧୦ଟା ସମୟରେ ଏହାର ଗେଟ୍ ଖୋଲାଯାଇଥିଲା। ପ୍ରଥମ ଦିନରେ ପଶ୍ଚିମବଙ୍ଗରୁ ଆସିଥିବା ୨୫ ପର୍ଯ୍ୟଟକ ପୂର୍ବାହ୍ନ ୧୧ଟା ସୁଦ୍ଧା ଆସି ଗୋହିରାଭୋଳ ନିକଟରେ ପହଞ୍ଚିଥିଲେ। ଉପସ୍ଥିତ ଥିବା କୁଲଡିହା ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ଫରେଷ୍ଟର ପରମାନନ୍ଦ ନାୟକ, ଉମାକାନ୍ତ ଜେନା, ସୌମ୍ୟରଞ୍ଜନ ମାଝୀ, କିଶୋରଚନ୍ଦ୍ର ବେହେରା ପ୍ରମୁଖ ଏହି ଆଗନ୍ତୁକ ପର୍ଯ୍ୟଟକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ୪ଟି ଗାଡିରେ ଆସିଥିବା ପର୍ଯ୍ୟଟକମାନେ ଗାଇଡଙ୍କ ତତ୍ତ୍ୱାବଧାନରେ ଅଭୟାରଣ୍ୟ ଭିତରକୁ ପ୍ରବେଶ କରି ବିଭିନ୍ନ ସ୍ଥାନ ପରିଦର୍ଶନ ପରେ ଅପରାହ୍ନ ବେଳକୁ ଫେରି ଆସିଛନ୍ତି। ଅଭୟାରଣ୍ୟ ମଧରେ ରହଣି ଓ ଖାଦ୍ୟପାନୀୟ ବ୍ୟବସ୍ଥା ହୋଇ ଥିବାରୁ ଏହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ଅନ୍ୟବର୍ଷ ତୁଳନାରେ ଏଥର ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ ବୋଲି ଅଭୟାରଣ୍ୟ କର୍ତ୍ତୃପକ୍ଷ କହିଛନ୍ତି।




କୁଲଡ଼ିହା ଅଭୟାରଣ୍ୟ ଗେଟ୍ ଖୋଲା ଯାଉଛି।

ପ୍ରଥମ ଦିନରେ କୁଲଡ଼ିହା ପୂର୍ବାହ୍ନ ୧୦ଟା ରେ ପଦାର୍ପଣ କରିଥିବା ପର୍ଯ୍ୟଟକମାନେ ଫେରିବା ପରେ ସେମାନଙ୍କ ରୋମାଞ୍ଚକାର ଅନୁଭୂତି ବର୍ଣ୍ଣନା କରିଛନ୍ତି। ନେଚର୍ସ ପାର୍କ ଭ୍ରମଣ ଓ ରିଷିଆ ଡ୍ୟାମ୍‌ରେ ବୋଟିଂର ମଜ୍ଜା ନିଆରା ବୋଲି ସେମାନେ କହିଥିଲେ। ୪ଟି ଗାଡି ଯୋଗେ କୁଲଡିହା ପରିଦର୍ଶନରେ ଆସିଥିବା ଏହି ପର୍ଯ୍ୟଟକ ବୁଧବାର ପଶ୍ଚିମବଙ୍ଗରୁ ଆସି ନୀଳଗିରି ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟ ହୋଟେଲରେ ରାତ୍ରି ଯାପନ କରିଥିଲେ। ସେମାନେ ସକାଳେ ପଞ୍ଚଲିଙ୍ଗେଶ୍ୱରରୁ ୩୦ କି.ମି. ଦୂର ଅଭୟାରଣ୍ୟ ଫାଟକ ନିକଟରେ ପହଞ୍ଚିଥିଲେ। ଏହି ୪ ପର୍ଯ୍ୟଟକଦଳର ମୁଖିଆମାନେ ହେଲେ ସଞ୍ଜୟ ପଣ୍ଡିତ, ଅନିରୁଦ୍ଧ ବାନାର୍ଜୀ, ବୀରେନ ପଲାଇ ଏବଂ କୃଷ୍ଣଚନ୍ଦ୍ର ସିଂ। ଉକ୍ତ ୪ ଦଳରେ ମହିଳା ୫, ଶିଶୁ ୨ ଏବଂ ପୁରୁଷ ୧୮ ଜଣ ରହିଥିଲେ।

୧୨୭୨. ୭୫ ବର୍ଗ କି.ମି. ପରିମିତ ସବୁଜ ଗଛଲତା, ଜଳପ୍ରପାତ, ଝରଣା, ହ୍ରଦ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ ତଥା ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟରେ ହାତୀ, ହରିଣ, ଠେକୁଆ, ଗୟଳ, ଗୁଣ୍ଡାରୀ, କୁଟାରୀ, ବାର୍‌ହା, ସମ୍ବର, ଭାଲୁ ଭଳି ବନ୍ୟପ୍ରାଣୀ ଓ କୋଚିଲାଖାଇ, ମୟୁର, ଟିଆ, ଶୁଆଙ୍କ ସମେତ ଦେଶବିଦେଶୀର ପକ୍ଷୀ ଦେଖିବାକୁ ମିଳନ୍ତି। ଅଭୟାରଣ୍ୟରେ ପରିଶୋଭିତ ନେଚର୍ସ ପାର୍କ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି।

**ପ୍ରଥମ ଦିନରେ ୨୫ ପର୍ଯ୍ୟଟକଙ୍କ ପଦାର୍ପଣ**




■ **ପର୍ଯ୍ୟଟକଙ୍କ ଲାଗି ଆକର୍ଷଣ ନେଚର୍ସ ପାର୍କ, ରିଷିଆ ଡ୍ୟାମ୍**

ପ୍ରତିବର୍ଷ ଭଳି ଏଥର ବର୍ଷା ଋତୁ ଲାଗି ଜୁନ୍ ୧୬ ତାରିଖରୁ ଏହି ଅଭୟାରଣ୍ୟର ଫାଟକ ବନ୍ଦ ରହିଥିଲା। ଏହି ସମୟ ମଧରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଅଭୟାରଣ୍ୟରେ ଥିବା ଜୋଡ଼ାଚୁଆ, ପୁରୁଣାପାଣି, କୁଲଡ଼ିହା, ଡାକବଙ୍ଗଳା, ଗୋହିରାଭଳ, ସିନ୍ଦୂରଗୌରା, ମୁଖଚତୁରୀ, କଇମଚତୁରୀ ଅଞ୍ଚଳରେ ପ୍ରତିବର୍ଷ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମଳୁଛି। ସେଠାରେ ପର୍ଯ୍ୟଟକଙ୍କର ପ୍ରିୟ ଖାଦ୍ୟ ଯୋଗାଣ ଏବଂ ସ୍ୱାଗତ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଇଛି। ୧୬ଜଣ ଲେଖାଏ ପର୍ଯ୍ୟଟକଙ୍କ ରହଣି ଲାଗି ୯ଟି ଟେଣ୍ଟ ନିର୍ମାଣ କରାଯାଇଛି। କ୍ୟାମ୍ପ ବୁକିଂ ପାଇଁ ୩ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ଜଣ ପିଛା ୪୦ଟଙ୍କା ପ୍ରବେଶ ଫି ଦେବାକୁ ପଡୁଛି। ୧୦ରୁ ଅଧିକ ଥିଲେ ଜଣ ପିଛା ୨୫ଟଙ୍କା ଦେବାକୁ ପଡିଥାଏ। ଭିନ୍ନକ୍ଷମ ଓ ୫ବର୍ଷରୁ କମ୍ ପିଲାଙ୍କ ଲାଗି ପ୍ରବେଶ ଫି ମାଗଣା। ସେହିପରି ଛାତ୍ରଙ୍କ ପିଛା ୨୫ଟଙ୍କା ଏବଂ ୧୦ରୁ ଅଧିକ ଛାତ୍ରଙ୍କ ପାଇଁ ୧୦ଟଙ୍କା ଫି ରଖା ଯାଇଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ଲାଗି ୨ଶହ ଟଙ୍କା ଧାର୍ଯ୍ୟ ହୋଇଛି। ୪ଚକିଆ ଯାନ ନେବା ଲାଗି ପାଇଁ ୧ଶହ ଟଙ୍କା ଧାର୍ଯ୍ୟ ଥିବା ବେଳେ କ୍ୟାମେରା ପାଇଁ ୫୦ ଓ ଭିଡିଓ ରେକର୍ଡିଂ ପାଇଁ ୧ଶହ ଟଙ୍କା ରଖାଯାଇଛି। ନେଚର୍ସ କ୍ୟାମ୍ପରେ ରହଣି ଲାଗି ଅନଲାଇନ୍ ବୁକିଂ ସହିତ ୱେବସାଇଟ୍ ଖୋଲାଯାଇଛି। ପଲିଥିନ, ମାଦକଦ୍ରବ୍ୟ, ମାଂସ ନେବା ଉପରେ କଟକଣା କରାଯାଇଛି। କୁଲଡ଼ିହା ଅଭୟାରଣ୍ୟର ରିଷିଆ ଅଞ୍ଚଳରେ ଥିବା ଡ୍ୟାମ ପ୍ରକଳ୍ପରେ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ହାତୀ, ହରିଣ, କୁଟୁରୀ ପ୍ରଭୃତି ବନ୍ୟଜନ୍ତୁ ପାଣି ପିଇବାକୁ ଆସିବା ଅତି ନିକଟରୁ ଦେଖିବାକୁ ମିଳିଥାଏ।

## ସଂକ୍ଷେପରେ

### ବରିଷ୍ଠ କଂଗ୍ରେସ ସଂଗଠକଙ୍କ ବିୟୋଗ

ଆଳି, ୧।୧୧ (ଡି.ଏନ୍.ଏ.): ଆଳି ବ୍ଲକ ବାଳକାଟି ପଞ୍ଚାୟତର ବରିଷ୍ଠ କଂଗ୍ରେସ ସଂଗଠକ ରାମଚନ୍ଦ୍ର ବିଶ୍ୱାଳ(୬୬)ଙ୍କ ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପର୍ଶୁରାମ ରାଉତରାୟ, ଧୋୟା ଅଞ୍ଚଳର ସଂଗଠକ ସର୍ବେଶ୍ୱର ସାମଲ, ମାନଗୋବିନ୍ଦ ଦାସ ଓ ଜଗତ ଭୂଷଣ ରଥ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବେଡାରୀରେ ହନୁମାନ ଚାଳିଶା ପାଠ

ପାଟକୁରା, ୧।୧୧ (ଡି.ଏନ୍.ଏ.): ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତ ବେଡାରୀ ଗଜଲକ୍ଷ୍ମୀ ଗଡାଠାରେ ହନୁମାନ ମୂର୍ତ୍ତି ସ୍ଥାପନା ନିମନ୍ତେ ଶିଳାନ୍ୟାସ ଉତ୍ସବ ଓ ହନୁମାନ ଚାଳିଶା ପାଠ ଗୁରୁବାର କରାଯାଇଥିଲା। ଗ୍ରାମବାସୀମାନଙ୍କ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏଠାରେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଗ୍ରାମର ଅଜୟ କୁମାର ସାହୁ, ବିପିନ୍ ବିହାରୀ ସାହୁ, ମାନସ ସାହୁ, ଅକ୍ଷୟ କୁମାର ବେହେରା, ପ୍ରମୋଦ କୁମାର ସାହୁ, ଶଙ୍କର ସ୍ୱାଇଁ ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ଶ୍ରଦ୍ଧାଳୁମାନେ ଏଥିରେ ସାମିଲ ଥିଲେ।

### ଦୂରଦର୍ଶନ ଫଟୋଗ୍ରାଫର ଅଚ୍ୟୁତାନନ୍ଦଙ୍କ ସ୍ମୃତିରେ ସମୂହ ଦୀପଦାନ

ମହାକାଳପଡ଼ା, ୧।୧୧ (ଡି.ଏନ୍.ଏ.): ଛତିଶଗଡ଼ରେ ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା ଦୂରଦର୍ଶନ ଟିଭିର ଫଟୋଗ୍ରାଫର ଅଚ୍ୟୁତାନନ୍ଦ ସାହୁଙ୍କ ସ୍ମୃତିରେ ମହାକାଳପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ଗୁରୁବାର ସ୍ଥାନୀୟ ବାସୁଦେବ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ଏହି ଅବସରରେ ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପ୍ରେସ୍ କ୍ଲବ ସଦସ୍ୟ ପି. ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଞ୍ଜୟ ଦାସ, କଳ୍ପତରୁ ସାମଲ, ବିରଞ୍ଚି ନାରାୟଣ ଦାସ, ସୁବାସ ସ୍ୱାଇଁ, ହେମନ୍ତ ସ୍ୱାଇଁ, ବିଘ୍ନେଶ୍ୱର ସେଠୀ, ଜନ୍ମେଜୟ ମଲ୍ଲିକ, ଅଶୋକ ସ୍ୱାଇଁ, ବାବୁଲି ଜେନା, ଅରକ୍ଷିତ ନାଥ, ଲକ୍ଷ୍ମୀଧର ସ୍ୱାଇଁ, ଶ୍ରୀମନ୍ତ ଦାସ ପ୍ରମୁଖ ସାମିଲ ଥିଲେ।

### ବୈଷ୍ଣବ ପାଣି ଥିଲେ ଜନମାନସର କବି

ମାହାଙ୍ଗା, ୧।୧୧ (ସ୍ୱ.ପ୍ର.): ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୩୬ ତମ ଜୟନ୍ତୀ ଉତ୍ସବ କବିଙ୍କ ସାଧନାପୀଠ ମାଳିହତା କ୍ଷେତ୍ରପାଳିନୀ ମନ୍ଦିର ପରିସରରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ମହିଳା, ଶିଶୁ ବିକାଶ ଓ ସାମାଜିକ ନିରାପତ୍ତା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଗଣମାନସର କବି ଥିଲେ ବୋଲି କହିଥିଲେ। ତାଙ୍କ ରଚିତ ଗିତିନାଟ୍ୟ, ଗୀତା ଅଭିନ.ସୁଆଙ୍ଗ ଆଦି ସାଧାରଣ ଲୋକଙ୍କ ହୃଦୟକୁ ସ୍ପର୍ଶ କରିପାରୁଥିଲା ବୋଲି ସାମଲ ମତବ୍ୟକ୍ତ କରିଥିଲେ । ଏଥିରେ ବିଶିଷ୍ଟ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟବକ୍ତାଭାବେ କବି ତଥା ବରିଷ୍ଠ ଖବରଦାତା ଭକ୍ତଚରଣ ସାହୁ, ସମ୍ମାନିତ ବକ୍ତାଭାବେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ସମ୍ମାନିତ ଅତିଥିଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ରିଆ ଦେ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାଜ କିଶୋର ଜେନା, ସାମାଜିକ କର୍ମୀ ଅମର ନାୟକ, ସରପଞ୍ଚ ରଞ୍ଜିତା ମହାନ୍ତି ଓ ସମିତିସଭ୍ୟା ଚାରୁଲତା ନିହାଣ ପ୍ରମୁଖ ଯୋଗ ଦେଇ କବିଙ୍କ ଜୀବନ ଦର୍ଶନ ଏବଂ ସାହିତ୍ୟ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସଂସଦର ସଂଗଠନ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳଙ୍କୁ ଗଣକବି ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ କୁଳମଣି ସାମଲଙ୍କୁ ବରିଷ୍ଠ ବିଚାରକଭାବେ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ବିଶ୍ୱନାଥ ମିଶ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସଂସଦର ସମ୍ପାଦକ ହୃଷିକେଶ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାକ୍ତନ ସରପଞ୍ଚ ଧନେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



କେନ୍ଦ୍ରାପଡ଼ା ଜିଲାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଅବସରରେ ଲୋକନୃତ୍ୟ।



ଜନଗହଳିରେ ସେକ୍ ଚାନ୍ଦଙ୍କ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ।



ସହରସ୍ଥିତ ଗୋବରୀ ନଦୀରେ ମା'ଧନଦାତ୍ରୀଙ୍କୁ ବିସର୍ଜନ କରାଯାଉଛି।

# ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମା'ଙ୍କୁ ମେଲାଣି

କେନ୍ଦ୍ରାପଡା ଅଫିସ, ୧।୧୧

ଗଜଲକ୍ଷ୍ମୀ ପୂଜାର ୯ଦିନ ପରେ ମା' ଧନଦାତ୍ରୀଙ୍କୁ ମେଲାଣି ଦେଇଛନ୍ତି କେନ୍ଦ୍ରାପଡ଼ା ଜିଲାବାସୀ। କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଏହି ପୂଜାକୁ ଜିଲାବାସୀ ଖୁବ୍ ଉପଭୋଗ କରିବା ସହ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗୁରୁବାର ମା'ଙ୍କ ଭସାଣି ଉତ୍ସବ ପାଳନ କରିଛନ୍ତି। ସହର ମଧ୍ୟରେ ଥିବା ୬୭ ମେଢ଼ ପୁରୁଣା ବସଷ୍ଟାଣ୍ଡରେ ମେଳଣ ସାରି ପୂର୍ବାହ୍ନରୁ ଭସାଣି ପାଇଁ ବାହାରିଥିଲେ। ତେବେ ମେଳଣ ଓ ଭସାଣି ପାଇଁ ପ୍ରଶାସନ ଓ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଏକାଧିକ ଥର ବୈଠକରେ ବସିଥିବା ବେଳେ ସ୍ୱୀକୃତି ପାଇଥିବା ବହୁ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନଥିବା ଦେଖାଯାଇଛି। ଶବ୍ଦ ପ୍ରଦୂଷଣ ନିୟମ କଡାକଡି ଭାବେ ପାଳନ କରିବା ନିଷ୍ପତ୍ତିକୁ କୌଣସି ପୂଜା କମିଟି ପକ୍ଷରୁ ପାଳନ କରାଯାଇ ନଥିବା ବେଳେ ଡିଜେ ଶବ୍ଦ ସ୍ଥାନୀୟ ଅଞ୍ଚଳରେ ହୃତକମ୍ପ ସୃଷ୍ଟି କରିଛି। ସେହିପରି ଅବକାରୀ ପଦାର୍ଥ ବିକ୍ରି ବନ୍ଦ ହୋଇନାହିଁ। ବୈଠକ ନିଷ୍ପତ୍ତି ଅନୁଯାୟୀ, ଅସ୍ଥାୟୀ ଶୌଚାଳୟ ନିର୍ମାଣ, ମୂର୍ତ୍ତି ବିସର୍ଜନ ନିମନ୍ତେ ପୋଖରୀ ଖନନ,



ଭସାଣିରେ ସାମିଲ ହୋଇଥିବା ମେଢ଼।

ବିଦ୍ୟୁତ ତାର ଠିକ୍ କରିବା, ପାନୀୟ ଜଳର ସୁବନ୍ଦୋବସ୍ତ କରିବା, ପ୍ରତି ମଣ୍ଡପରେ ସିସିଟିଭି ଲାଗିବା, ସହରର ପରିମଳ ବ୍ୟବସ୍ଥା ସଜାଡିବା ଆଦି ସମସ୍ୟାର ସମାଧାନ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ ମାରିଛି। ସେହିପରି ଭିଡ଼ ଓ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ମଧ୍ୟ ମକ ଡ୍ରିଲ ଅଭାବରୁ ବହୁ ଯାତ୍ରୀ ହୀନସ୍ତା ଭୋଗିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ଆହୂତ ବୈଠକରେ ମେଳଣ ଓ ଭସାଣି ଦୁଇ ଦିନ ମଧ୍ୟରେ ସାରିବାକୁ ନିଶ୍ଚିତ କରାଯାଇଥିବା ବେଳେ ଗୁରୁବାର ରାତି ୧୨ଟା ସୁଦ୍ଧା ଆହୁରି ୨୦ରୁ ଅଧିକ ମେଢ଼ ଭସାଣି ଶୋଭାଯାତ୍ରାରେ ଥିବା ଦେଖାଯାଇଥିଲା।

**ଛାତି ଥରାଇଲା ଡିଜେ ସାଉଣ୍ଡ**

ସୁପ୍ରିମ କୋର୍ଟ ଓ ହାଇକୋର୍ଟଙ୍କ ଆଦେଶକୁ ଗଜଲକ୍ଷ୍ମୀ ମେଳଣ ଓ ଭସାଣି ଉତ୍ସବରେ କୌଣସି କମିଟି କର୍ମକର୍ତ୍ତା ମାନି ନଥିବା ଦେଖାଯାଇଥିଲା। ଡିଜେ ସାଉଣ୍ଡର ତୀବ୍ରତାରେ ଲୋକମାନେ ବ୍ୟତିବ୍ୟସ୍ତ ହୋଇଯାଇଥିବା ବେଳେ ହୃଦରୋଗୀଙ୍କ ହୃତକମ୍ପ ଜାତ ହୋଇଥିଲା। ମାତ୍ର ଏନେଇ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ବେଳେ ପ୍ରଶାସନିକ କର୍ମଚାରୀ ନୀରବଦ୍ରଷ୍ଟା ସାଜିଥିଲେ। ୬ଟି ବକ୍ସ ଭସାଣି ଉତ୍ସବରେ ସାମିଲ ହେବ ବୋଲି ପ୍ରଶାସନ ଓ ପୂଜା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲେ ବି ଏହାକୁ କେହି ମାନି ନଥିଲେ। ୧୮-୩୬ ବକ୍ସ ଲଗାଯାଇଥିବା ବେଳେ ମନ ଇଚ୍ଛା ଭଲ୍ୟୁମ୍ ଦିଆଯାଇଥିଲା।

**ସଚେତନତା ବାର୍ତ୍ତା ବାଣ୍ଟିଲେ ସେକ୍ ଚାନ୍ଦ**

ଯେଉଁଠି ଲୋକଙ୍କ ଭିଡ, ସେଠାରେ ଦେଖିବାକୁ ମିଳେ ତିନିମୁହାଣିର ସେକ୍ ଚାନ୍ଦଙ୍କୁ। ଦୃଷ୍ଟି ଆକର୍ଷଣ କରିବା ଭଳି ପୋଷାକ ପରିଚ୍ଛଦ ସହିତ ଗଛ ଲଗାଇବା ଓ ପରିବେଶ ସୁରକ୍ଷା ପାଇଁ ତାଙ୍କ ଅଭିନବ ପ୍ରଚାର ଯାତ୍ରୀଙ୍କୁ କିଛି ସମୟ ଅଟକାଇ ଦେଇଥାଏ। ଗଜଲକ୍ଷ୍ମୀ ପୂଜାରେ ସେ ନିଜ ଅଭିନବ ପ୍ରଚାର କୌଶଳ ଦେଖାଇଥିଲେ।

**ଅର୍କେଷ୍ଟ୍ରା ଧୂନରେ ନାଚିଲେ ଶ୍ରଦ୍ଧାଳୁ**

ଗଜଲକ୍ଷ୍ମୀ ପୂଜୋତ୍ସବରେ ରଙ୍ଗିନ ହୋଇ ଉଠିଥିଲା କେନ୍ଦ୍ରାପଡ଼ା ସହର। ଆଖି ଝଲସା ଲାଇଟ ସହିତ ମେଳଣ ଉତ୍ସବରେ ସାମିଲ ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ମେଳଣ କମିଟି ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଢ଼ କମିଟିର ବିଭିନ୍ନ ପାରମ୍ପରିକ ବାଦ୍ୟ ଓ ଲୋକ ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକାଠି କରିଥିଲା। ସେହିପରି ଉଠା ବେପାରୀଙ୍କ ମଧ୍ୟରେ ପ୍ଲାଷ୍ଟିକ ଖେଳଣାଠାରୁ ଆରମ୍ଭ କରି ଖାଇବା ଦୋକାନରେ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। ଆକର୍ଷଣୀୟ ସାଜସଜ୍ଜାରେ ଫାଷ୍ଟଫୁଡ ଦୋକାନରେ ବହୁ ଭିଡ ପରିଲକ୍ଷିତ ହୋଇଥିଲା।

**ଆଇନ ଶୃଙ୍ଖଳା ସମ୍ଭାଳିଲେ କେନ୍ଦ୍ରାଞ୍ଚଳ ଆଇଜି**

ପୂଜାରେ ସହର ମଧ୍ୟରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ସହ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ଭାଳିଥିଲେ। ଏସ୍‌ପି ନୀତିଶେଖରଙ୍କ ନେତୃତ୍ୱରେ ୧୫ଜଣ ଇନ୍ସପେକ୍ଟର, ୯ ଜଣ ଡିଏସପି ଓ ୨ ଜଣ ଏଏସପିଙ୍କ ସହ ୨୫ ପ୍ଲାଟୁନ ପୋଲିସ ଫୋର୍ସ ସହରରେ ମୁତୟନ ରହିଥିଲେ। ଏଥିସହିତ ଜିଲାପାଳ ଦାଶରଥି ଶତପଥୀ, ଏଡିଏମ ବସନ୍ତ ରାଉତ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ଜିଲା ପ୍ରଶାସନର ବହୁ ପଦାଧିକାରୀ ମାଜିଷ୍ଟ୍ରେଟ ଭାବେ ସାମିଲ ହୋଇଥିଲେ।

## ପର୍ଯ୍ୟାୟଭିତ୍ତିକ ଫସଲ ସମ୍ପର୍କିତ କର୍ମଶାଳା

କେନ୍ଦ୍ରାପଡା ଅଫିସ, ୧।୧୧

କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତ ଗୋଗୁଆ ଡାକବଙ୍ଗଳା ପରିସରରେ ପର୍ଯ୍ୟାୟ ଭିତ୍ତିକ ଫସଲ ଚାଷ ସମ୍ପର୍କରେ ଏକ କର୍ମଶାଳା ବ୍ଲକ କୃଷି ବିଭାଗ ପକ୍ଷରୁ ବୁଧବାର ଆନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ ବରିଷ୍ଠ ଅଧିକାରୀ ସତ୍ୟବ୍ରତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ସରପଞ୍ଚ ଲକ୍ଷ୍ମୀପ୍ରିୟା ରାଉତ, ଏଏଓ କଲ୍ୟାଣୀ ରାଉତ, କୃଷି କର୍ମଚାରୀ ତାପସ ସାମଲ, ଦିବ୍ୟରଞ୍ଜନ ନାୟକ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏଠାରେ ରାଜ୍ୟ ସରକାରଙ୍କ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହିତ ଗୋଟିଏ କ୍ଷେତରେ ପର୍ଯ୍ୟାୟ ଭିତ୍ତିକ ଫସଲ କଲେ କୃଷକର ଆର୍ଥିକ ମାନଦଣ୍ଡ ଭଲ ରହିଥାଏ ବୋଲି ଦର୍ଶାଯାଇଥିଲା। ଏଥିସହିତ ତାଲିମ ଓ ଉନ୍ନତ ଧରଣର ଯନ୍ତ୍ରପାତି ବ୍ୟବହାର ପାଇଁ କୃଷକଙ୍କୁ ଉତ୍ସାହିତ କରାଯାଇଥିଲା। ହୃଷୀକେଶ ରାଉତ, ରବୀନ୍ଦ୍ର କୁମାର ମଲ୍ଲିକ, ମୁରଲୀଧର ଦାସ, ନୃସିଂହ ଚରଣ ରାଉତ, ପ୍ରକାଶ ପ୍ରଧାନ କୃଷି ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରିଥିଲେ। କୃଷକ ସାଥୀ ଚନ୍ଦ୍ରକାନ୍ତ ରାଉତ, ଶେଷଦେବ ପ୍ରଧାନ କର୍ମଶାଳା ପରିଚାଳନା କରିଥିଲେ।

## ଶତାଧିକ ଏକର ବିରି ଫସଲ ନଷ୍ଟ

### ବିଲରେ କାଳିମୁଖୀ ପୋକ ସାଲୁବାଲୁ

ରାଜକନିକା, ୧।୧୧ (ଡି.ଏନ୍.ଏ.)

ରାଜକନିକା ବ୍ଲକରେ ପ୍ରାକୃତିକ ବିପଦ ଚାଷୀଙ୍କ ପିଛା ଛାଡୁନି। ବାତ୍ୟା, ବନ୍ୟା ଓ ଲଘୁଚାପ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଥିବା ବେଳେ ଏବେ କାଳିମୁଖୀ ପୋକ ଚାଷୀଙ୍କ ନିଦ ହଜାଇ ଦେଇଛି। ଗତ ଲଘୁଚାପ ବର୍ଷାରେ ବ୍ଲକର ହଜାର ହଜାର ଏକର ଜମିରେ ଧାନ ଫସଲ ନଷ୍ଟ ହୋଇଥିଲା। ଫଳରେ ଚାଷୀମାନେ ବିରି ଫସଲ ଉପରେ ଭରସା ରଖିଥିବା ବେଳେ ଏବେ ବିରି ଲାଗିଥିବା ବିଲରେ କାଳିମୁଖୀ ପୋକ ସାଲୁବାଲୁ ହେଉଛି। ଅବଦୁଲପୁର, ଦାମୋଦରପୁର, ଚରପଡା, ପଧାନପଡା, ପଣସଗଣ୍ଡ, କଣ୍ଡିଆ, ଦେଉଳତରା, ସିହୋପଡା ଆଦି ଅଞ୍ଚଳରେ ଅଧିକାଂଶ ବିଲରେ କାଳିମୁଖି ପୋକ ଫସଲ ନଷ୍ଟ କରୁଛନ୍ତି। ଧାରକରଜ କରି ଚାଷୀମାନେ ବିରି ଫସଲ କରିଥିବା ବେଳେ ଶତାଧିକ ଏକର ବିରି ଫସଲକୁ ଏହି ପୋକ ଖାଇ ସାରିଲେଣି। ଏହା ଚାଷୀଙ୍କ ନିଦ ହଜାଇ ଦେଇଛି। ଗୋଟିଏ ବର୍ଷରେ ଏକାଧିକ ଫସଲରେ କ୍ଷତି ସହିବା ପରେ ଋଣ ଶୁଝିବା ନେଇ ଚଷୀ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ସେପଟେ ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡି ଦେବାକୁ ମନ ବଳାଇଲେଣି। ପୂର୍ବରୁ ଅନେକ ଚାଷୀ ହଳ ଲଙ୍ଗଳ ବିକ୍ରି କରି ଦାଦନ ଖଟିବାକୁ ଯାଇଥିବା ବେଳେ ବ୍ଲକର ଶହଶହ ଏକର ଜମି ପଡ଼ିଆ ପଡ଼ିଛି। ଯେଉଁ କେତେଜଣ ଚାଷୀ ଗାଁରେ ରହି ଚାଷ କରୁଛନ୍ତି, ସେମାନଙ୍କ ପ୍ରତି କୃଷି ବିଭାଗ ଦୃଷ୍ଟି ଦେଉନ ଥିବା ଦେଖାଯାଉଛି। ତେବେ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଚାଷୀ ଚକ୍ରଧର ପାଣ୍ଡବ, ବୈଷ୍ଣବ ମିଶ୍ର, ସୋମନାଥ ପରିଡ଼ା ଓ ଦିବ୍ୟସିଂହ ରାଉତ ପ୍ରମୁଖ ଦାବି କରିଛନ୍ତି।

## ତିଗିରିଆରେ ବ୍ଲକସ୍ତରୀୟ ନିଯୁକ୍ତି ଶିବିର

ତିଗିରିଆ,୧।୧୧(ଡି.ଏନ.ଏ.)

ଓରମାସ ଆନୁକୂଲ୍ୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ତିଗିରିଆରେ ଗୁରୁବାର ବ୍ଲକସ୍ତରୀୟ ନିଯୁକ୍ତି ବୁଝାମଣା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୧୨ଜଣ ଶିକ୍ଷିତ ବେକାର ଯୁବତୀ ଯୁବକ ଏଥିରେ ନିଜର ନାମ ପଞ୍ଜିକରଣ କରିଥିଲେ। ଏହି ଅବସରରେ ୭୧ଜଣଙ୍କୁ ବିଭିନ୍ନ ସଂସ୍ଥାରେ ପ୍ରଶିକ୍ଷଣ ଦେବା ପାଇଁ ମନୋନୀତ କରାଯାଇଥିଲା। ଏହି ନିଯୁକ୍ତି ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଏବଂ ଉପାଧ୍ୟକ୍ଷ ଗୌରହରି ପରିଡ଼ା ଯୋଗଦେଇଥିଲେ। ବିଡ଼ିଓ ତପନ କୁମାର ଖୁଣ୍ଟିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ କର୍ମଚାରୀ ପ୍ରକଳ୍ପ ସହାୟକ ପ୍ରଫୁଲ୍ଲ କୁମାର ସାହୁ, ବ୍ଲକସ୍ତରୀୟ ସଂଯୋଜକ ଦିଲୀପ କୁମାର ଦାସ, ଓରମାସର ଜିଲା ସଂଯୋଜକ ବିଭୂତି ଭୂଷଣ ଛାଟୋଇ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଶ୍ରୀକାନ୍ତ ପରିଜା ପ୍ରମୁଖ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ବିଡ଼ିଓ ଗୋପବନ୍ଧୁ ଭୋସାଗର ଓ ଅନ୍ୟମାନେ।

ଡେରାବିଶ, ୧।୧୧ (ସ୍ୱ.ପ୍ର.)

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଡେରାବିଶ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଯୋଜନାର ବ୍ଲକ ପ୍ରୋଗ୍ରାମ ଅଫିସର ତଥା ବିଡିଓ ଗୋପବନ୍ଧୁ ଭୋସାଗର ଶିବିରରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ୨୦୧୭ ଅକ୍ଟୋବର ୧ରୁ ୨୦୧୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାର୍ଯ୍ୟଗୁଡ଼ିକର ଶୁଣାଣି କରାଯାଇଥିଲା। ପ୍ରାରମ୍ଭରେ ବିଭାଗୀୟ ଜିଲା ସଂଯୋଜକ ଦେବାଶିଷ ଦାସ ଓ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଏହି ଯୋଜନାରେ ସାମିଲ ଥିବା ସମସ୍ତ କର୍ମଚାରୀ ଓ ଜନ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ ଏହି ଯୋଜନାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୨୬ ପଞ୍ଚାୟତର ୨୦,୦୦୪ ଜଣଙ୍କୁ ଜବ୍‌କାର୍ଡ ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ନାୟକ, ଜିଲା ସାମାଜିକ ସମୀକ୍ଷକଙ୍କ ପ୍ରତିନିଧି ନଳିନୀକାନ୍ତ ସ୍ୱାଇଁ, ବ୍ଲକ ସାମାଜିକ ସମୀକ୍ଷକ ହୃଷୀକେଶ ଦାସ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ଗ୍ରାମ ରୋଜଗାର ସେବକ, ଜବ୍ କାର୍ଡଧାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ଯନ୍ତ୍ରୀ ଅବନୀ କୁମାର ମହାନ୍ତି, ଦେବଳା ସାହୁ, ମଧୁସ୍ମିତା ମଲ୍ଲିକ, ମନସ୍ୱିନୀ ଦାଶ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଖଦି ହାଟରେ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ସମ୍ବର୍ଦ୍ଧନା




ସଭାରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟମାନେ।

ଡେରାବିଶ,୧।୧୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ଗଜଲକ୍ଷ୍ମୀ ପୂଜାର ଅଷ୍ଟମ ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ସେ ପ୍ରଥମେ ଖଦି ଗ୍ରାମୋଦ୍ୟୋଗ ବୋର୍ଡ ଆନୁକୂଲ୍ୟରେ ଚାନ୍ଦୋଳ ହାଟଠାରେ ଖୋଲିଥିବା ଖଦିହାଟ ବୁଲି ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ଖଦିହାଟ ଖୋଲା ମଞ୍ଚରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ଷ୍ଟଲ ମାଲିକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଖଦିବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ସଭାପତିତ୍ୱ କରିଥିଲେ। ବଜାର କମିଟି ସଭାପତି ନିଶାମଣି ବେହେରା, ଶାନ୍ତିକମିଟି ସଭାପତି ପଞ୍ଚାନନ ଶତପଥୀ, ଚାନ୍ଦୋଳ ସମିତିମୁଖ୍ୟ ମଧୁସୂଦନ ଘଡ଼େଇ ଓ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତ ପ୍ରତିନିଧି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଖଦିବୋର୍ଡ ସଚିବ ସରୋଜ କୁମାର ପଟେଲ୍ ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଦେଇଥିଲେ। ପରେ ଚାନ୍ଦୋଳ ବଜାର ଶାନ୍ତିକମିଟିର ସଭାପତି ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଆଇଜି ପ୍ରିୟଦର୍ଶୀ ଓ ଖଦିବୋର୍ଡ଼ ଅଧ୍ୟକ୍ଷ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବଜାର କମିଟି ସଭାପତି ବେହେରା ଧନ୍ୟବାଦ ଦେଇଥିଲେ। ଶାନ୍ତି କମିଟିର ସଭ୍ୟ କୃଷ୍ଣଚନ୍ଦ୍ର ବଳ ଓ ସହ-ସମ୍ପାଦକ ମିହିର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅସୁବିଧା ଭୋଗୁଛନ୍ତି ଧୋୟାଞ୍ଚଳବାସୀ

## ମରାମତି ହେଉନି ଗୁଣ୍ଡୁଦିଆ-ନାଟରା ରାସ୍ତା

ଆଳି, ୧।୧୧ (ଡି.ଏନ୍.ଏ.)

ସବୁ ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ ହେଉଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଏବେ ମଧ୍ୟ ଅନେକ ଗ୍ରାମକୁ ପକ୍କା ରାସ୍ତାଟିଏ ନାହିଁ। ଲୋକମାନେ କାଦୁଅ ରାସ୍ତାରେ ଯା'ଆସ କରୁଛନ୍ତି। ଆଳି ଧୋୟାଞ୍ଚଳରେ ଏଭଳି ସମସ୍ୟା ନଜରକୁ ଆସିଛି। କେତୁଆପାଳ ପଞ୍ଚାୟତ ଗୁଣ୍ଡୁଦିଆଠାରୁ ଏରଡ଼ଙ୍ଗ ପଞ୍ଚାୟତର ନାଟରା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ମୁଖ୍ୟତଃ ଏରଡ଼ଙ୍ଗ, ସିଂହଗା, କୁସୁମି, ଗୁଣ୍ଡୁଦିଆ ଏବଂ ନାଟରା ଆଦି ଗ୍ରାମର ପ୍ରାୟ ୫ହଜାର ଲୋକ ଯାତାୟାତ ପାଇଁ ନିର୍ଭର କରନ୍ତି। ବଜାର, ଘାଟ, ମେଡିକାଲ, କଲେଜ ଆଦିକୁ ଯିବାଆସିବା ପାଇଁ ଲୋକମାନେ ଏହା ଉପରେ ନିର୍ଭର କରୁଥିବା ବେଳେ ରାସ୍ତାର ଏଭଳି ଅବସ୍ଥା ଲୋକଙ୍କ ପାଇଁ ନାନା ଅସୁବିଧା ଉପୁଜାଉଛି। ଖରାଦିନେ ରାସ୍ତା ସାରା ଖାଲଖମା ଭର୍ତ୍ତି ହୋଇଯାଉଥିବାରୁ ଯାଆସ କରିବା ବେଳେ ଦୁର୍ଘଟଣା ଘଟୁଥିବା ଦେଖାଯାଏ। ସେହିଭଳି ବର୍ଷା ଦିନେ ଖାଲରେ ପାଣି ଜମି ରହିବା ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅ ହୋଇଯିବାରୁ ଯିବା ଆସିବା ସମୟରେ ଏକାଧିକ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ୩-୪ବର୍ଷ ପୂର୍ବେ ରାସ୍ତା ମରାମତି ନାମରେ ମାଟି ଓ ମୋରମ ପଡ଼ିଥିଲା। ମାତ୍ର ମାଟି ଧୋଇଯିବା ପରେ ଏବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ତୁରନ୍ତ ରାସ୍ତାକୁ ମରାମତି କରାଯାଇ ଏହାକୁ ପକ୍କା ରାସ୍ତାରେ ପରିଣତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ବିଷୟରେ ତଟବନ୍ଧ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।



ଗୁଣ୍ଡୁଦିଆ-ନାଟରା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ମାର୍ଶାଘାଇ,୧।୧୧(ଡିଏନ୍ଏ):** ବୁଧବାର ବିଳମ୍ବିତ ରାତିରେ ମାର୍ଶାଘାଇ ଥାନା ୫ ନଂ (କ) ଜାତୀୟ ରାଜପଥର ଟିକରପଙ୍ଗା ଚଉରା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ସୁଧାଂଶୁ ବେହେରା (୨୪) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ମାର୍ଶାଘାଇ ଥାନା ତିଖିରୀ ବିରିବାଟି ଗ୍ରାମର ସରୋଜକାନ୍ତ ବେହେରାଙ୍କ ପୁଅ ସୁଧାଂଶୁ ଏକ ବାଇକ (ଓଡ଼ି ୩୩ ଏନ୍ ୩୦୧୯) ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଚଉରା ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଖବରପାଇ ମାର୍ଶାଘାଇ ପୋଲିସ ବାଇକକୁ ଜବତ କରିବା ସହ ସୁଧାଂଶୁଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ୧୮୧/୧୮ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଗଜଲକ୍ଷ୍ମୀ ପୂଜା: ଶେଷ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ

**ମାର୍ଶାଘାଇ,୧।୧୧(ଡିଏନ୍ଏ):** ମାର୍ଶାଘାଇ ବଜାରର ୮ ଗୋଟି ମଣ୍ଡପରେ ମା'ଗଜଲକ୍ଷ୍ମୀ ୯ ଦିନ ଧରି ପୂଜା ପାଇବା ପରେ ଗୁରୁବାର ଅନ୍ତିମ ଦିବସରେ ବିସର୍ଜନ ପୂଜା କରାଯାଇଛି। ସମସ୍ତ ପୂଜା ମଣ୍ଡପରେ ବିସର୍ଜନ ପୂଜା ରାତି ୧୨ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ବଜାର ଅଞ୍ଚଳର ହାଟ ଗଜଲକ୍ଷ୍ମୀ ଓ ଜୁଣଛକ ଗଜଲକ୍ଷ୍ମୀ ମଣ୍ଡପରେ ମେଲୋଡି ହୋଇଥିବା ବେଳେ ଅନ୍ୟ ମଣ୍ଡପଗୁଡିକରେ ଭଜନ ଓ ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁଦିନ ପରି ପୂଜା ମଣ୍ଡପଗୁଡିକରେ ଗୁରୁବାର ଶ୍ରଦ୍ଧାଳଙ୍କ ଭିଡ ଲାଗି ରହିଥିଲା। ଦୁର୍ଗା ପୂଜା କମିଟି ତରଫରୁ ନିମନ୍ତ୍ରଣ କ୍ରମେ ଶୁକ୍ରବାର ପ୍ରଥମେ କୁମ୍ଭାର ସାହିର ଥାନପତି, ଲକ୍ ଛକର ଗଜଲକ୍ଷ୍ମୀ ,ଗାଁ ମାର୍ଶାଘାଇର ଅନନ୍ତ ଶୟନ ,କଲେଜ ଛକ ବନ୍ଧ ସାହିର ହନୁମାନ ମେଢ ,ହାଟ ଗଜଲକ୍ଷ୍ମୀ ମେଢ ,ବନମାଳୀ ଛକ ଗଜଲକ୍ଷ୍ମୀ ମେଢ ,ଜୁଣଛକ ଗଜଲକ୍ଷ୍ମୀ ମେଢ ଓ କଷୋଟିର ଗଜଲକ୍ଷ୍ମୀ ମେଢ ଗୋଟିକ ପରେ ଗୋଟିଏ ହୋଇ ଭସାଣି ଘାଟକୁ ଶୋଭାଯାତ୍ରାରେ ଯିବେ। ବିଭିନ୍ନ ପୂଜା କମିଟି ତରଫରୁ ଭସାଣି ଉତ୍ସବ ପାଇଁ ଉଦ୍ୟମ ଜାରି ରହିଛି।

### ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା ଅଫିସ, ୧।୧୧:** ସହରର ଗୋପସ୍ଥିତ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଅଧିକାରୀ ବିଜୟ କୁମାର ମହାନ୍ତିଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିପାଇଁ ଆୟୋଜିତ ସଭାରେ ଡା. ମନ୍ମଥ କୁମାର ଧୀର ଅଧକ୍ଷତା କରିଥିଲେ। ଗତ ୬ ବର୍ଷ କାର୍ଯ୍ୟକାଳ ମଧ୍ୟରେ ମହାନ୍ତି ୭ କୋଟି ଟଙ୍କା ପର୍ଯ୍ୟଟନ କ୍ଷେତ୍ରରେ ବିନିଯୋଗ କରିଥିବା ଅତିଥି ଓ ବୁଦ୍ଧିଜୀବୀମାନେ ସଭାରେ ମତ ଦେଇଥିଲେ। ଏଥିରେ ବି.ଡି. ଲେଙ୍କା, ବି.ଏନ. ମିଶ୍ର, ଗୌତମ ନାଗ, ରମେଶ ମହାନ୍ତି, ନରେନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇତ୍ୟବସରରେ ମହାନ୍ତି ସୂଚନା ଦେଇଥିଲେ ଯେ, ୨୦୧୨ରେ ସେ କେନ୍ଦ୍ରାପଡ଼ା ଜିଲାରେ କାର୍ଯ୍ୟ ପାଇଁ ନିଯୁକ୍ତି ପାଇଥିଲେ। ଏହି ସମୟରେ ୫ଟି ସ୍ଥାନ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଥିଲା। ଜିଲାର ଲଛମନଜାଉ, ତମାଳଶାସନ, ପେଣ୍ଠ, ଛୁଆଳିଆ ପରି ଅନେକ ପର୍ଯ୍ୟଟନ କ୍ଷେତ୍ର ରାଜ୍ୟ ମାନ୍ୟତା ସହ ଉନ୍ନତି ଆବଶ୍ୟକ ବୋଲି ପ୍ରକାଶ କରିଥିଲେ।

### ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ, ୧।୧୧:** କେନ୍ଦ୍ରାପଡା ସହରର କଜଳାସ୍ଥିତ ଡାକଘର ନିକଟରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ତିନିମୁହାଁଣୀ ଶାଖା ଓ ଏଟିଏମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଦାଶରଥୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶାଖା ଦ୍ୱାରା ସହର ସମେତ ଆଖପାଖ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଶତପଥୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଦ୍‌ଘାଟନୀ ଉତ୍ସବରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଗୋବିନ୍ଦ ସେଠୀ, ଅଞ୍ଜନ କୁମାର ଚାଟାର୍ଜୀ, ବରିଷ୍ଠ ଅଧିକାରୀ ବିଷ୍ଣୁ ପ୍ରସାଦ କର, ଶାଖା ପରିଚାଳକ ବିରଜା ପ୍ରସାଦ କର, ନାବାର୍ଡ ଜିଲା ଉନ୍ନୟନ ଅଧିକାରୀ ମାନସ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବିଦ୍ୟାଳୟ ମିଶ୍ରଣ ପ୍ରତିବାଦରେ ଧାରଣା

## ■ ଶ୍ରେଣୀଗୃହରେ ତାଲା ପକାଇଲେ ଗ୍ରାମବାସୀ

**ଡେରାବିଶ, ୧।୧୧ (ସ୍ୱ.ପ୍ର.)**

ଡେରାବିଶ ଶିକ୍ଷା ସର୍କଲ ଅଧୀନ ଭାଣ୍ଡିଲୋସ୍ଥିତ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ହାଟବାଣପୁର ହାଇସ୍କୁଲ ସହ ମିଶ୍ରଣ ପାଇଁ ସରକାରୀ ନିର୍ଦ୍ଦେଶ ମିଳିଥିବା ବେଳେ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରତିବାଦରେ ଗୁରୁବାର ଗ୍ରାମବାସୀ ବିଦ୍ୟାଳରେ ମିଶ୍ରଣ ଯୋଗୁ ଗ୍ରାମବାସୀ ସ୍କୁଲର ଶ୍ରେଣୀଗୃହରେ ତାଲା ପକାଇ ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଭାଣ୍ଡିଲୋ ଗ୍ରାମ ହାଟବାଣପୁରଠାରୁ ଏକ କିମିରୁ ଊର୍ଦ୍ଧ୍ୱ ଦୂରରେ ଥିବା ବେଳେ ରାସ୍ତାଘାଟର ଉନ୍ନତି ନଥିବା କାରଣରୁ ଛାତ୍ରୀଛାତ୍ରମାନେ ହାଟବାଣପୁର ହାଇସ୍କୁଲକୁ ଯିବାଆସିବା କରିବା ବିପଜ୍ଜନକ। ସେହି ରାସ୍ତାରେ ଦୈନିକ ଶହଶହ ଟ୍ରାକ୍ଟର, ଟ୍ରକ, ହାଇୱା ଆଦି ଭାରିଯାନ ଚଳାଚଳ କରୁଥିବାରୁ କୌଣସି ସମୟରେ ଅଘଟଣ ଘଟିବାର ସମ୍ଭାବନା ରହିଛି। ତେବେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଭାଣ୍ଡିଲୋ ବିଦ୍ୟାଳୟକୁ ହାଟବାଣପୁର ହାଇସ୍କୁଲ ସହ ମିଶ୍ରଣ ନ କରିବାକୁ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ତେବେ ଗୁରୁବାର ଗ୍ରାମବାସୀଙ୍କ ଧାରଣା ଯୋଗୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇପାରି ନଥିବା ବେଳେ ଅପରାହ୍ନ ସୁଦ୍ଧା ଏହାର କୌଣସି ସମାଧାନ ହୋଇପାରି ନଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଆରସିସି ହିମାଂଶୁ ଶେଖର ନାୟକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି।


ସ୍କୁଲ ଆଗରେ ଧାରଣାରତ ଗ୍ରାମବାସୀ

# ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟ୍ ଅଭିଯୋଗ

**ରାଜନଗର,୧।୧୧(ଡି.ଏନ.ଏ.)**

ରାଜନଗର ଥାନା ଅନ୍ତର୍ଗତ ନଗଡ ଗାଁର ଭାଗ୍ୟଧର ରାଉତଙ୍କ ସ୍ତ୍ରୀ ଅନିତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସେହି ଗାଁର ୨ଜଣ ଯୁବକ ଅନ୍‌ଲାଇନରେ ଟଙ୍କା ଲୁଟି ନେଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଭାଗ୍ୟଧର ରାଉତଙ୍କ ଦେହ ଅସୁସ୍ଥ ଯୋଗୁ ରାଜ୍ୟ ବାହାରେ ରହୁଥିବା ତାଙ୍କ ପୁଅ ଅନିତାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଟଙ୍କା ଆସିବାର ମେସେଜ ମୋବାଇଲକୁ ଆସି ନ ଥିଲା। ଅନିତା ଅକ୍ଟୋବର ୧୦ ତାରିଖ ଦିନ ସେହି ଗାଁର ଜ୍ଞାନ ରଞ୍ଜନ ଦାସ ଓ ବଳରାମ ରାଉତଙ୍କୁ ଏଟିଏମ ଦେଇ ଆକାଉଣ୍ଟର ବାଲାନ୍ସ ଚେକ୍ କରିବାକୁ ପଠାଇଥିଲେ। ଦୁଇଜଣ ଯୁବକ ଆକାଉଣ୍ଟ ଚେକ୍ କରି ଏଟିଏମ କାର୍ଡ ଫେରାଇ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଗତମାସ ୧୭ ତାରିଖ ଦିନ ଅନ୍‌ଲାଇନରେ ଅନିତାଙ୍କ ଆକାଉଣ୍ଟରୁ ମୁମ୍ବାଇର ଜଣେ ବ୍ୟକ୍ତିଙ୍କ ନିକଟକୁ ୧୦ ହଜାର ଟଙ୍କା ଓ ୨୨ ତାରିଖରେ ବାଙ୍ଗାଲୋରର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୭୩୯୯ ଟଙ୍କା ଟ୍ରାନ୍ସଫର କରାଯାଇଛି। ନଗଡ ଗାଁର ସଂପୃକ୍ତ ବ୍ୟକ୍ତି ଦୁଇଜଣ ଅନିତାଙ୍କର ଏଟିଏମ ପିନ୍ ନମ୍ବର ବ୍ୟବହାର କରି ୧୭ ହଜାର ୩୯୯ ଟଙ୍କା ଲୁଟି ନେଇଛନ୍ତି ବୋଲି ଅନିତା ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

# ଭାଜପାରେ ମିଶିଲେ କେରୁଆଁପାଳର ୧୬ ପରିବାର


ଭାଜପାରେ ସାମିଲ ହୋଇଥିବା କର୍ମୀମାନେ।

**ରାଜନଗର, ୧।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ କେରୁଆଁପାଳ ପଞ୍ଚାୟତ ଅଧୀନ ପ୍ରଭାତି ଗ୍ରାମର ୧୬ ପରିବାର ଗୁରୁବାର କଂଗ୍ରେସ ଓ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି । ରାଜନଗର ନିର୍ବାଚନମଣ୍ଡଳୀର ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ୧୬ ପରିବାର ଭାଜପାରେ ସାମିଲ ହୋଇଛନ୍ତି। ପ୍ରଭାତି ଗାଁର ଶମ୍ଭୁନାଥ ମଣ୍ଡଳ, ପ୍ରଭାତ ମଣ୍ଡଳ, ବିରେନ ଦାସ, ସୁଧାଂଶୁ କାଣ୍ଡା, କମଳାକାନ୍ତ ଦାସ, ଦିବାକର ମାଇତି, ଦୀପଙ୍କର ମଣ୍ଡଳ, ବିବେକାନନ୍ଦ ଦାସ, ଅନୁପ ମଣ୍ଡଳ, ଅରବିନ୍ଦ ପରମାଣିକ, ଅଭିମନ୍ୟୁ ଦାସ, ଦିଲିପ କୁମାର ଦାସ, ଅଜିତ ଦାସ, ତପନ କୁମାର ଦାସ, ଖୋକନ ପରମାଣିକ, ବାଚସ୍ପତି ମଣ୍ଡଳ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ୩୨ ନଂ ଜୋନ ସଭାପତି ବସନ୍ତ କୁମାର ମିଶ୍ର, ଯୁବ ସଂଯୋଜକ ଧୀରେନ ବିଶ୍ୱାଳ, ଦେବାଶିଷ ରାଉତ, ସୁନିଲ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ, ଆଜାଦ ସ୍ପୋର୍ଟିଂ ବିଜୟୀ

**କେନ୍ଦ୍ରାପଡ଼ା ଅଫିସ, ୧।୧୧**

କେନ୍ଦ୍ରାପଡା ସହରର ହାଇସ୍କୁଲ ପଡିଆରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଆଜାଦ ସ୍ପୋର୍ଟିଂ ବିଜୟୀ ହୋଇଛି । ଏଥିରେ ମୋଟ ୪ ଫୁଟବଲ ଟିମ ଭାଗ ନେଇଥିଲେ । ଫାଇନାଲ ଖେଳ ସହରର ସୁରଜ ସ୍ପୋର୍ଟିଂ ଓ ଆଜାଦ ସ୍ପୋର୍ଟିଂ ମଧ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ଆଜାଦ ସ୍ପୋର୍ଟିଂ ୩-୨ରେ ସୁରଜ ସ୍ପୋର୍ଟିଂକୁ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିଛି । ଉଦ୍‌ଯାପନୀ ଉତ୍ସବରେ ସେକ୍ ସଲାଉଦ୍ଦିନ ଅଧ୍ୟକ୍ଷତା କରିଥିଲେ। ସାମାଜିକ କର୍ମୀ ମୂରଲୀଧର ସେଠୀ, ସେକ୍ ଅବୁ ୱାହିଦ, ସେକ୍ ଆଲିଜାନ, ମହମ୍ମଦ ତଫିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଖେଳକୁ ସେକ୍ ଆଜିମ ଓ ସେକ୍ ଆମନ ପରିଚାଳନା କରିଥିଲେ। ସେକ୍ ଓସିମ, ମହମ୍ମଦ ଆମିର, ସେକ୍ କାଲିଆ, ସେକ୍ ମୁହିଦ ପ୍ରମୁଖ ଏହି ଟୁର୍ନାମେଣ୍ଟ ପରଚାଳନାର ସହଯୋଗୀ ଥିଲେ।

# ସାତକୁଡ଼ିଆ ବାତ୍ୟା ଆଶ୍ରୟସ୍ଥଳୀ ଉଦ୍ଧାରକାରୀ ଦଳ ପୁରସ୍କୃତ

**ପଟ୍ଟାମୁଣ୍ଡାଇ,୧।୧୧(ସ୍ୱ.ପ୍ର.)**

ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକର ସାତକୁଡ଼ିଆ ବାତ୍ୟା ଆଶ୍ରୟସ୍ଥଳୀର ଉଦ୍ଧାରକାରୀ ଓ ପ୍ରାଥମିକ ଚିକିତ୍ସାକାରୀ ଦଳକୁ ପୁରସ୍କୃତ କରାଯାଇଛି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବାତ୍ୟା ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିଲିରାଣୀ ଛାଟୋଇ, ସାଗରିକା ପଲାଇ, ଅନୁପମା ସାହୁ, ସୁଚିତ୍ରା ଛାଟୋଇ, ରାନୁ ସେଠୀ, ସାତକୁଡିଆ ବାତ୍ୟା ଆଶ୍ରୟସ୍ଥଳୀ ସଂପାଦକ ସତ୍ୟବ୍ରତ ବାରିକ ପ୍ରଭୃତିଙ୍କୁ ମାନପତ୍ର ସହ ସିଲ୍ଡ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ରାଜସ୍ୱ, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି, ମୁଖ୍ୟଶାସନ ସଚିବ ଆଦିତ୍ୟ ପାଢ଼ୀ, ଏସଆରସି ବିଷ୍ଣୁପଦ ସେଠୀ, ଉନ୍ନୟନ କମିଶନର ବାଳକ୍ରିଷ୍ଣନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସଡମା କୋଅର୍ଡିନେଟର ଆଲୋକ ରାୟ, ନୋଡାଲ ଏନ୍‌ଜିଓ ଅନ୍ୱେଷଣ ସମ୍ପାଦକ ଅନନ୍ତ କର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀମାନଙ୍କ ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ଦଳକୁ ବିଲିକଣ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ରାଉତ ସ୍ୱାଗତ କରିଛନ୍ତି।



ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ ସ୍ୱେଚ୍ଛାସେବୀମାନେ।

# ଚାନ୍ଦୋଳରେ ମେଳଣ ଉତ୍ସବ ଆଜି

**ଡେରାବିଶ, ୧।୧୧ (ସ୍ୱ.ପ୍ର)**

ଡେରାବିଶ ବ୍ଲକ ଅଞ୍ଚଳରେ ଗଜଲକ୍ଷ୍ମୀଙ୍କ ମେଳଣ ଶୁକ୍ରବାର ମେଳଣ ଅନୁଷ୍ଠିତ ହେବ। ବ୍ଲକର ଚାନ୍ଦୋଳ ବଜାରରେ ୨୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଉଥିବା ବେଳେ ବ୍ଲକ ଅଞ୍ଚଳରେ ୬୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଧନଦାତ୍ରୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଚଳିତ ବର୍ଷ ପୂଜାରେ ବ୍ଲକ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ବହୁ ଜନ ସମାଗମ ଦେଖିବାକୁ ମିଳିଥିଲା। ପୂଜାକୁ ଶୃଙ୍ଖଳିତ କରିବା ପାଇଁ ବଜାର କମିଟି ପକ୍ଷରୁ ଖୋଲାଯାଇଥିବା ସୂଚନା କେନ୍ଦ୍ରରେ କମିଟି କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ବିଭିନ୍ନ ପଦକ୍ଷେପ ନେଇଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ଦୀର୍ଘ ୯ଦିନ ଧରି ପୂଜାର୍ଚ୍ଚନା ପରେ ମେଳଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚାନ୍ଦୋଳ ଫାଣ୍ଡି ଛକ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଥାନପତି ଭାବେ ପ୍ରଥମେ ମେଳଣ ପଡ଼ିଆରେ ଉପବେଶନ କରିବେ। ଶୁକ୍ରବାର ସନ୍ଧ୍ୟା ୫ଟାରୁ ମେଳଣ ଆରମ୍ଭ ହୋଇ ରାତି ୧୧ ଟା ପର୍ଯ୍ୟନ୍ତ ଚାଲିବ। ଶୋଭାଯାତ୍ରା ବେଳେ ଡିଜେ ସାଉଣ୍ଡକୁ ବାରଣ କରାଯାଇଥିବା ବଜାର କମିଟି ସଭାପତି ନିଶାମଣି ବେହେରା ସୂଚନା ଦେଇଛନ୍ତି। ମାତ୍ର ପାରମ୍ପରିକ ବାଦ୍ୟକୁ ଶୁକ୍ରବାର ମେଳଣରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଶୃଙ୍ଖଳା ପାଇଁ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଥିବା କମିଟି ସମ୍ପାଦକ ରତ୍ନାକର ନାୟକ କହିଛନ୍ତି।

ସେହିପରି ବ୍ଲକର ଛତା ଓ ଓଲଡ଼ିରେ ଦୀର୍ଘ ୧୦ ଦିନ ପୂଜା ଉତ୍ସବ ପରେ ଶନିବାର ବଟ ମହାପୁରୁଷ ପୀଠରେ ମେଳଣ ଅନୁଷ୍ଠିତ ହେବ। ଏନେଇ ରାତି ୧୦ଟାରୁ ମା'ଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ନିଆଯିବ। ଏଥିପାଇଁ ଗୁରୁବାରଠାରୁ ଜାତୀୟ ରାଜପଥ ପାର୍ଶ୍ୱରେ ଅସ୍ଥାୟୀ ଦୋକାନମାନ ଖୋଲାଯାଇଛି। ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ୮ ପୋଲିସ ଅଧିକାରୀ ଓ ୨ ପ୍ଲାଟୁନ୍ ଫୋର୍ସ ଗୁରୁବାରଠାରୁ ମେଳଣ ପଡ଼ିଆଠାରେ ମୁତୟନ କରାଯାଇଛି।

# ଭିତରକନିକାରେ ପ୍ରକୃତି ଶିବିର

**ରାଜନଗର, ୧।୧୧ (ଡି.ଏନ.ଏ.)**

ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ନଭେମ୍ବର ୧ ତାରିଖ ଠାରୁ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରକୃତି ଶିବିର ଆରମ୍ଭ ହୋଇଛି। ଏହା ୧ ମାସ ଧରି ଚାଲିବ। ଏଥିରେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପର୍ଯ୍ୟାୟକ୍ରମେ ଅଂଶଗ୍ରହଣ କରିବେ। ଗୁରୁବାର କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ନିକଟସ୍ଥ ଅରୁଆ କଦଳୀବଣସ୍ଥିତ ହରିହରାନନ୍ଦ ବାଳାଶ୍ରମର ୨୫ ଜଣ ଛାତ୍ରୀଛାତ୍ର ଏହି ପ୍ରକୃତି ଶିବିରରେ ଯୋଗ ଦେଇଛନ୍ତି । ସେମାନେ ପେଣ୍ଠ ବେଳାଭୂମିରେ ସଫେଇ କରିବା ପରେ ବରୁଣେଇ ମୁହାଣ ଓ ଅଗରନାସୀ ଦ୍ୱୀପ ସଂପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । ଅପରାହ୍ନରେ ଛାତ୍ରୀଛାତ୍ରମାନେ ଗୁପ୍ତି ଘାଟରୁ ଜଳପଥରେ ଭିତରକନିକା ଯାଇଥିଲେ । ସନ୍ଧ୍ୟାରେ ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ପରିବେଶବିତ୍ ବିରଜାପ୍ରସାଦ ପତି, ଅତିରିକ୍ତ ବନସଂରକ୍ଷକ ସୁବ୍ରତ ପାତ୍ର, ହରେକୃଷ୍ଣ ମଲ୍ଲିକ ହେନ୍ତାଳ କୁଟୀରରେ ସେମାନଙ୍କୁ ଭିତରକନିକାରେ ବସବାସ କରୁଥିବା ବନ୍ୟଜନ୍ତୁ, ବିରଳ ଲୁଣା ଜଙ୍ଗଲ ସଂପର୍କରେ ଅବଗତ କରିଥିଲେ। ଶୁକ୍ରବାର ଛାତ୍ରୀଛାତ୍ରମାନେ ଜାତୀୟ ଉଦ୍ୟାନର ବଗଗହନ, ପଦ୍ମପୋଖରୀ, କାଳୀଭଞ୍ଜଡିଆ ଦ୍ୱୀପକୁ ଦୁଃସାହସିକ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ


ସୁରଭି କାର୍ଯ୍ୟକ୍ରମରେ ଅତିଥିଗଣ ।

**ଡେରାବିଶ, ୧।୧୧ (ସ୍ୱ.ପ୍ର.)**

ଡେରାବିଶ ହାଇସ୍କୁଲ ପରିସରରେ ଡେରାବିଶ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବ୍ଲକ ସହକାରୀ ଶିକ୍ଷାଧିକାରୀ ନରହରି ସୁତାର ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦ୍ରପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରାଧ୍ୟାପକ ଚିତରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ପାତ୍ର ମୁଖ୍ୟବକ୍ତା, ଗୋଲରାହାଟ ସରପଞ୍ଚ ପ୍ରଭାତୀ ରାଉତ, ସମିତିସଭ୍ୟା ଶୈଳବାଳା ପଲେଇ, ଡେରାବିଶ ହାଇସ୍କୁଲର ପ୍ରାଧନ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ ଓ ବ୍ଲକ ନୋଡାଲ ଅଫିସର ଶାରଦା କୁମାର ପାଣି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅଶ୍ୱିନୀ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସୁବୋଧ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ ୨୧୬ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ ସାଧନକେନ୍ଦ୍ର ସଂଯୋଜକ ନରହରି ସୁତାରଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ସ୍ୱାଇଁ ମୁଖ୍ୟଅତିଥି, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡା. ମିନାକ୍ଷୀ ମହାପାତ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟାପକ ପ୍ରତାପ ଚନ୍ଦ୍ର ମହାପାତ୍ର, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମନୋରମା ସାହୁ ଓ ଡେରାବିଶ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଯୋଗଦେବା ପାଇଁ ମନୋନିତ ହୋଇଥିବା ୧୭ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଈଶ୍ୱର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ସିଆରସିସି ଦିଲୀପ କୁମାର ଦାଶ ଅତିଥି ପରିଚୟ ଦେଇଥିଲେ।

# ସଂଗଠନ ମଜଭୁତ କରିବାକୁ ଆହ୍ୱାନ


ବୈଠକରେ ବ୍ଲକ ଭାଜପାର କର୍ମୀମାନେ।

**ରାଜନଗର, ୧।୧୧(ଡି.ଏନ.ଏ.)**

ରାଜନଗର ବ୍ଲକର ମା'ମାଟିଆ ମଙ୍ଗଳା ପୀଠରେ ଭାଜପାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ସଂଗଠନକୁ ମଜଭୁତ କରିବା ପାଇଁ ଆଲୋଚନା କରାଯିବା ସହ ଆସନ୍ତା ୯ ତାରିଖରେ ରାଜନଗର ବ୍ଲକ ଘେରାଉ ସଂପର୍କରେ ଆଲୋଚନା କରାଯାଇଥିଲା। ରାଜନଗର ବ୍ଲକରେ ବେଧଡକ ଭାବେ ଚାଲିଥିବା ପିସି କାରବାର ଓ ବିଭିନ୍ନ ଦୁର୍ନୀତିକୁ ନେଇ ବ୍ଲକ ଘେରାଉ କରାଯିବ। ବୈଠକରେ ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ଜ୍ଞାନଦେବ ବେଉରା, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜୋନ ସଭାପତି ଦେବଦତ୍ତ ରାଉଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ରାଉତ, ବିଜୟ କୁମାର ବଳ, ନୀଳମଣି ସାହାଣୀ, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସମୀର ପାତ୍ର, ଯୁବ ସଂଯୋଜକ ଧୀରେନ ବିଶ୍ୱାଳ, ମିଡିଆ ପ୍ରଭାରୀ ଦେବାଶିଷ ରାଉତ, ସାଧାରଣ ସଂପାଦକ ଚିତ୍ତ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ଏନଜେନ୍‌ର ମନମୁଖି କାର୍ଯ୍ୟ

# ଜରିମାନା ବିଲ୍ ପ୍ରତ୍ୟାହାର ଦାବି

**ପଟ୍ଟାମୁଣ୍ଡାଇ,୧।୧୧(ସ୍ୱ.ପ୍ର)**

ଏନଜେଏନ ପକ୍ଷରୁ ମିଟର ଟାମ୍ପରିଂ କରିବା, ହିଟର ଜାଳିବା, ବକେୟା ବିଲ ଦେବାରେ ବିଳମ୍ବ ହେବା ଆଦି ଆଳ ଦେଖାଇ ମନୋମୁଖି ଭାବେ ଉପଭୋକ୍ତାଙ୍କ ଉପରେ ଜରିମାନା କରାଯିବା ନେଇ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ତେବେ ଜରିମାନା ବିଲ୍ ପ୍ରତ୍ୟାହାର ପାଇଁ ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଦାବି ହୋଇଛି।

ପ୍ରକାଶ ଯେ, ବିଦ୍ୟୁତ୍ ଯୋଗାଣ କମ୍ପାନୀ ସେସୁ ଠାରୁ ଫ୍ରାଞ୍ଚାଇଜ୍ ନେଇଥିବା ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀଗୁଡିକ ବିଭିନ୍ନ ଆଳ ଦେଖାଇ ଉପଭୋକ୍ତାମାନଙ୍କଠାରୁ ବିପୁଳ ଜରିମାନା ଆଦାୟ କରୁଥିଲେ। ମନୋମୁଖି ଭାବେ ଆଦାୟ କରାଯାଉଥିବା ଜରିମାନାକୁ ବିରୋଧ କରି ମନୋଜ କୁମାର ଦାସ ନାମକ ଜଣେ ବ୍ୟକ୍ତି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପକ୍ଷରୁ ଦାଖଲ ରିଟ ପିଟିଶନ ଡବ୍ଲୁପି (ସି) ନଂ. ୧୩୦୪୭/୨୦୧୭କୁ ବିଚାର କରି ଗତ ୩୦।୮।୨୦୧୮ ଠାରୁ ଫ୍ରାଞ୍ଚାଇଜ ନେଇଥିବା କମ୍ପାନୀମାନେ ବିଦ୍ୟୁତ୍ ଆଇନ ୨୦୦୩ର ଧାରା ୧୨୬ ଓ ୧୨୭ ଅନୁସାରେ ଉପଭୋକ୍ତାମାନଙ୍କ ଉପରେ କୌଣସି ଜରିମାନା ଲଦି ଦେଇ ପାରିବେ ନାହିଁ ବୋଲି ହାଇକୋର୍ଟ ରାୟ ପ୍ରକାଶ କରିଥିଲେ। କିନ୍ତୁ କେନ୍ଦ୍ରାପଡା ଜିଲାରେ ସେସୁଠାରୁ ଫ୍ରାଞ୍ଚାଇଜ ନେଇଥିବା ବିଦ୍ୟୁଦ୍ ବଣ୍ଟନକାରୀ ଏନଜେଏନ୍ କମ୍ପାନୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଗତ ୩୦।୮।୨୦୧୮ଠାରୁ ଅଦ୍ୟାବଧି ଶହ ଶହ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ମନୋମୁଖି ଭାବରେ ହଜାର ହଜାର ଟଙ୍କାର ଜରିମାନା ଲଦି ଦେଇଛି। ଫଳରେ ବିଦ୍ୟୁତ୍ ଉପଭୋକ୍ତାମାନେ ଶୋଷଣର ଶିକାର ହୋଇ ସମସ୍ୟାରେ ପଡିଛନ୍ତି। ଏନଜେଏନ ପକ୍ଷରୁ ଏଭଳି ଅନ୍ୟାୟ ଜରିମାନାକୁ ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ଆଡଭୋକେଟ ଭୀମସେନ ପରିଡା ଦୃଢ ନିନ୍ଦା କରିଛନ୍ତି। ଏନଜେଏନ ପକ୍ଷରୁ ହୋଇଥିବା ଜରିମାନା ପ୍ରତ୍ୟାହାର କରିବା ପାଇଁ ସଂଘ କାର୍ଯ୍ୟକାରୀ ସଭାପତି ଲଳିତ ଧଳ, ଉପସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ତପନ ମିଶ୍ର, ସହସମ୍ପାଦକ ହରେକୃଷ୍ଣ ଦାଶ, କେନ୍ଦ୍ରାପଡା ନଗର ସଭାପତି ଆଇନଜୀବୀ ଗଗନବିହାରୀ ଖଟୁଆ, ପଟ୍ଟାମୁଣ୍ଡାଇ ନଗର ସଭାପତି ଆଇନଜୀବୀ ନରହରି ଲେଙ୍କା, ପୋଖରିଆପଡା ବିଦ୍ୟୁତ୍ କମିଟି ସଭାପତି ମନମୋହନ ରାଉତ, ଆଳି ବ୍ଲକ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ରାଜନଗର ବ୍ଲକ ସମ୍ପାଦକ ଜଗନ୍ନାଥ ଦାସ, ମହାକାଳପଡା ବ୍ଲକ ସଭାପତି ପବିତ୍ରମୋହନ ପରିଡା, ମାର୍ଶାଘାଇ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ସମୁଦ୍ରକୁ ଯିବା ବାଟ ବନ୍ଦ

ପାରାଦୀପ,୧।୧୧(ସ୍ୱ.ପ୍ର.)

ଓଡ଼ିଶାର ୪୮୦ କିମି ପୂର୍ବ ଉପକୂଳରେ ଥିବା ଧାମରା ନଦୀ ମୁହାଣଠାରୁ ରଷିକୂଲ୍ୟା ନଦୀ ମୁହାଣ ପର୍ଯ୍ୟନ୍ତ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଗୁରୁବାରଠାରୁ ଲାଗୁ ହୋଇଛି ସାମୁଦ୍ରିକ କଟକଣା। ଅର୍ଥାତ୍ ନଦୀ ମୁହାଣର କୂଳଠାରୁ ସମୁଦ୍ର ଭିତରକୁ ୧୦ କିମି ଅଞ୍ଚଳ ମଧ୍ୟରେ ମାଛଧରା ଓ ଟ୍ରଲର ଚଳାଚଳ ମନା। ଏହି କଟକଣା ୭ମାସ ପର୍ଯ୍ୟନ୍ତ (ମେ ୩୧ ପର୍ଯ୍ୟନ୍ତ) ବଳବତ୍ତର ରହିବ। ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ପାଳନ ବିଭାଗ ବିଜ୍ଞପ୍ତି (ନଂ. ୧୮୯୫, ତା ୪।୨।୨୦୦୫) ଅନୁସାରେ ନଦୀ ମୁହାଣରେ ମାଛ ଧରିଲେ କିମ୍ବା ଯନ୍ତ୍ରଚାଳିତ ବୋଟ୍, ଡଙ୍ଗା ଚଳାଚଳ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସମୟ ମଧ୍ୟରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଜୀବନଚକ୍ର ଆରମ୍ଭ ହୋଇଥାଏ। ବହୁ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଏହି ଅଞ୍ଚଳକୁ ଆସିଥାନ୍ତି। ସେମାନଙ୍କୁ ଯେପରି କୌଣସି ଆଘାତ ନ ପହଞ୍ଚେ ସେଥିପାଇଁ ଏହି ନିୟମ କରାଯାଇଛି। ଉକ୍ତ ନିୟମ ଗୁରୁବାରଠାରୁ ଲାଗୁହେବା ପରେ ପାରାଦୀପ ମାଛଧରା ବନ୍ଦରରେ ଥିବା ପ୍ରାୟ ୯୭୦ ଟ୍ରଲର ଓ ଡଙ୍ଗାର ମାଲିକ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା ବଢିଯାଇଛି। କାରଣ ସେମାନେ ଆଉ ବରୁଣେଇ ମୁହାଣ ବାଟ ଦେଇ ସମୁଦ୍ରକୁ ଯାତାୟାତ କରିପାରିବେ ନାହିଁ। ଅନ୍ୟପକ୍ଷରେ ମହାନଦୀ ମୁହାଣ ଖନନ ପ୍ରସଙ୍ଗ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏବେ ପାରାଦୀପର ଟ୍ରଲର ଓ ଡଙ୍ଗାଗୁଡିକ କେଉଁବାଟେ ସମୁଦ୍ରକୁ ଯିବ ତାହା ଚିନ୍ତାର ବିଷୟ ହୋଇଛି ବୋଲି କହିଛନ୍ତି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ସଭାପତି ଶ୍ରୀକାନ୍ତ ପରିଡ଼ା। ସୂଚନାଯୋଗ୍ୟ, ପାରାଦୀପ ମାଛଧରା ବନ୍ଦର ମହାନଦୀ ମୁହାଣ ପାଖରେ ରହିଛି। ତେଣୁ ଏହି ବୃହତ ମତ୍ସ୍ୟ ଶିଳ୍ପ ସହ ସମ୍ପୃକ୍ତ ସମସ୍ତ ବୋଟ୍ ମହାନଦୀ ମୁହାଣ ଦେଇ ସମୁଦ୍ରକୁ ଯାଇଥାନ୍ତି। କିନ୍ତୁ ୧୯୯୮ ପରଠାରୁ ମହାନଦୀ ମୁହାଣ ଖନନ ନ ହେବା ଦ୍ୱାରା ତାହା ପୋତିହୋଇଗଲାଣି। ଏପରିକି ଗତ ୫ରୁ ୬ ବର୍ଷ ହେଲା ମହାନଦୀ ମୁହାଣ ବାଟ ଦେଇ ସମୁଦ୍ରକୁ ଯାତାୟାତ କରିବା ବିପଦ୍‌ଜନକ ସାବ୍ୟସ୍ତ ହୋଇଛି। ପ୍ରତିବର୍ଷ ୧୦ରୁ ଅଧିକ ଟ୍ରଲର ଓ ଡଙ୍ଗା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିରେ ଅନେକ ଧନ ଜୀବନ ହାନୀ ଘଟିଛି। ଚଳିତବର୍ଷ ଜୁନ୍ ୧ରୁ ମାଛଧରା ଋତୁ ଆରମ୍ଭ ହେବା ପରଠାରୁ ଅଦ୍ୟାବଧି ମହାନଦୀ ମୁହାଣ ବାଟେ କେହି ଯାତାୟାତ କରିନାହାନ୍ତି। ସମସ୍ତ ଟ୍ରଲର ମହାନଦୀରେ ଅଧିକ ୬୫ କିମି ଯାଇ ବରୁଣେଇ ମୁହାଣ ବାଟେ ଯାତାୟାତ କରୁଥିଲେ। ଏହାଦ୍ୱାରା ପ୍ରତି ଟ୍ରଲରର ୧୦୦୦ରୁ ୧୨୦୦ ଟଙ୍କାର ତେଲ ଅଧିକ ଖର୍ଚ୍ଚ ହୋଇଥାଏ ବୋଲି ଟ୍ରଲର ଚାଳକ ମହେଶ୍ୱର ଲେଙ୍କା ପ୍ରକାଶ କରିଛନ୍ତି। ସେହି ବରୁଣେଇ ମୁହାଣରେ ବର୍ଷା ତମାମ କଟକଣା ଲାଗୁ ହୋଇଥାଏ। ଏବେ ସେହି କଟକଣାକୁ ଅଧିକ କଡାକଡି ଭାବେ ପାଳନ କରାଯାଉଛି। ବରୁଣେଇ ମୁହାଣ ବାଟେ ଗଲେ ବନ ବିଭାଗ ଟ୍ରଲରଗୁଡିକ ଜବତ କରୁଛି ଓ ମତ୍ସ୍ୟଜୀବୀଙ୍କୁ ଗିରଫ କରୁଛି। ମହାନଦୀରେ ଜୀବନ ବିପଦ, ବରୁଣେଇରେ ଆଇନଗତ ବିପଦ। ତେଣୁ ସବୁ ମତ୍ସ୍ୟଜୀବୀ ଏବେ ଚିନ୍ତାରେ ପଡିଛନ୍ତି। ମହାନଦୀ ମୁହାଣ ଖନନ ପ୍ରସଙ୍ଗ ୨୦୧୧ରୁ ଆଲୋଚନା ଚାଲିଛି। ସେହିବର୍ଷ ନଭେମ୍ବରରେ ମାଛଧରା ବନ୍ଦରକୁ ରାଜ୍ୟ ସରକାର ନେଇଥିଲେ। ସେତେବେଳେ ସ୍ଥାନୀୟ ବିଧାୟକ ଦାମୋଦର ରାଉତ ମତ୍ସ୍ୟ ବିଭାଗ ମନ୍ତ୍ରୀ ଥିବାରୁ ମହାନଦୀ ମୁହାଣ ଖନନ ହେବାର ଆଶା ଥିଲା।

କିନ୍ତୁ ଦାମବାବୁ ତାହା କରିପାରିଲେ ନାହିଁ। ଗତବର୍ଷ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ମୁହାଣ ଖନନ ପାଇଁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ସେତେବେଳେ ଆଇଡବ୍ଲ୍ୟୁଏଆଇ (ଅନ୍ତର୍ଜାତୀୟ ଜଳପଥ ପ୍ରାଧିକରଣ) ଅର୍ଥରେ ମୁହାଣ ଖନନ କରିବାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଚିଠି ଆସିଥିଲା। ଏହା ପରେ ଟେଣ୍ଡର ମଧ୍ୟ ବାହାରିଥିଲା। ସବୁପରେ ମଧ୍ୟ ମୁହାଣ ଖନନ ପ୍ରସଙ୍ଗ ଆଗକୁ ବଢିପାରିନାହିଁ। ଏହି କ୍ରମରେ ଶୁକ୍ରବାର କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ (ସ୍ୱାଧୀନ) ପାରାଦୀପ ଗସ୍ତରେ ଆସୁଛନ୍ତି। ତେଣୁ ତାଙ୍କୁ ଏକ ଦାବିପତ୍ର ଦିଆଯିବ ବୋଲି ପରିଡ଼ା କହିଛନ୍ତି। ଅନ୍ୟ ଏକ ସୂଚନା ଅନୁଯାୟୀ, ଆସନ୍ତା ଶୁକ୍ରବାର ପାରାଦୀପ ମାଛଧରା ବନ୍ଦରକୁ ୟୁଏସ୍‌ଏ ଟିମ୍ ଆସୁଛନ୍ତି। ଏପଟେ କଟକଣା ଜନିତ ସମସ୍ୟା ଓ ସେପଟେ ବିଦେଶୀ ଟିମ୍‌ର ଗସ୍ତ ମତ୍ସ୍ୟ ବିଭାଗ ଓ ମତ୍ସ୍ୟଜୀବୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି।

**ଲାଗୁହେଲା ସାମୁଦ୍ରିକ କଟକଣା**



- ମହାନଦୀ ମୁହାଣରେ ଜୀବନକୁ ବିପଦ
- ବରୁଣେଇ ମୁହାଣରେ ଆଇନଗତ କଟକଣା
- ଚିନ୍ତାରେ ମତ୍ସ୍ୟଜୀବୀ, ଟ୍ରଲର ମାଲିକ
- ଅନିଶ୍ଚିତତାରେ ରହିଛି ମହାନଦୀ ମୁହାଣ ଖନନ

## ସଂକ୍ଷେପରେ

### ବ୍ଲାକ୍‌ମେଲ୍ କରି ମହିଳାଙ୍କୁ ବଳାତ୍କାର ଅଭିଯୋଗ

କୁଜଙ୍ଗ,୧।୧୧(ସ୍ୱ.ପ୍ର.): କୁଜଙ୍ଗ ଥାନା ଅଞ୍ଚଳର ଜଣେ ମହିଳାଙ୍କ ନଗ୍ନ ଫଟୋଇ ଉଠାଇ ତାଙ୍କୁ ବ୍ଲାକ୍‌ମେଲ କରିବା ସହ ଦୀର୍ଘ ୧ବର୍ଷ ହେଲା ଜଣେ ଯୁବକ ବଳାତ୍କାର କରିଆସୁଥିଲେ। ଏନେଇ ପୀଡିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ଏକଦା ସ୍ୱାମୀ ଅନୁପସ୍ଥିତ ଥିବାବେଳେ ମହିଳା ଜଣଙ୍କ ଘରେ ଏକାକି ଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ କୌଣସି ପ୍ରକାରେ ତାଙ୍କ ନଗ୍ନ ଫଟୋ ଉଠାଇଥିଲେ। ଏହାପରେ ତାଙ୍କୁ ବ୍ଲାକମେଲ କରିବା ସହ ବଳାତ୍କାର କରିଥିଲେ। ଏଭଳି ୧ ବର୍ଷ ଧରି ସମ୍ପୃକ୍ତ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଆସୁଥିବା ପୀଡିତା ଅଭିଯୋଗ କରିଛନ୍ତି। ଏପରିକି ଗତ ଅକ୍ଟୋବର ୨୧ ତାରିଖରେ ପୀଡିତାଙ୍କୁ ଅଭିଯୁକ୍ତ ବଳାତ୍କାର କରିବା ସମୟରେ ତାଙ୍କ ସ୍ୱାମୀ ଦେଖିଦେଇଥିଲେ। ଏହାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା ଓ ସ୍ୱାମୀ ତାଙ୍କୁ ଛାଡପତ୍ର ଦେଇଥିଲେ। ଏହା ପରେ ମଧ୍ୟ ଅଭିଯୁକ୍ତ ତାଙ୍କୁ ବ୍ଲାକମେଲ କରି ବଳାତ୍କାର କରିଆସୁଥିଲେ ବୋଲି ପୀଡିତା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏସ୍‌ଡିପିଓ ଶିବଚରଣ ମଲିକ ଓ କୁଜଙ୍ଗ ଥାନା ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣଙ୍କ ବିବାହିତ ଓ ତାଙ୍କର ୨ଟି ସନ୍ତାନ ଅଛନ୍ତି। ସେହିପରି ପୀଡିତାଙ୍କର ମଧ୍ୟ ୨ଟି ସନ୍ତାନ ଅଛନ୍ତି।

### ରାସ୍ତା ଜବରଦଖଲ, ତହସିଲଦାରଙ୍କୁ ଅଭିଯୋଗ

ନାଉଗାଁ,୧।୧୧(ସ୍ୱ.ପ୍ର.): ନାଉଗାଁ ବ୍ଲକ ମହିଷାମୁଣ୍ଡା(ବିଲସାହି) ଗ୍ରାମର ଜଣେ ବ୍ୟକ୍ତି ସରକାରୀ ରାସ୍ତା ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର ଗୌରାଙ୍ଗ ସ୍ୱାଇଁ ଗୁରୁବାର ତହସିଲଦାର ଜେ. କଳ୍ପନାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସଂସାଇଲୋ-ମହିଷାମୁଣ୍ଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଠାରୁ ମହିଷାମୁଣ୍ଡା ବାଲିସାହିକୁ ନିକଟରେ ବ୍ଲକ ପ୍ରଶସାନ ପକ୍ଷରୁ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତାକୁ ଜଣେ ବ୍ୟକ୍ତି ଅବରୋଧ କରି ନିଜ ଗୋରୁ ବାନ୍ଧୁଛନ୍ତି। ଫଳରେ ସର୍ବସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାସ୍ତାରୁ ଅବରୋଧ ହଟାଇବା ପାଇଁ ସେ ତହସିଲଦାରଙ୍କୁ ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ଯାଇ ଏହାର ତଦନ୍ତ କରିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଧାର କହିଛନ୍ତି।

### କୁଜଙ୍ଗ ଉପକାରାଗାରରେ କ୍ୟାମ୍ପକୋର୍ଟ

କୁଜଙ୍ଗ,୧।୧୧(ସ୍ୱ.ପ୍ର.): ସମାଗୋଳସ୍ଥିତ ଉପକାରାଗାରରେ କୁଜଙ୍ଗ ଜେଏମ୍‌ଏଫ୍‌ସି ମାମୀ ବେହେରାଙ୍କ ଦ୍ୱାରା କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି। ଏହି କୋର୍ଟରେ ୬ଜଣ ବିଚାରାଧୀନ ବନ୍ଦୀଙ୍କ ଜାମିନ ଆବେଦନର ବିଚାର କରାଯାଇଥିଲା। ତେବେ କାହାରିକୁ ଜାମିନ ପ୍ରଦାନ କରାଯାଇନାହିଁ। ସୂଚନାଯୋଗ୍ୟ, ଏଠାରେ ମହିମା ମିଶ୍ରଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି।

### ଗୋପୀନାଥ ହେଲେ କଂଗ୍ରେସ ଜୋନ୍ ସଭାପତି

କୁଜଙ୍ଗ,୧।୧୧(ସ୍ୱ.ପ୍ର.): ବାମଦେଇପୁର ପଞ୍ଚାୟତର ସରପଞ୍ଚ ଗୋପୀନାଥ ସାମନ୍ତରାୟ ଏରସମା ବ୍ଲକ କଂଗ୍ରେସର ୪ନଂ ଜୋନ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ସାମନ୍ତରାୟ ଛାତ୍ର ଜୀବନରୁ କଂଗ୍ରେସ ସହ ଜଡିତ ହୋଇ ଆସିଛନ୍ତି। ଅବିଭକ୍ତ ବାଲିତୁଠ ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇ ସେ ଲୋକଙ୍କ ନିକଟତର ହୋଇପାରିଛନ୍ତି। ଏଥିପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କୁ ଜୋନ୍ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଏହି ଅବସରରେ ସାମନ୍ତରାୟ ଦଳର ନେତା ସାରଦା ଜେନା, ଲଲାଟେନ୍ଦୁ ମହାପାତ୍ର, ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଜିଲା ସଭାପତି ନଟବର ବାରିକ ଓ କାର୍ଯ୍ୟକାରୀ ସଭାପତି ଶିବବ୍ରତ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କୁ ଜୋନ୍‌ର ସଂଗଠକ, ନେତା ଓ ଦଳୀୟ ଜନପ୍ରତିନିଧିମାନେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।



## ବଧୂହତ୍ୟା ଘଟଣା, ସ୍ୱାମୀଙ୍କୁ କୋର୍ଟଚାଲାଣ

ତିର୍ତ୍ତୋଲ,୧।୧୧(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଲର ପଞ୍ଚାୟତ ଓଳଗଦା ଗ୍ରାମର ପ୍ରଶାନ୍ତ ଦାସଙ୍କୁ ପୋଲିସ ବଧୂହତ୍ୟା ଘଟଣାରେ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସ୍ତ୍ରୀ ପ୍ରମିଳାଙ୍କୁ ସୋମବାର ରାତିରେ ସେ ଯୌତୁକ ପାଇଁ ହତ୍ୟା କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ କେସ୍ ନଂ. ୨୭୩/୧୮ ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ, ଗତ ଜୁଲାଇ ୧୫ରେ ପ୍ରଶାନ୍ତ ବୈଦିକ ରୀତିରେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ତିରଡିଆ ଗ୍ରାମର ରାଧାନାଥ ଦାସଙ୍କ ଝିଅ ପ୍ରମିଳାଙ୍କୁ ବିବାହ କରିଥିଲେ। ସେହି ସମୟରେ ବରପକ୍ଷ ଦାବି ମୁତାବକ ପ୍ରମିଳାଙ୍କ ବାପଘର ଲୋକେ ନଗଦ ଅର୍ଥ ସହିତ ଅନ୍ୟାନ୍ୟ ଯୌତୁକ ପ୍ରଦାନ କରିଥିଲେ। କିନ୍ତୁ ବିବାହର ମାସକ ପରେ ଅଧିକ ଯୌତୁକ ପାଇଁ ସ୍ୱାମୀଙ୍କ ସମେତ ଶାଶୁ ଘରର ଅନ୍ୟମାନେ ପ୍ରମିଳାଙ୍କ ଉପରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଆରମ୍ଭ କରିଦେଇଥିଲେ। ଏ ସମ୍ପର୍କରେ ପ୍ରମିଳା ତାଙ୍କ ବାପଘର ଲୋକଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ପ୍ରମିଳାଙ୍କୁ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଥିବା ତାଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି।




ବୈଷ୍ଣବ କବି ଭ୍ରମରବର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

**ବୈଷ୍ଣବ କବି ଭ୍ରମରବର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

## ଓଡ଼ିଆ ସାହିତ୍ୟର ସ୍ମରଣୀୟ ପ୍ରତିଭା ଥିଲେ ଭ୍ରମରବର

ବିରିଡ଼ି,୧।୧୧(ଡି.ଏନ.ଏ.)

ମଧ୍ୟଯୁଗୀୟ ସାହିତ୍ୟର ସାମ୍ୟତା ଦେଖିବାକୁ ମିଳେ ବୈଷ୍ଣବ କବି ଭ୍ରମରବର ରାୟଙ୍କ ସାହିତ୍ୟରେ। ତାଙ୍କର ପ୍ରଚୀନ ରାଗରାଗିଣୀ ଯୁକ୍ତ ୨୭ଟି ପୂର୍ଣ୍ଣାଙ୍ଗ କାବ୍ୟ ସହସ୍ରାଧିକ ଜଣାଣ, ଭଜନ, ଚୌପଦୀ ଓ ଚଉତିଶା ଆଦି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି। ସର୍ବୋପରି ଓଡ଼ିଆ ସାହିତ୍ୟରେ କବି ଭ୍ରମରବର ଜଣେ ସ୍ମରଣୀୟ ପ୍ରତିଭା ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବୈଷ୍ଣବ କବି ଭ୍ରମରବର ରାୟ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଗୁରୁବାର ବିରିଡ଼ି ବ୍ଲକ ବାଈଶିମୌଜା ବାରଡିଆସ୍ଥିତ ପାଲା ମଣ୍ଡପରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ଶାସନ ସଚିବ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ନାଇଜର କୁଳସଚିବ ଡ. ଅଭୟ ନାୟକ, ଭ୍ରମରବର ସଂସ୍କୃତି ପରିଷଦର ଅଧ୍ୟକ୍ଷ ଡ. ଶ୍ରୀ ଚରଣ ଦାସ, ରାଜ୍ୟ ପାଲା ଗାୟକ ସଂଘର ସଭାପତି ମଦନ ମୋହନ ଜେନା, ଓଡିଶା ସାହିତ୍ୟ ଏକାଡେମୀର ସହାୟକ ସଞ୍ଜୟ କୁମାର ଛୁଆଳ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେମାନେ କହିଲେ ଯେ, ଭ୍ରମରବରଙ୍କ ସାହିତ୍ୟ କର୍ମକାଣ୍ଡ, ସଂସ୍କୃତ, ଯମକ, ଅନୁପ୍ରାସ ଓ ବିଭିନ୍ନ ରାଗ ଉପରେ ପର୍ଯ୍ୟବେକ୍ଷିତ। ଅନେକ ସାମାଜିକ ଦୃଶ୍ୟକୁ ସେ ତାଙ୍କ ସାହିତ୍ୟରେ ପ୍ରତିଫଳନ କରିଛନ୍ତି। ପାଲା ସଂସ୍କୃତି ପ୍ରତି ତାଙ୍କର ଅବଦାନ ଅତୁଳନୀୟ ଥିଲା। ତାଙ୍କ ରଚିତ ବିଲ୍ୱ ମଙ୍ଗଳ, କଚ ଦେବଯାନୀ, ସତୀଚିତ୍ର, ବାମନ ଭିକ୍ଷା, କାଞ୍ଚି ଅଭିଯାନକୁ ଗାୟକମାନେ ପରିବେଷଣ କରିଥାନ୍ତି। ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ ଓଡିଶା ସାହିତ୍ୟ ଏକାଡେମୀର ଜଗତସିଂହପୁର ଜିଲା ସଦସ୍ୟ ଅକ୍ଷୟ କୁମାର ରାଉତ। ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସାହିତ୍ୟ ଏକାଡେମୀର ସଦସ୍ୟ ଅରବିନ୍ଦ ରାୟ। ଅଧ୍ୟାପକ ବିଭୁଦତ୍ତ ପ୍ରଧାନ ଓ ଶରତ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରଥିଲେ। ଉତ୍ସବରେ ପାଲାକାର ଓ ଓଡ଼ିଶୀ ସଙ୍ଗୀତର ପ୍ରସାର କରୁଥିବା ଏକାଧିକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତପନ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ର୍ଥ ଦିନ କ୍ୟାମ୍ପକୋର୍ଟରେ ୪ ଜଣଙ୍କୁ ଜାମିନ

ଜଗତସିଂହପୁର ଅଫିସ,୧।୧୧

ଆଜି ପିଙ୍ଗଳଠାରେ ଥିବା ସବ୍‌ଜେଲରେ ଓଡିଶା ଉଚ୍ଚ ନିୟ୍ୟାଳୟ ନିର୍ଦ୍ଦେଶ କ୍ରମେ ଗୁରୁବାର ୪ର୍ଥ ଦିନ ପାଇଁ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୧୧ ଜାମିନ ଦରଖାସ୍ତ ଶୁଣାଣି କରାଯାଇ ସେଥିରୁ ୪ ଜଣଙ୍କୁ ଜାମିନ ପ୍ରଦାନ କରାଯାଇଛି। ଜଗତସିଂହପୁର ଜିଲା ଓ ଦୌରାଜଜ୍ ରବିନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଓ ଦୌରାଜଜ ଭଗବାନ ପ୍ରଧାନ, ଏସ୍‌ଡିଜେଏମ୍ ଶୁଭଶ୍ରୀ ପ୍ରଧାନ, ଜିଲା ଆଇନ ସେବା ପ୍ରାଧୀକରଣ ସଚିବ କମଳକାନ୍ତ ରାଉତ ଓ ପାରାଲିଗାଲ ସ୍ୱେଚ୍ଛାସେବୀ ଏଥିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୮ରୁ ଜଗତସିଂହପୁର ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଜିଲା କୋର୍ଟରେ ଶୁଣାଣି ହୋଇପାରି ନ ଥିଲା। ଫଳରେ ଜଗତସିଂହପୁର ସବ୍‌ଜେଲରେ ବିଚାରାଧୀନ କଏଦୀମାନେ ଜାମିନ ଦରଖାସ୍ତ ଶୁଣାଣିରୁ ବଞ୍ଚିତ ହୋଇଆସୁଥିଲେ।

## ଦୁର୍ନୀତି ନିବାରଣ ପାଇଁ ଆତ୍ମଚିନ୍ତନ ଆବଶ୍ୟକ

ଜଗତ୍‌ସିଂହପୁର ଅଫିସ,୧।୧୧

ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଦୁର୍ନୀତି ନିବାରଣ ବିଭାଗ ଜଗତ୍‌ସିଂହପୁର ୟୁନିଟ୍‌ର ଉପ ଆରକ୍ଷୀ ଅଧିକ୍ଷକ ସୁଶାନ୍ତ କୁମାର ସେନ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ନିବାରଣ ସମ୍ପର୍କରେ ପ୍ରକାଶ କରିଥିଲେ। ସେ କହିଲେ ଯେ ଗୁରୁ, ଗୁରୁଜନଙ୍କ କାର୍ଯ୍ୟର ପ୍ରଭାବ ପିଲାମାନଙ୍କ ଉପରେ ପଡିଥାଏ। ତେଣୁ ସର୍ବପ୍ରଥମେ ଶିକ୍ଷକମାନେ ଦୁର୍ନୀତି ସମ୍ପର୍କରେ ଆତ୍ମଚିତନ କରିବା ଆବଶ୍ୟକ। ବିଦ୍ୟାଳୟରେ ମଧାହ୍ନଭୋଜନ, ସରକାରୀ ଅନୁଦାନ ବିନିଯୋଗ କ୍ଷେତ୍ରରେ ଦୁର୍ନୀତି ହେଉଛି କି ନାହିଁ ସେଥିପ୍ରତି ଶିକ୍ଷକମାନେ ଦୃଷ୍ଟିଦେବା ଆବଶ୍ୟକ। ଘରେ ଗୁରୁଜନମାନେ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ କଲେ ପିଲାମାନେ ଏଥିରେ ପ୍ରଭାବିତ ହୁଅନ୍ତି। ଦୁର୍ନୀତି ଧରାପଡିଲେ ମଣିଷ ସମାଜରେ ନିନ୍ଦୀତ ହୁଏ, ମାନସିକ ଭାରସାମ୍ୟ ହରାଏ ଓ ରୋଗାଗ୍ରସ୍ତ ହୁଏ। ତେଣୁ ଦୁର୍ନୀତି ଦ୍ୱାରା ଲାଭ ହେଉଛି କି କ୍ଷତି ତାହା ବିଚାର କରିବା ଆବଶ୍ୟକ। ଆଲୋଚନାଚକ୍ରରେ ଅଧକ୍ଷତା କରି ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ କହିଲେ ଯେ ସମସ୍ତେ ଶାଣିତ ସ୍ୱରରେ ଦୁର୍ନୀତି ବିରୋଧରେ ସ୍ୱରତ୍ତୋଳନ କରୁଛନ୍ତି। କିନ୍ତୁ ନିଜ କାର୍ଯ୍ୟକୁ ପର୍ଯ୍ୟାଲୋଚନା କରୁନାହାନ୍ତି। ଦୁର୍ନୀତି ନିବାରଣ ପାଇଁ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଏହା ଦ୍ୱାରା ସମାଜରେ ଠିକ୍ ବାର୍ତ୍ତା ପହଞ୍ଚିବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ ଯେ ଛାତ୍ରୀଛାତ୍ର ଦୁର୍ନୀତି ବିରୋଧରେ ସଚେତନ ହୋଇପାରିଲେ ଆଗାମୀ ପିଢିରେ ଦୁର୍ନୀତି ପରାହତ ହୋଇପାରିବ। ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଂସ୍କାରୀ କରିବା କ୍ଷେତ୍ରରେ ଗୁରୁକୂଳର ଗୁରୁଦାୟିତ୍ୱ ରହିଥିବା ସମ୍ପର୍କରେ କହିଥିଲେ। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଇଥିଲେ। ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦରକୁ ଗ୍ରାସିଲାଣି ଘରୋଇକରଣ

ପାରାଦୀପ,୧।୧୧(ସ୍ୱ.ପ୍ର.)

ପାରାଦୀପ ବନ୍ଦରକୁ କେନ୍ଦ୍ର ସରକାରଙ୍କ ପ୍ରକଳ୍ପ କୁହାଯାଉଥିବାବେଳେ ଏହାର ବାସ୍ତବ ଚିତ୍ର ଭିନ୍ନ ଦେଖିବାକୁ ମିଳୁଛି। କାରଣ ବନ୍ଦରରେ ଏବେ ୮୨ ପ୍ରତିଶତ କାର୍ଯ୍ୟର ଘରୋଇକରଣ ହୋଇସାରିଲାଣି। ଚଳିତବର୍ଷ ପାରାଦୀପ ବନ୍ଦର ୫ନଂ.ଗେଟ୍ ପାଖ ସାଉଥ ଅଏଲ ଜେଟି ପାଖରେ ଏକ ବର୍ଥ ଏକ ଘରୋଇ କମ୍ପାନୀକୁ ପ୍ରାୟ ୧୧ଶହ କୋଟି ଟଙ୍କାରେ ୩୦ ବର୍ଷ ପାଇଁ ଦିଆଯାଇଛି, ଯାହାକୁ ପିଆଇସିଟି ବା ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ କୁହାଯାଉଛି। ଉକ୍ତ ବର୍ଥ ପରେ ଆଉ ୨ଟି ବର୍ଥକୁ ମଧ୍ୟ ସମାନ ଭାବେ ଘରୋଇ ସଂସ୍ଥାକୁ ଦିଆଯାଇଛି। ଏହାର ନାମ ହେଲା କେଆଇସିଟି (କଳିଙ୍ଗ ଇଣ୍ଟରନ୍ୟାଶନାଲ କୋଲ ଟର୍ମିନାଲ)। ସେହିପରି ଇକ୍ୟୁ ୩ ବର୍ଥକୁ ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍‌ଚରକୁ ଦିଆଯାଇଛି। ଏହି କ୍ରମରେ ଗୁରୁବାର ଇକ୍ୟୁ ୩ ବର୍ଥରେ ସମ୍ପୃକ୍ତ କମ୍ପାନୀ କାମ ପାଇଁ ସରଞ୍ଜାମ ଆଣି ରଖାଯାଇଛି। ଅନ୍ୟ ଏକ ଖବର ଅନୁଯାୟୀ, ବନ୍ଦର ସୁରକ୍ଷାରେ ନିୟୋଜିତ ଥିବା ସିଆଇଏସ୍‌ଏଫ୍ (କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ)ର ୫୦ ପ୍ରତିଶତ କର୍ମଚାରୀଙ୍କୁ ଅପସାରଣ କରିନିଆଗଲାଣି। ଗତବର୍ଷ ୫୦ ଓ ଚଳିତବର୍ଷ ୫୫ ଯବାନଙ୍କୁ କାଢି ନିଆଗଲାଣି। ସେମାନଙ୍କ ସ୍ଥାନରେ ବର୍ଥ ନେଉଥିବା ଘରୋଇ କମ୍ପାନୀମାନେ ନିଜର ସୁରକ୍ଷା ଦାୟିତ୍ୱ ଘରୋଇ ସିକ୍ୟୁରିଟି ହାତରେ ନ୍ୟସ୍ତ କରୁଛନ୍ତି। ଏହାଦ୍ୱାରା ଅନ୍ତର୍ଦେଶୀୟ ବନ୍ଦରର ସୁରକ୍ଷା କ୍ଷେତ୍ରରେ ବିସମତା ଦେଖାଦେଉଛି।




ଇକ୍ୟୁ ୩ ବର୍ଥରେ ଗଦା ହୋଇଥିବା ପଣ୍ୟ ସାମଗ୍ରୀ।



ପାରାଦୀପ ବନ୍ଦର ଇକ୍ୟୁ ୩ ବର୍ଥରେ ଜେଏସଡବ୍ଲ୍ୟୁ ପକ୍ଷରୁ ଲୁହା ପାଇପ୍ ରଖାଯାଉଛି।

- ପିଆଇସିଟି ପରେ କେଆଇସିଟି, ଜେଏସ୍‌ଡବ୍ଲ୍ୟୁ
- ସୁରକ୍ଷା ଦାୟିତ୍ୱରୁ ଅପସାରଣ ହେଲେଣି ସିଆଇଏସ୍‌ଏଫ୍

## ଦୁର୍ନୀତି ନିବାରଣ ସଚେତନତା କର୍ମଶାଳା

ବାଲିକୁଦା,୧।୧୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଆୟୋଜିତ ଏହି କର୍ମଶାଳାରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଏବିଡିଓ ଅଜୟ କୁମାର ବେହେରା, ବ୍ଲକ ମଙ୍ଗଳ ଅଧିକାରୀ ପ୍ରମୋଦ ବିଶ୍ୱାଳ, ବ୍ଲକ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ସେଠୀ ପ୍ରମୁଖ ଯୋଗଦେଇ ଦୁର୍ନୀତିକୁ ପ୍ରସୟ ନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ନିଷ୍ଠାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ସାମାଜିକ ସୁରକ୍ଷା। ଅଧିକାରୀ ଅଶୋକ ଦାସ, ସରପଞ୍ଚ ଅଶୋକ ବିଶ୍ୱାଳ, ସାଧୁଚରଣ ସାହୁ, ଅଜୟ ମହାନ୍ତି, ରମେଶ ପାଇଟାଳ, ନିରଞ୍ଜନ ପଣ୍ଡା, ଲୋକନାଥ ମନ୍ତ୍ରୀ, ରମେଶ ସ୍ୱାଇଁ, ଜ୍ୟୋସ୍ନା ବାରିକ, ଶରତ ସେଠୀ, ଯନ୍ତ୍ରୀ ପ୍ରଦୀପ ସେଠୀ, ବିଜୟ ମହାନ୍ତି, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି ନିବାରଣ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଶେଷରେ ମଙ୍ଗଳ ଅଧିକାରୀ ପ୍ରମୋଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମୁଗୁପାଳ କଲେଜରେ ଜାତୀୟ ସେବା ଶିବିର ଉଦ୍‌ଘାଟିତ

**ରସୁଲପୁର,୧।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଞ୍ଚଳର ସର୍ବପୁରାତନ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ)ରେ ଜାତୀୟ ସେବା ଶିବିର-୨୦୧୮ ଉଦ୍‌ଘାଟିତ ହୋଇଛି। କଲେଜର ଅଧକ୍ଷା ସୁସ୍ମିତା ମିଶ୍ର, ଅଧାପକ ହିରବଲ୍ଲଭ ଦାଶ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ୪୦ଜଣ ଶିବିରାର୍ଥୀ ଯୋଗଦେଇ କଲେଜ ପରିସରର ସଫେଇ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଛନ୍ତି । ଏହାଛଡ଼ା ପ୍ରତ୍ୟେହ ପ୍ରାତଃହ ସମୟରେ ଯୋଗ ଶିକ୍ଷା କରିବା ସହ ସନ୍ଧ୍ୟା ସମୟରେ ଶିବିରାର୍ଥୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ପ୍ରୋଗ୍ରାମ ଅଫିସର ରବିନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ଶିବପ୍ରସାଦ ମାଝୀ, ସମାଜସେବୀ କାଳନ୍ଦୀ କର୍ଣ୍ଣ, ଅଧାପକ ରଞ୍ଜନ ସାମଲ, ସୁରେନ୍ଦ୍ର କୁଅଁର, ଖବରଦାତା ରଞ୍ଜିତ ରାଉତ, ଜଗମୋହନ ରାଉତ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଶିବିରକୁ ନେଇ ନିଜର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନେ ଜୀବନରେ ସେବାକୁ ବ୍ରତଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ସୁମନ୍ତ ମିଶ୍ର, ସତ୍ୟ ରଞ୍ଜନ ମିଶ୍ର, ଯିଶୁକ୍ରୀଷ୍ଟ ସାହୁ, ସନ୍ତୋଷ ସାହିଣୀଙ୍କ ସମେତ ୪ଜଣ ଜାତୀୟ ସେବା ସଂସ୍ଥାରେ ସଫଳତା ଅର୍ଜନ କରିଥିବା ଛାତ୍ରଙ୍କୁ ଦୁଇଟି ଗ୍ରୁପ୍‌କୁ ବିଭିନ୍ନ ପର୍ଯ୍ୟାୟରେ ଗାଇଡ୍ କରିଥିଲେ। ଅଧାପକ ସୁରେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରାର୍ଥୀମାନେ କଲେଜ କ୍ୟାମ୍ପସ୍, ବାଉଣ୍ଡାରୀ, ବଟାନୀକାଲ ଗାର୍ଡେନ ଆଦିକୁ ସଫା କରିଥିଲେ।

### ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

**ଧର୍ମଶାଳା,୧।୧୧(ଡି.ଏନ.ଏ.):** ଜାରକା ବଡ଼ ବଜାରର ବ୍ୟବସାୟୀ ଚୈତନ୍ୟ ମହାନ୍ତିଙ୍କ ବୁଧବାର ତାଙ୍କ ସେବତୀପୁରସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଗୁରୁବାର ଜାରକା ବଡବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା । ଏନେଇ ବିଜୁ ଗ୍ରାମୀଣ ବଜାର ସଭାଗୃହରେ ଏକ ଶୋକ ସଭା ସଭାପତି କିଶୋର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କରୁଣାକର ବରାଳ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସାହାଣୀ, ସହ ସମ୍ପାଦକ ମହାନ୍ତି, ବରିଷ୍ଠ ସଦସ୍ୟ ଦୁର୍ଯ୍ୟୋଧନ ସାହୁ, ଗୋବିନ୍ଦ ଚରଣ ସାହୁ, ଲକ୍ଷ୍ମଣ ସାହୁ, ଅମରେନ୍ଦ୍ର ରାଉତ, ତାରିଣୀ ମୋହନ ବିଶ୍ୱାଳ, ଅରୁଣ କୁମାର ସାହୁ ଓ ସନ୍ତୋଷ ପରିଡା ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ମହାନ୍ତି ଦୀର୍ଘ ୪୫ ବର୍ଷ ହେଲା ଜାରକା ବଜାରରେ ନିଜର ବ୍ୟବସାୟ ପ୍ରତିଷ୍ଠାନ କରିଥିଲେ।

### ବିଦ୍ୟାଳୟରେ ପାଠ ପଢାଇଲେ ସମିତି ସଭ୍ୟ

**ବାଲିକୁଦା, ୧।୧୧(ସ୍ୱ.ପ୍ର.):** ବାଲିକୁଦା ପଞ୍ଚାୟତ ସମିତି ସଭ୍ୟ ସୌମ୍ୟଜିତ୍ ମହାପାତ୍ର ବୁଧବାର ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ରିଟେଲ ମ୍ୟାନେଜମେଣ୍ଟ ସମ୍ପର୍କିତ ଶିକ୍ଷା ପ୍ରଦାନ କରିଛନ୍ତି। ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସେ ପାଠ ପଢାଇଥିଲେ। 'ମୋ ସ୍କୁଲ ଅଭିଯାନ'ଯୋଜନାରେ ସରକାର ନୂଆ କରି ଏହିପରି ପଦକ୍ଷେପ ହାତକୁ ନେଇ ଶିକ୍ଷିତ ଲୋକଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନ କରିବାର ସୁଯୋଗ ଦେଇଛନ୍ତି। ଏହା ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶରେ ସହାୟକ ହୋଇପାରିବ। ମହାପାତ୍ରଙ୍କ ଶିକ୍ଷାଦାନ ପ୍ରଣାଳୀକୁ ବିଦ୍ୟାଳୟର ଛାତ୍ରୀଛାତ୍ର ବେଶ୍ ଭଲ ଭାବେ ଗ୍ରହଣ କରିଛନ୍ତି। ଶିକ୍ଷାଦାନ ବ୍ୟତୀତ ସେ ମଧାହ୍ନ ଭୋଜନ ଅନୁଧାନ କରିଥିଲେ।

# କାମରେ ଲାଗୁନି ପ୍ରାଣୀ ସହାୟକ କେନ୍ଦ୍ର

**ନାଉଗାଁ,୧।୧୧(ସ୍ୱ.ପ୍ର.)**



ପ୍ରାଣୀ ସହାୟକ କେନ୍ଦ୍ର।

■ କର୍ମଚାରୀ ଅଭାବରୁ କାର୍ଯ୍ୟକାରୀ ହେଉନି ଯୋଜନା

■ ବର୍ଷରେ ଅଧାଦିନ ବନ୍ଦ ରହୁଛି କେନ୍ଦ୍ର

ଚାଷୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍ସାହିତ କରିବା ଓ ପ୍ରୋତ୍ସାହନ ଯୋଗାଇବା ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଶ୍ୱେତ ବିପ୍ଳବ ଜରିଆରେ ଚାଷୀଙ୍କୁ ଗୋପାଳନ ନିମନ୍ତେ ଉତ୍ସାହିତ କରାଯାଉଛି। ଏହି ଯୋଜନାରେ ଦୁଗ୍ଧ ଚାଷୀଙ୍କୁ ଗୁହାଳଠାରୁ ଆରମ୍ଭ କରି, ଗୋଖାଦ୍ୟ ଓ ବିଭିନ୍ନ ଔଷଧ ଆଦି ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ଗ୍ରାମାଞ୍ଚଳର ଗୋଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଆପିକଲ, ନାବାର୍ଡ ଓ ରାଷ୍ଟ୍ରୀୟ ଗୋ ବିକାଶ ଭଳି ସଂସ୍ଥା ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରୁଛନ୍ତି। କିନ୍ତୁ କ୍ଷେତ୍ର କର୍ମଚାରୀ ଅଭାବରୁ ଏହି ଯୋଜନାଗୁଡିକ ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଗୋ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ନାଉଗାଁ ବ୍ଲକରେ ଏହି ସମସ୍ୟା ଦେଖିବାକୁ ମିଳୁଛି। ଏହି ବ୍ଲକରେ ୬ଟି ପ୍ରାଣୀ ସହାୟକ କେନ୍ଦ୍ର ଥିବାବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଅଧିକାଂଶ ସମୟ ପ୍ରାଣୀ ସହାୟକ କେନ୍ଦ୍ର ବନ୍ଦ ରହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏତଦ୍‌ବ୍ୟତୀତ ୩ ପ୍ରାଣୀ ସହାୟକ କେନ୍ଦ୍ର ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ନହୋଇ ଭୂତକୋଠି ପାଲଟିଗଲାଣି। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ କ୍ୱାକଙ୍କ ଶୋଷଣର ଶିକାର ହେଉଛନ୍ତି। ବ୍ଲକର ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୨ରେ ବ୍ଲକର ସମୁଦାୟ ଗୋମହିଷାଦିଙ୍କ ସଂଖ୍ୟା ୨୨,୨୮୯ ଥିଲା। ଏହି ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ନାଉଗାଁ ବ୍ଲକ ସମେତ କୋରୁଅ ପଞ୍ଚାୟତର ଗାରୋଇ, ଡେରିକି, ଗଳଦାରୀ ପଞ୍ଚାୟତର ଏରେଡା, ଅଲଣା ପଞ୍ଚାୟତର ଅଲଣାହାଟ, ଜାମୁଗାଁ ପଞ୍ଚାୟତର କଣ୍ଟୁଣିଆ ହାଟ, ଗଜରାଜପୁର ପଞ୍ଚାୟତର ଦେବୀଦୋଳଠାରେ ପ୍ରାଣୀ ସହାୟତା କେନ୍ଦ୍ର ରହିଛି। ଏହି ୬ କେନ୍ଦ୍ରରେ ମାତ୍ର ୩ କର୍ମଚାରୀ ଅଛନ୍ତି। କର୍ମଚାରୀ ଅଭାବରୁ ଏହି ସହାୟତା କେନ୍ଦ୍ରଗୁଡିକ ବର୍ଷରେ ଅଧାଦିନ ବନ୍ଦ ରହୁଛି। ଫଳରେ ଗୋ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ତିରୁଣା, ଓଷକଣା, ଶିଖରଠାରେ ୧୦ ବର୍ଷ ହେଲା ୩ ଟି ପ୍ରାଣୀ ସହାୟତା କେନ୍ଦ୍ର ଖୋଲାଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ କରାଯାଇଥିବା ଉକ୍ତ ଘର କାର୍ଯ୍ୟକ୍ଷମ ହେବା ପରିବର୍ତ୍ତେ ଦୀର୍ଘଦିନ ହେବ ବନ୍ଦ ହୋଇରହିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଗୋଚାଷୀମାନେ ଗୋ ମହିଷାଦିଙ୍କ ଚିକିତ୍ସା କରାଇପାରୁନାହାନ୍ତି। ଏଥିପ୍ରତି ପ୍ରଶାସନ ଓ ପ୍ରାଣୀ ସମ୍ପଦ ବିଭାଗ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ବ୍ଲକ ପ୍ରାଣୀଧନ ଚିକିତ୍ସାଳୟର ମୁଖ୍ୟ ପ୍ରମୋଦ କୁମାର ପଣ୍ଡା କହିଛନ୍ତି ଯେ ଖାଲିପଡିଥିବା ପଦବୀ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି। କିନ୍ତୁ ଅଦ୍ୟାବଧି ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।



ଶୋଭାଯାତ୍ରାରେ ଯାଉଥିବା ଭାଜପା ନେତା ଓ କର୍ମୀମାନେ।

## ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଗର୍ଜିଲା ଭାଜପା

**ଜଗତସିଂହପୁର ଅଫିସ,୧।୧୧**

ବିଜେଡି ଶାସନରେ ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ବୃଦ୍ଧି ପାଇଛି। ଏପରିକି ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପିସି କାରବାର ଚାଲିଛି। ଏଭଳି ଅଭିଯୋଗ କରି ଭାଜପା ଗୁରୁବାର ସାରା ରାଜ୍ୟରେ ବ୍ଲକ ଘେରାଉ ଡାକରା ଦେଇଥିଲା। ଏହି ପରିପ୍ରେକ୍ଷୀରେ ଭାଜପାର ଜଗତସିଂହପୁର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଗୁରୁବାର ବ୍ଲକ ଘେରାଉ କରାଯାଇଛି। ଏକ ଶୋଭାଯାତ୍ରା ସ୍ଥାନୀୟ ଶାରଦା ମଣ୍ଡପରୁ ବାହାରି ସହରର ମୁଖ୍ୟ ରାସ୍ତାଦେଇ ଜଗତ୍‌ସିଂହପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ତଥା ଭାଜପା ନେତା ବାଇଧର ମଲ୍ଲିକ ଯୋଗଦେଇ ବିଭିନ୍ନ ଦୁର୍ନୀତି ବିଷୟରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପରେ ପୂର୍ବତନ ସଭାପତି ଉପେନ୍ଦ୍ର ନାଥ ବିଶ୍ୱାଳ, ସୌଭାଗ୍ୟ ମହାନ୍ତି, ଅକ୍ଷୟ ପାତ୍ର, ସୁବାସ ମହାନ୍ତି, ଜଗନ୍ନାଥ ଦାସ, ବିନୋଦ ମହାନ୍ତି, ରଣଜିତ୍ ମହାନ୍ତି ଓ ଶିଶିର ପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ବିଶୋଇ, ରାଜନାରାୟଣ ସାହୁ, ପ୍ରଜ୍ଞାପ୍ରଣବ ଆଚାର୍ଯ୍ୟ, ନବଘନ ସ୍ୱାଇଁ, ବସନ୍ତ କୁମାର ନାୟକ, ହୃଷିକେଶ ନନ୍ଦ, ସବିତା ବେହୁରା ଓ ସମୀର ନାୟକ ପ୍ରମୁଖ ଯୋଗଦେଇଥିଲେ। ବିକ୍ଷୋଭ ବେଳେ ଭାଜପାର ମଣ୍ଡଳ ସଭାପତି, ପ୍ରଭାରି ଓ ମହିଳାମୋର୍ଚ୍ଚାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ମା' ଲକ୍ଷ୍ମୀ ନାଟ୍ୟସଂସ୍ଥାର ବାର୍ଷିକ ଉତ୍ସବ

**ବାଲିଆ,୧।୧୧**

ବିରିଡି ବ୍ଲକ ୨୨ ମୌଜାର ବାସନ୍ଦରା ଗ୍ରାମରେ ଥିବା ମା' ଲକ୍ଷ୍ମୀ ନାଟ୍ୟ ସଂସ୍ଥାର ୩୧ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ନାଟକ ପରିବେଷଣ କରାଯାଇଥିଲା। ଗଜଲକ୍ଷ୍ମୀ ପୂଜା ଅବସରରେ ନାଟ୍ୟସଂସ୍ଥା ସଭାପତି ଜ୍ଞାନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ବାର୍ଷିକୋତ୍ସବ ପାଳିତ ହୋଇଥିଲା। ସଭାମଞ୍ଚକୁ ପରମାନନ୍ଦ ରଥ ସଞ୍ଚାଳନା କରିଥିଲେ। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଭାଜପା ନେତା ହରିହର ବେହେରା, ପୂର୍ବତନ ବିରିଡି ବ୍ଲକ ଉପାଧକ୍ଷ ଶିବ ପ୍ରସାଦ ଜେନା, ନିର୍ଦ୍ଦେଶକ ଅକ୍ଷୟ କୁମାର ରଣା, ସରପଞ୍ଚ ଲକ୍ଷ୍ମୀଧର ଭୋଇ, ସମିତି ସଭ୍ୟା ମୀନତି ମଲ୍ଲିକ, କଳାକାର ସଞ୍ଜୟ କୁମାର ଭୋଇ, ଦୀପ୍ତି ରଞ୍ଜନ ଦାସ, ବିନ୍ଦୁ ସାଗର ମଲ୍ଲିକ, ମୋହନ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କ ପ୍ରତିଭା ବିକାଶ ନିମନ୍ତେ ନାଟ୍ୟ ସଂସ୍ଥାର ଏଭଳି ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ଏଥିସହ କଳାକାରମାନଙ୍କ ପ୍ରତିଟି ଅଭିନୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଦୀପ୍ତିରଞ୍ଜନ ଦାସ ଓ ଶ୍ରେଷ୍ଠ କଳାକାର ଭାବେ ସଞ୍ଜୟ କୁମାର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମଞ୍ଚରେ ଗ୍ରାମର ଯୁବ କଳାକାରମାନଙ୍କୁ ନେଇ ଅଧା ରହିଗଲା ସପନ ମୋର ନାଟକ ମଞ୍ଚସ୍ଥ କରାଯାଇଥିଲା। କାର୍ଯ୍ୟକ୍ରମରେ ବାସନ୍ଦରା ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପରମାନନ୍ଦ ରଥ, ଶିବପ୍ରସାଦ ପ୍ରଧାନ, ବେଣୁଧର ଭୋଇ ପ୍ରମୁଖ ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିବାବେଳେ ବାଲୁ, ପାକୁନି, ଧିର, ରଞ୍ଜୁ, ଚିନୁ, ଲିକୁନ, ମଇଁନା, ଟେରୁ, ସୋମୀ, ମଞ୍ଜୁ, ରଶ୍ମୀ, ବାପିନ, ପତିଆ, କୁନା ଓ ମୁନା ପରିଚାଳନାରେ ସହାୟତା କରିଥିଲେ।



ମା'ଲକ୍ଷ୍ମୀ ନାଟ୍ୟ ସଂସ୍ଥାର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଆଠଗଡ, ୧।୧୧ (ସ୍ୱ.ପ୍ର.)**

ଆଠଗଡ ବିଜୁ ଜନତା ଦଳ ତରଫରୁ ଜୋନ ନଂ-୩ ବେଣ୍ଟପଦା ଗ୍ରାମପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପଦଯାତ୍ରା ବେଣ୍ଟପଦା ଶିବ ମନ୍ଦିରରୁ ବାହାରି ଧନୁର୍ଜୟପୁର, ରାଧାକାନ୍ତପାଟଣା, ହଂସଭୂଇଁ ଦେଇ ବାଲିପଦା ଗ୍ରାମରେ ସମାପ୍ତ ହୋଇଥିଲା। ଏଥିରେ ବିଜେଡି ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଓ କେନ୍ଦ୍ର ସରକାରଙ୍କ ବିଫଳତା ବିଷୟରେ ଜଣସାଧାରଣଙ୍କୁ ବୁଝାଇ ଥିଲେ । ବ୍ଲକ ମହିଳା ବିଜୁ ଜନତା ଦଳର ସଭାପତି ବାସନ୍ତି ରାଉଳ, ଲକ୍ଷ୍ମୀପ୍ରିୟା ବେହେରା, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ସମିତିସଭ୍ୟା ରୋଜି ଓଝା, ସ୍ଥାନୀୟ ସରପଞ୍ଚ କନକଲତା ସାହୁ, ଜିଲ୍ଲାପରିଷଦ ସଭ୍ୟା ଜାନକୀଲତା ନାୟକ, ଗ୍ରା.ପ.ର ବିଜେଡି ସଭାପତି ଚୈତନ୍ୟ ସାହୁ, ଯୁବନେତା ପବିତ୍ର କୁମାର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ, ପୂର୍ବତନ ସରପଞ୍ଚ ବିପିନି ବିହାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଜୋନ ନଂ-୧ ସମସରପୁର ଗ୍ରା.ପ.ଠାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରା ନୂଆଆଙ୍କୁଲା ଠାରୁ ଆରମ୍ଭ ହୋଇ ଅମୃତମଣୋହିପାଟଣା ଠାରେ ଶେଷ ହୋଇଥିଲା । ଆଠଗଡ ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ପଦଯାତ୍ରା ସ୍ଥାନୀୟ ସରପଞ୍ଚ ସୁଚିସ୍ମିତା ବେହେରା, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

### ଆଇଟି ପର୍ଶନାଲଙ୍କୁ ଚାକିରିରୁ ବାହାର କରିବା ଘଟଣା

## ତହସିଲଦାରଙ୍କୁ ଅଭିଯୋଗ

**ତିର୍ତ୍ତୋଲ,୧।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ତହସିଲ କାର୍ଯ୍ୟାଳୟରେ ପୁରୁଣା ରେକର୍ଡପତ୍ର କମ୍ପ୍ୟୁଟରୀକରଣ ପାଇଁ ନିଯୁକ୍ତ ଆଇଟି ପର୍ଶନାଲ ମଧୁସ୍ମିତା ସାହୁଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ଘଟଣାକୁ ନେଇ ସେ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ଗୁରୁବାର ସେ ଏହାର ପୁନର୍ବିଚାର ଓ ବକେୟା ଦରମା ପ୍ରଦାନ ପାଇଁ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ ଗତ ଜୁଲାଇ ୩୧ ତାରିଖ ଆଦେଶ ମୁତାବକ ତହସିଲ ମେମୋନଂ-୨୪୪୯ରେ ତାଙ୍କୁ ଆଇଟି ପର୍ଶନାଲ ଭାବରେ ତହସିଲରେ ଅସ୍ଥାୟୀ ନିଯୁକ୍ତି ମିଳିଥିଲା। ସେ ଏଠାରେ ଅଗଷ୍ଟ ମାସରେ କାର୍ଯ୍ୟରେ ଯୋଗଦେଇ ୧ ମାସର ଦରମା ପାଇଥିଲେ। ଏହି ସମୟ ମଧ୍ୟରେ ତହସିଲ ଆଇଟି ସେକ୍ସନର ସ୍କାନର ଖରାପ ହୋଇଯିବାରୁ ସ୍କାନର ସଜଡା ହେବା ପର୍ଯ୍ୟନ୍ତ ତାଙ୍କୁ ସାମୟିକ ଭାବରେ କାର୍ଯ୍ୟରୁ ଅନ୍ତର ରହିବାକୁ ତହସିଲଦାର କହିଥିଲେ। ଇତିମଧ୍ୟରେ ୨ ମାସ ବିତିଯାଇଥିବାବେଳେ ଗତ ୨୯ ତାରିଖରେ ତାଙ୍କୁ ତହସିଲଦାରଙ୍କୁ ଆସି ଦେଖା କରିବାକୁ ତହସିଲ କାର୍ଯ୍ୟାଳୟରୁ ଫୋନ ଯାଇଥିଲା। ସେ ଆସି ତହସିଲଦାରଙ୍କୁ ଦେଖାକରି ନଭେମ୍ବର ୧ରେ କାର୍ଯ୍ୟରେ ଯୋଗଦେବାକୁ ବୁଝିକି ଯାଇଥିଲେ। ଏହି କ୍ରମରେ ୧ ତାରିଖରେ ତହସିଲ କାର୍ଯ୍ୟାଳୟକୁ ଆସିବାବେଳକୁ ତାଙ୍କ ସ୍ଥାନରେ ଅନ୍ୟ ଜଣେ କାର୍ଯ୍ୟ କରୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ତହସିଲଦାରଙ୍କୁ ପଚାରିବାରୁ ବଡ଼ବାବୁ ତୁମକୁ ଜଣାଇ ପାରିଲେନାହିଁ, ଏହି ପଦବୀରେ ଅନ୍ୟ ଜଣେ କାମ କଲେଣି ବୋଲି କହି ତାଙ୍କୁ ଫେରିଯିବାକୁ କହିଥିଲେ। ମଧୁସ୍ମିତା ଜଣେ ଗରିବ ପରିବାରର ଝିଅ, ତାଙ୍କର ଅନ୍ୟ କୌଣସି ରୋଜଗାର ନ ଥିବାରୁ ତାଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏସମ୍ପର୍କରେ ତହସିଲଦାର ସୁଜାତା ପାତ୍ରଙ୍କୁ ପଚାରିବାରୁ ସେ ଅଗଷ୍ଟ ମାସରେ ଏଠାରେ ନିଯୁକ୍ତ ହୋଇଛନ୍ତି। ଆଇଟି ପର୍ଶନାଲ ନିଯୁକ୍ତି ଆଦେଶ ବିଷୟରେ ସେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

## କୁଜଙ୍ଗରେ ଦାମଙ୍କ କର୍ମୀ ସମ୍ମିଳନୀ

**କୁଜଙ୍ଗ,୧।୧୧(ସ୍ୱ.ପ୍ର.)**

ପାରାଦୀପ ବିଧାୟକ ଦାମୋଦର ରାଉତ ଗୁରୁବାର କୁଜଙ୍ଗ ପଞ୍ଚାୟତରେ ଏକ କର୍ମୀ ସମ୍ମିଳନୀ କରି ତାଙ୍କ ଅନୁଗତମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ସେ କହିଲେ ଯେ, ଆପଣମାନଙ୍କ ପରିଚୟ ହିଁ ମୋର ପରିଚୟ। ଆପଣମାନେ ମୋତେ ପ୍ରତିନିଧି ଭାବରେ ନିର୍ବାଚିତ କରିଥିବାରୁ ମୁଁ ଆଜି ଓଡିଶାର କୋଣେ ଅନୁକୋଣେ ପରିଚିତ। ତେଣୁ ପଦପଦବୀ କ୍ଷମତାଠାରୁ ମୋ ପାଇଁ ଆପଣମାନେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସେ ସାଂଗଠନିକ ସ୍ଥିତି ମଜବୁତ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ପାରାଦୀପ ନିର୍ବାଚନମଣ୍ଡଳୀରେ ହସ୍ତକ୍ଷେପ କରି କିଛି କର୍ମୀଙ୍କୁ ପ୍ରଲୋଭିତ କରୁଛନ୍ତି ବୋଲି ବୈଠକରେ କେତେଜଣ କର୍ମୀ ଦାମଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଦାମ କହିଲେ ଯେ ଚାକିରି, ଠିକାକାମ ଏବଂ ଅର୍ଥ ଲାଳସା ଦେଖାଇ କିଛି ଯୁବକଙ୍କୁ ପଥଭ୍ରଷ୍ଟ କରାଯାଉଛି। ଏଥିରେ କେହି ପ୍ରଲୋଭିତ ନ ହେବାକୁ ସେ କହିଥିଲେ। ଏଥିସହ ସେ ଏମ୍‌ପି କୁଳମଣୀ ସାମଲଙ୍କୁ କଟୁ ସମାଲୋଚନା କରିଥିଲେ। ବୈଠକରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ବ୍ଲକ୍ ସଭାପତି ଚିତ୍ତରଞ୍ଜନ ମିଶ୍ର, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ରାଜକିଶୋର ନାଥ, ଆଇନଜୀବୀ ଭାରତଭୂଷଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଆଗକୁ କୁଜଙ୍ଗରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଥିବାବେଳେ ଏହା ପୂର୍ବରୁ ଦାମଙ୍କ ଏଭଳି କର୍ମୀ ସମ୍ମିଳନୀ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

### ■ ଶୋଚନୀୟ ଅବସ୍ଥାରେ ପିଁପୁରର ଗାଇଦାଣ୍ଡି,କାକୁଡ଼ିଆ ରାସ୍ତା

# ୧୬ବର୍ଷ ହେବ ପଡ଼ିନାହିଁ ମୋରମ

**ରଘୁନାଥପୁର୧।୧୧(ଡି.ଏନ୍.ଏ.)**



ପିଁପୁର ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟର ପ୍ରତି ଗ୍ରାମରେ ବିକାଶ ହୋଇଛି ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବାବେଳେ ଅପହଞ୍ଚରେ ରହିଯାଇଛି ନିଶ୍ଚିନ୍ତକୋଇଲି ବ୍ଲକର ୨୫କି.ମି. ଦୂର ଉତ୍ତରକୂଳ ପଞ୍ଚାୟତର ପିଁପୁର ଗ୍ରାମ । ଏହି ଗ୍ରାମର ଦୁଇ ପ୍ରମୁଖ ରାସ୍ତାରେ ଦୀର୍ଘ ୧୬ବର୍ଷ ହେବ ଷୋଳ ଟୋକେଇ ମୋରମ ଏପର୍ଯ୍ୟନ୍ତ ପଡିପାରି ନାହିଁ। ଏନେଇ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତାଙ୍କ ନିକଟରେ ବାରମ୍ବାର ଅଭିଯୋଗସତ୍ତ୍ୱେ ସବୁ ଫେଲ ମାରିଥିବା ଜଣାପଡିଛି । ପ୍ରକାଶ ଯେ, ମହାନଦୀ ବାମପାର୍ଶ୍ୱ ନଦୀବନ୍ଧରୁ ଦୁଇଟି ରାସ୍ତା ଯଥା ଗାଇଦାଣ୍ଡି ଓ କାକୁଡିଆ ବନ୍ଧ ରାସ୍ତା ପିଁପୁର ଗ୍ରାମକୁ ସଂଯୋଗ କରିଛି । ଗହୀର ମଧ ଦେଇ ଅତି ନିମ୍ନରେ ଉକ୍ତ ରାସ୍ତାଦ୍ୱୟ ଥିବାରୁ ବର୍ଷାଋତୁରେ ପାଣି ଜମିରହି ୩ଟି ୱାର୍ଡର ପ୍ରାୟ ୨୦୦ପରିବାର ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏପରିକି ଆମ୍ବୁଲାନ୍ସଟିଏ ଗ୍ରାମକୁ ଆସିବା ଓ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବାରେ ମଧ ସମସ୍ୟା ସୃଷ୍ଟି ହୁଏ। ଖରାଦିନେ ରାସ୍ତାରେ ଖାଲଢିପ ସୃଷ୍ଟି ହୋଇ କୌଣସି ଯାନବାହନ ଯାଇ ହୁଏ ନାହିଁ। ଏହି ଗ୍ରାମ ଦେଇ ବାବୁଜଙ୍ଗ ପଞ୍ଚାୟତର ସଫିପୁର, ବାରୀମୂଳ, ମଠସାହି, ଦୁଲୁପୁର ଓ ବାବୁଜଙ୍ଗ ଗ୍ରାମଗୁଡିକୁ ରାସ୍ତା ଥିବାରୁ ଯିବାଆସିବା ପାଇଁ ମଧ ସମସ୍ୟା ହୁଏ। ନିର୍ବାଚନ ସମୟ ଆସିଲେ ନେତାଙ୍କ କଥା ସବୁ କେବଳ ପ୍ରତିଶ୍ରୁତିରେ ହିଁ ରହିଯାଏ। ଏହାର ଜବାବ ଦେବା ପାଇଁ ଗ୍ରାମବାସୀ ଅପେକ୍ଷାରେ ଥିବା ପୂର୍ବତନ ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପରିଜା କହିଛନ୍ତି। ଏ ସମ୍ପର୍କରେ ଦିପାଞ୍ଚଳ ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ସମିତିସଭ୍ୟ ପୀତାମ୍ବର ପରିଜା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ, ଗ୍ରାମବାସୀ ସହ ନିଶ୍ଚିନ୍ତକୋଇଲି ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ଅଭିଯୋଗ କରିଛନ୍ତି। ବିଡିଓ ପ୍ରଧାନ ଉକ୍ତ ଅଞ୍ଚଳକୁ ନିଜେ ଯାଇ ଅନୁଧ୍ୟାନ କରିବା ସହ, ଜେଇଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ଯଥାଶୀଘ୍ର ସମସ୍ୟାର ସମାଧାନ ନହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାରୁ ...

### ଘରୁ ଲୁଟ୍, ନାବାଳିକାଙ୍କୁ ...

ଘରର ସମସ୍ତ ଜିନିଷପତ୍ର ଫୋପାଡାଫିଙ୍ଗା କରିଥିଲେ। ଏହି ସମୟରେ ଶବ୍ଦ ଶୁଣି ନାବାଳିକା ଜଣଙ୍କ ନିଦରୁ ଉଠି ବସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଟେକିନେଇ ବାରିପଟ ରାସ୍ତା ଦେଇ ଘରଠାରୁ ପ୍ରାୟ ୩୦୦ ମିଟର ଦୂର ଏକ ଗଛ ମୂଳେ ଗଣବଳାତ୍କାର କରିଥିଲେ। କିଛି ସମୟ ପରେ ନାବାଳିକାଙ୍କ ବାପା ଉଠି ବାରି କବାଟ ଖୋଲାଥିବା ଓ ଜିନିଷପତ୍ର ଏଣେତେଣେ ପଡିଥିବା ଦେଖିଥିଲେ। ବାରିପଟକୁ ଯିବାବେଳେ ସେ ଝିଅର ଚିତ୍କାର ଶୁଣିଥିଲେ। ଘଟଣାସ୍ଥଳରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ପରେ ପୀଡିତାଙ୍କ ବାପା ବାଲିଛାଇ ଫାଣ୍ଡିରେ ଏତଲା ଦେଇଥିଲେ। ଗୁରୁବାର ଘଟଣାସ୍ଥଳରେ ଗଞ୍ଜାମ ଏସ୍‌ପି ରଏ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସାହୁ, କବିସୂର୍ଯ୍ୟନଗର ଥାନାଧିକାରୀ ତପନ କୁମାର ପତି, କୋଦଳା, ପୋଲସରା, ଆସିକା ପ୍ରମୁଖ ଥାନାଧିକାରୀ, ବାଲିଛାଇ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ବେହେରା ପ୍ରମୁଖ ପହଞ୍ଚି ଅନୁଧାନ କରିଥିଲେ। ଏଥିସହ ସାଇଣ୍ଟିଫିକ ଟିମ୍ ମଧ ପହଞ୍ଚି ତଦନ୍ତ କରିଥିଲା। ଏସଡିପିଓ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଏସ୍‌ପି ରଏ ସୂଚନା ଦେଇଛନ୍ତି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ନାବାଳିକାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୀଡିତା ନାବାଳିକା ଏବେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି।

# ‘ପ୍ରିଣ୍ଟେଡ୍ ବୁକ୍ ଅଫ୍ ଦି ଇୟର’ ପୁରସ୍କାର ଦୌଡ଼ରେ ଓଡ଼ିଆ ପୁସ୍ତକ




ଭୁବନେଶ୍ୱର,୧।୧୧(ବ୍ୟୁରୋ)
ଓଡ଼ିଶାର ଜଣାଶୁଣା କଥାକାର ତଥା ଅନୁବାଦକ କମଳାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲିଖିତ ଓଡ଼ିଆ ଆତ୍ମଜୀବନୀ ପୁସ୍ତକ ‘ଜନମରୁ ମରଣ’ ସମ୍ମାନଜନକ ‘ପ୍ରିଣ୍ଟେଡ୍‌ବୁକ୍‌ଅଫ୍‌ଦିଇୟର ୨୦୧୮’ ପୁରସ୍କାର ଦୌଡ଼ରେ ରହିଛି। ‘ପବ୍ଲିସିଙ୍ଗ୍ ନେକ୍ସଟ୍’ ତରଫରୁ ସର୍ବଭାରତୀୟ ସ୍ତରରେ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ତାଲିକାରେ ‘ଜନମରୁ ମରଣ’ ଏକମାତ୍ର ଓଡ଼ିଆ ପୁସ୍ତକ ଭାବେ ସ୍ଥାନ ପାଇଛି। ‘ଧଉଳି ବୁକ୍ସ’ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଭାରତୀୟ ଭାଷା ବିଭାଗରେ ଉକ୍ତ ପୁରସ୍କାର ପାଇବାକୁ ଚୟନ ହୋଇଛି। ଓଡ଼ିଶାର ପ୍ରଥମ ପ୍ରକାଶନୀ ସଂସ୍ଥା ଭାବେ ଧଉଳି ବୁକ୍ସ ‘ପବ୍ଲିସିଙ୍ଗ୍ ନେକ୍ସଟ୍’ର ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଭାରତୀୟ ଭାଷା ବିଭାଗରେ ମୋଟ ୫ଟି ବହି ରହିଥିବା ବେଳେ ସେଥିମଧ୍ୟରେ ମହାପାତ୍ରଙ୍କ ‘ଜନମରୁ ମରଣ’ ନିଜର ସ୍ଥାନ ସୁରକ୍ଷିତ ରଖିଛି। ଏହି ପୁସ୍ତକ ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପାଠକୀୟ ଆଦୃତି ମଧ୍ୟ ଲାଭ କରିଛି। ୨୦୧୪ ମସିହାରୁ ‘ପବ୍ଲିସିଙ୍ଗ୍ ନେକ୍ସଟ୍’ ପକ୍ଷରୁ ‘ଦି ପବ୍ଲିସିଙ୍ଗ୍ ନେକ୍ସଟ୍ ଇଣ୍ଡଷ୍ଟ୍ରି ଆୱାର୍ଡ’ ପ୍ରଦାନ କରାଯାଉଥିବା ବେଳେ ଏହି ପୁରସ୍କାର ବିଭିନ୍ନ ବର୍ଗ ପାଇଁ ପ୍ରଦାନ କରାଯାଉଛି।



## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-JAJ-0017-2018 / **29349** R&DM, Dated 08.08.2018

**No. XXIV-72:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ସାଇଁଟୋ, ଥାନା– କୋରେଇ ସଂ.୪୮, ତହସିଲ– ବ୍ୟାସନଗର, ଜିଲ୍ଲା– ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨୩.୨୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ବାମପାର୍ଶ୍ୱ କେନାଲ ଡିଭିଜନ ନଂ.–୧, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | ସାଇଁଟୋ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୨.୫୭ | ଏ.୨୩.୨୪ | ଏଥିସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦୧.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଜମି ଅନୁସୂଚୀ

**ଗ୍ରାମର ନାମ: ସାଇଁଟୋ, ଥାନାର ନାମ: କୋରେଇ ନଂ.:୪୮, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର, ଜମି ଅଧିଗ୍ରହଣ କେସ୍ ନଂ.:**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୭ | ୧୬୦ | ୦.୨୨ | ୦.୨୨ | ଅମେଦା ବିବି, ସ୍ୱାମୀ– ସେକ ମହମ୍ମଦ ଅବଦୁଲ ରୁଜାକ, ଜା: ମୁସଲମାନ, ବା: ଫାଜଲପୁର | |
| ୨ | ୮ | ୫୯୧ | ୦.୪୩ | ୦.୪୩ | ଅସଦ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩ | | ୫୯୨ | ୦.୪୨ | ୦.୦୧ | ଅସଦ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪ | | ୫୯୮ | ୦.୪୫ | ୦.୩୦ | ଅସଦ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୫ | | ୬୦୩ | ୦.୧୩ | ୦.୦୧ | ଅସଦ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୬ | ୮ | ୬୦୬ | ୦.୨୪ | ୦.୨୦ | ଅସଦ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭ | | ୬୦୭ | ୦.୧୮ | ୦.୧୨ | ଅସଦ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୮ | ୧୦ | ୨୬୭ | ୦.୨୦ | ୦.୦୯ | ଇବ୍ରାହିମ୍ ଜିଙ୍ଗ, ପିତା– ରୋସନ ଜିଙ୍ଗ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୯ | ୧୧ | ୨୫୨ | ୦.୫୫ | ୦.୪୭ | ହୟାତୁନ ବିବି, ସ୍ୱାମୀ– ସେକ ଇସମାଇଲ, ଜା: ମୁସଲମାନ, ବା: ଫାଜଲପୁର | |
| ୧୦ | ୧୬ | ୨୫୯ | ୧.୦୨ | ୦.୩୫ | ସେକ କୁର୍ବାନ ଅଲ୍ଲି, ପିତା– ରଜାକ ଅଲ୍ଲି , ଜା: ମୁସଲମାନ, ବା: ଫାଜଲପୁର | |
| ୧୧ | ୧୯ | ୧୬୨ | ୦.୪୦ | ୦.୧୮ | କେଶବ ମାଝି, ପିତା– ନିତ୍ୟାନନ୍ଦ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୨ | ୨୫ | ୧୪୧ | ୦.୩୦ | ୦.୧୮ | ଗୁରି ମାଝି, ପିତା– ଗାଣ୍ଡୁ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୩ | | ୧୪୪ | ୦.୧୨ | ୦.୦୫ | ଗୁରି ମାଝି, ପିତା– ଗାଣ୍ଡୁ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୪ | ୨୮ | ୯୫ | ୦.୯୭ | ୦.୩୫ | ମନିନ୍ଦ୍ର କୁମାର ସାହୁ, ପିତା– ଗଙ୍ଗାଧର ସାହୁ, ଜା: ଖଣ୍ଡାୟତ, ବା: ମୂଳସରଗଡ଼ା | |
| ୧୫ | ୩୨ | ୨୭୪ | ୦.୧୩ | ୦.୧୩ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୬ | | ୯୭ | ୦.୦୫ | ୦.୦୫ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୭ | | ୨୬୮ | ୦.୨୫ | ୦.୨୫ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୮ | | ୨୭୦ | ୦.୨୭ | ୦.୦୪ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୯ | | ୨୭୬ | ୦.୦୬ | ୦.୦୩ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୦ | | ୨୭୩ | ୦.୧୦ | ୦.୧୦ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୧ | | ୯୮ | ୦.୧୯ | ୦.୧୯ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୨ | | ୯୯ | ୦.୩୦ | ୦.୧୮ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୩ | ୩୨ | ୧୫୫ | ୦.୧୭ | ୦.୧୩ | ଘନଶ୍ୟାମ ମଳିକ, ପିତା– ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୪ | ୩୫ | ୨୫୩ | ୦.୫୨ | ୦.୩୮ | ଜଲନା ବିବି, ସ୍ୱାମୀ– ହପିଜୁଲ୍ଲାହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୫ | ୪୩ | ୪୯୦ | ୦.୮୨ | ୦.୮୨ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୬ | | ୫୯୬ | ୦.୭୩ | ୦.୫୩ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୭ | | ୨୪୯ | ୦.୩୮ | ୦.୨୫ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୮ | | ୪୭୨ | ୦.୨୩ | ୦.୨୩ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୯ | | ୪୯୧ | ୦.୮୯ | ୦.୭୭ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୩୦ | ୪୪ | ୨୭୧ | ୦.୨୧ | ୦.୧୫ | ସେକ ଜାମସେବ ହଜାରି, ପିତା– ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୧ | | ୨୭୮ | ୦.୦୪ | ୦.୦୪ | ସେକ ଜାମସେବ ହଜାରି, ପିତା– ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୨ | ୪୪ | ୨୭୮/୬୪୧ | ୦.୦୪ | ୦.୦୪ | ସେକ ଜାମସେବ ହଜାରି, ପିତା– ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୩ | ୪୮ | ୬୧୫ | ୦.୨୦ | ୦.୨୦ | ଯାହେଦ ଖାଁ, ପିତା– ଆବିଦିଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୪ | | ୫୯୫ | ୦.୨୩ | ୦.୧୨ | ଯାହେଦ ଖାଁ, ପିତା– ଆବିଦିଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୫ | ୪୯ | ୪୭୧ | ୦.୨୫ | ୦.୨୦ | ତପଫାଜୁଲ ହକ ହଜାରି, ପିତା– ସେକ ଜହରୁଲ ହଜାରୀ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୬ | ୫୫ | ୮୭ | ୦.୬୯ | ୦.୦୫ | ଦୟାନିଧି ପଢ଼ିଆରି, ପିତା– ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୭ | | ୪୭୦ | ୦.୨୯ | ୦.୦୩ | ଦୟାନିଧି ପଢ଼ିଆରି, ପିତା– ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୮ | | ୪୭୩ | ୦.୨୫ | ୦.୨୫ | ଦୟାନିଧି ପଢ଼ିଆରି, ପିତା– ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୯ | ୫୯ | ୯୩ | ୦.୪୬ | ୦.୩୫ | ହରି ମଳିକ, ପିତା– ବିକଳ ମଳିକ, ଜା: ପାଣ, ବା: ନିଜଗାଁ | |
| ୪୦ | ୬୦ | ୧୪୦ | ୧.୦୬ | ୦.୨୨ | ସେକ ନଜରଅଲ, ପିତା– ସେକ ହସରତ ଓଗେର, ଜା ମୁସଲମାନ, ବା: ଫାଜଲପୁର | |
| ୪୧ | ୬୮ | ୨୫୦ | ୦.୪୦ | ୦.୨୦ | ନରୁ ଉଦ୍ଦିନ ଖାଁ, ପିତା– ଗୋଲାମନବି ଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୨ | ୭୫ | ୪୬୬ | ୦.୩୮ | ୦.୦୧ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୩ | | ୪୮୭ | ୦.୨୦ | ୦.୧୨ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୪ | | ୪୮୮ | ୦.୫୧ | ୦.୫୧ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୫ | ୭୬ | ୪୮୫ | ୦.୩୪ | ୦.୧୬ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୬ | | ୪୮୬ | ୦.୦୮ | ୦.୦୫ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୭ | ୭୮ | ୫୮୯ | ୦.୨୩ | ୦.୦୨ | ଫାରୁକ ହଜାରି, ପିତା– ଏକ୍ରାମ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୮ | ୭୯ | ୫୯୭ | ୦.୩୫ | ୦.୨୫ | ଫାରୁକ ହଜାରି, ପିତା– ଏକ୍ରାଇମ ଅଲ୍ଲି ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୯ | ୮୧ | ୧୫୪ | ୦.୧୦ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୦ | | ୧୬୧ | ୦.୧୬ | ୦.୧୬ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ, ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୧ | ୮୧ | ୧୫୮ | ୦.୧୧ | ୦.୧୧ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୨ | | ୨୭୫ | ୦.୧୮ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୩ | | ୨୭୯ | ୦.୧୩ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୪ | ୮୯ | ୯୨ | ୦.୧୪ | ୦.୦୮ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୫ | | ୯୬ | ୦.୩୯ | ୦.୩୯ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୬ | | ୧୦୧ | ୦.୦୮ | ୦.୦୮ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୭ | | ୧୪୫ | ୦.୨୮ | ୦.୦୪ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୮ | ୯୦ | ୬୧୪/୬୩୪ | ୦.୫୨ | ୦.୨୦ | ସେକ ଅବଦୁଲ ବୁରାହନ ହଜାରି, ପିତା– ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୯ | ୯୩ | ୧୫୭ | ୦.୨୯ | ୦.୨୫ | ମଦନ ମାଝୀ, ପିତା: କାଶି ମାଝୀ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୦ | ୯୯ | ୪୮୩ | ୦.୨୪ | ୦.୦୩ | ଅବଦୁଲ ରକିବି ହଜାରି, ପିତା: ଅବଦୁଲ ମଜିଦି ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୬୧ | | ୬୧୪ | ୦.୬୦ | ୦.୨୩ | ଅବଦୁଲ ରକିବି ହଜାରି, ପିତା: ଅବଦୁଲ ମଜିଦି ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୬୨ | ୧୦୦ | ୧୦୩ | ୦.୪୧ | ୦.୪୧ | ରଙ୍ଗ ମାଝି, ସ୍ୱାମୀ– ସୁଧିର ମାଝି, ଜା: କୈବର୍ତ୍ତ, ବା: ନିଜଗାଁ | |
ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମରେ ୱେଷ୍ଟଇଣ୍ଡିଜ ଟସ୍ ଜିତି ପଥମେ ବ୍ୟାଟିଂ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୩୧.୫ ଓଭରରେ ମାତ୍ର ୧୦୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉଇକେଟ ହରାଇ ୧୪.୫ ଓଭରରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟତମ ଓପନର ରୋହିତ ଦ୍ରୁତ ୬୩ (୫୬ ବଲ, ୫ ଚୌକା, ୪ ଛକା) ଓ କୋହଲି ୩୩ ରନ କରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜର ୨୧ ବର୍ଷୀୟ ଦ୍ରୁତ ବୋଲର ଓଶାନ ଥୋମାସଙ୍କ ବଲରେ ଧାୱନ କ୍ଲିନ୍ ବୋଲ୍ଡ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ରୋଭମ୍ୟାନ ପାୱେଲ ୧୬, ମାର୍ଲନ ସାମୁଏଲ୍ସ ୨୪ ଓ ଅଧିନାୟକ ଜାସନ ହୋଲ୍ଡର ୨୫ ରନ ସଂଗ୍ରହ କରିଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଜାଡେଜା ସର୍ବାଧିକ ୪, ଯଶପୀତ ବୁମ୍‌ରା ଓ ଖଲିଲ ଅହମ୍ମଦ ଦୁଇଟି ଲେଖାଏ, ଭୁବନେଶ୍ୱର କୁମାର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ୱେଷ୍ଟଇଣ୍ଡିଜ୍ ୩୧. ୫ ଓଭରରେ ୧୦୪ ଅଲଆଉଟ୍ (ହୋଲ୍ଡର- ୨୫, ସାମୁଏଲ୍ସ- ୨୪, ପାୱେଲ- ୧୬, ଜାଡେଜା- ୪/୩୪, ବୁମ୍‌ରା- ୨/୧୧, ଅହମ୍ମଦ- ୨/୨୯)। ଭାରତ୧୪.୫ଓଭରରେ୧୦୫/୧(ରୋହିତ- ୬୩, କୋହଲି- ୩୩, ଥୋମାସ- ୧/୩୩)।

# ହଲ୍ ଅଫ୍ ଫେମ୍ ଗ୍ରୁପ୍‌ରେ ଦ୍ରାବିଡ

**ନୂଆଦିଲ୍ଲୀ,୧।୧୧(ପି.ଟି.)**

'ୱାଲ' ଭାବେ ଜଣାଶୁଣା କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ୧୯ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍ ରାହୁଲ ଦ୍ରାବିଡଙ୍କୁ ଗୁରୁବାର ବିଧିବଦ୍ଧ ଭାବେ ହଲ୍ ଅଫ୍ ଫେମ୍ ଗ୍ରୁପ୍‌ରେ ସାମିଲ କରାଯାଇଛି। ଥିରୁଭାନାନ୍ଥପୁରମଠାରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ତଥା ୫ମ ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସମ୍ମାନିତ କରାଯାଇଛି। ଆଇସିସି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର ହଲ୍ ଅଫ୍ ଫେମ୍ ମାନପତ୍ର ଦ୍ରାବିଡଙ୍କୁ ଦେବା ସହ ଟୋପି ପିନ୍ଧାଇଥିଲେ। ସେ ୫ମ ଭାରତୀୟ ଭାବେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ତାଙ୍କ ପୂର୍ବରୁ ବିଶ୍ୱକପ୍ ଚାମ୍ପିୟନ ଦଳର ଅଧିନାୟକ କପିଳ ଦେବ, ସୁନୀଲ ଗାଭାସ୍କର, ବିଶନ ସିଂ ବେଦି (ସମସ୍ତେ ୨୦୦୯ରେ ପାଇଥିଲେ) ଏବଂ ଅନୀଲ କୁମ୍ବଲେ ୨୦୧୫ରେ ପାଇଥିଲେ। ଏହି ଅବସରରେ ଦ୍ରାବିଡ କହିଛନ୍ତି, ଆଇସିସି କ୍ରିକେଟ ହଲ ଅଫ୍ ଫେମ୍‌ରେ ସ୍ଥାନ ପାଇବା ମୋ ପାଇଁ ସମ୍ମାନ। କ୍ରିକେଟରୁ ଅବସର ନେବା ପରେ କ୍ରିକେଟର ସର୍ବକାଳୀନ କିମ୍ବଦନ୍ତୀ ତାଲିକାରେ ସ୍ଥାନ ପାଇବା ଏକମାତ୍ର ସ୍ୱପ୍ନ ଥିଲା। ଏଭଳି ସମ୍ମାନ ଯେ କୌଣସି ଖେଳାଳିଙ୍କୁ ଉତ୍ସାହିତ କରିଦେବ। ଏ ନେଇ ମୋତେ ସମର୍ଥନ କରିଥିବା ସାଥି ଖେଳାଳି ଓ ପ୍ରତିପକ୍ଷ ଦଳର ଖେଳାଳି, କୋଚ୍ ଏବଂ ଅଫିସିଆଲଙ୍କୁ ଧନ୍ୟବାଦ ଜଣାଉଛି। ଅନ୍ତର୍ଜାତୀୟ ସ୍ତରରେ ୧୬୪ ଟେଷ୍ଟ ଖେଳିଥିବା ଦ୍ରାବିଡ ୩୬ ଶତକ ସହ ୧୩,୨୮୮ ରନ୍ କରିଛନ୍ତି। ସେହିଭଳି ୩୪୪ ଦିନିକିଆରୁ ୧୨ ଶତକ ସହାୟତାରେ ୧୦,୮୮୯ ରନ୍ କରିଛନ୍ତି। ୨୦୦୪ରେ ତାଙ୍କୁ ଆଇସିସି କ୍ରିକେଟର ଅଫ୍ ଦି ଇୟର ଓ ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ମିଳିଥିଲା।

# ଛକା ମାରିବାରେ ରୋହିତଙ୍କ ଦ୍ୱିଶତକ

**ଥିରୁବନନ୍ତପୁରମ,୧।୧୧**

ଭାରତୀୟ ଦଳର ଓପନର ତଥା ଉପ ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ ଦିନିକିଆରେ ଛକା ମାରିବାରେ ଦ୍ୱିଶତକ ମାରିଛନ୍ତି। ଏଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ଅନ୍ତିମ ଦିନିକିଆରେ ବିସ୍ଫୋରକ ଓପନର ୬୩ ରନ୍‌ର ଅପରାଜିତ ଇନିଂସ୍ ଖେଳିଛନ୍ତି। ଏଥିରେ ୫ ଚୌକା ସମେତ ୪ ବିଶାଳ ଛକା ସାମିଲ ରହିଛି। ଏଥିଯୋଗୁ ତାଙ୍କ ଦିନିକିଆ କ୍ୟାରିୟରେ ଛକା ସଂଖ୍ୟା ୨୦୨କୁ ବୃଦ୍ଧି ପାଇଛି। ସେ ଦ୍ୱିତୀୟ ଭାରତୀୟ ଭାବେ ଦୁଇ ଶହ ଛକା ମାରିଛନ୍ତି। ତାଙ୍କ ପୂର୍ବରୁ କେବଳ ମହେନ୍ଦ୍ର ସିଂ ଧୋନୀ ଏହି ସମ୍ମାନ ଜନକ ତାଲିକାରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଥାଉ କି, ଧୋନୀ(୨୧୧*) ଦିନିକିଆ ଫର୍ମାଟରେ ସର୍ବାଧିକ ସଂଖ୍ୟକ ଛକା ମାରିଥିବା ଭାରତୀୟ ଖେଳାଳି। ଷତବେ ରୋହିତ ଦୁଇ ଶହ ଛକା ମାରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ। ସେ ୧୮୭ତମ ଇନିଂସ୍‌ରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ଏଥିପୂର୍ବରୁ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ (୧୯୫ ଇନିଂସ୍)ଙ୍କ ନାମରେ ଏହି ରେକର୍ଡ ଥିଲା।

# ଟିମ୍ ଇଣ୍ଡିଆର ମେନ୍ୟୁରୁ ଗୋ ମାଂସ ହଟିବ

**ମୁମ୍ବାଇ,୧।୧୧**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟିମ୍ ଇଣ୍ଡିଆର ସଦସ୍ୟଙ୍କ ଖାଦ୍ୟ ମେନ୍ୟୁରୁ ଗୋ ମାଂସ ହଟାଇବାକୁ ନିଷ୍ପତ୍ତି ନେଇଛି। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ (ସିଏ)କୁ ବିସିସିଆଇ ପକ୍ଷରୁ ନିବେଦନ କରାଯାଇଛି। ଚଳିତ ମାସର ଅନ୍ତିମ ଭାଗରେ ଭାରତୀୟ ଦଳର ଗସ୍ତ ପୂର୍ବରୁ ଏକ ଦୁଇ ଜଣିଆ ସର୍ବେକ୍ଷଣ କମିଟି ଅଷ୍ଟ୍ରେଲିଆ ଗସ୍ତ କରିଛି। ଏହି କମିଟି ସିଏ ଓ ବିସିସିଆଇ ମଧ୍ୟରେ କରାଯାଇଥିବା ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍‌ଓୟୁ)ରେ ଖେଳାଳିଙ୍କ ମେନ୍ୟୁରୁ ଗୋ ମାଂସ ହଟାଇବା ନେଇ ଏକ ନିୟମ ସାମିଲ କରିବାକୁ କହିଛନ୍ତି। ଭାରତୀୟ ଦଳର କେତେଜଣ ଖେଳାଳି ସାକାହାରୀ ଅଛନ୍ତି। ସେମାନଙ୍କ ପାଇଁ ଅଷ୍ଟ୍ରେଲିଆରେ ଥିବା ଭାରତୀୟ ରେଷ୍ଟୁରାଣ୍ଟରୁ ଖାଦ୍ୟ ପଠାଇବା ବ୍ୟବସ୍ଥା କରାଯିବ। ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳ ଲର୍ଡ୍‌ସଠାରେ ଆୟୋଜିତ ଭୋଜନ ମେନ୍ୟୁରେ ଗୋ ମାଂସରେ ପ୍ରସ୍ତୁତ ପାସ୍ତା ପରଷା ଯାଇଥିଲା। ଏହାକୁ ପ୍ରଶଂସକମାନେ ଭାରତୀୟ ଦଳକୁ ଖୁବ୍ ସମାଲୋଚନା କରିଥିଲେ। ଏଥିଯୋଗୁ ବିସିସିଆଇ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଚଳିତ ମାସ ୨୧ରୁ ଜାନୁୟାରୀ ୧୮ ତାରିଖ ପର୍ଯ୍ୟନ୍ତ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଗସ୍ତରେ ଟିମ୍ ଇଣ୍ଡିଆ ୪ ଟେଷ୍ଟ ସମେତ ୩ ଲେଖାଏ ଦିନିକିଆ ଓ ଟି୨୦ ସିରିଜ୍ ଖେଳିବ।

# ଟି୨୦ ସିରିଜ୍‌ରୁ ନର୍ସ ବାଦ୍

**ଥିରୁବନନ୍ତପୁରମ,୧।୧୧(ପି.ଟି.)**

ୱେଷ୍ଟଇଣ୍ଡିଜ୍ ଦଳର ଅଫ୍ ସ୍ପିନର ଆଶଲେ ନର୍ସ ଭାରତ ବିପକ୍ଷରେ ହେବାକୁ ଥିବା ଟି୨୦ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ମୁମ୍ବାଇଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ୨୯ ବର୍ଷୀୟ ସ୍ପିନରଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିଯୋଗୁ ଅନ୍ତିମ ତଥା ୫ମ ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ଲାଗି ଉପଲବ୍ଧ ନ ଥିଲେ। ''ନର୍ସ ଚଳିତ ଗସ୍ତରୁ ବାଦ୍ ପଡ଼ିଛନ୍ତି। ମୁଁ ଆଶା କରୁଛି, ସେ ଶୀଘ୍ର ଭଲ ହୋଇ ପଡ଼ିଆକୁ ଫେରିବେ'' ବୋଲି ୱେଷ୍ଟଇଣ୍ଡିଜ୍ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି।

# ଅନୁରାଗଙ୍କ ଶତକ: ଓଡ଼ିଶା ୨୩୨/୬

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

**ରଣଜୀ ଟ୍ରଫି**

କିଟ୍ କ୍ରିକେଟ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା-ହରିୟାଣା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ଚଳିତ ରଣଜୀ ସିଜନର ପ୍ରଥମ ମ୍ୟାଚରେ ଜୀବନର ପ୍ରଥମ ଶତକ ହାସଲ କରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଛନ୍ତି ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ। ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି।

ସିଜନର ପ୍ରଥମ ଟସ୍ ଓଡ଼ିଶା ସପକ୍ଷରେ ଯାଇଥିଲା। ଦୁଇ ଓପନର ସତର୍କତାର ସହ ଖେଳି ୧୦.୪ ଓଭରରେ ଦଳୀୟ ସ୍କୋରକୁ ୫୦ ଅତିକ୍ରମ କରାଇଥିଲେ। ଯୁବ ଓପନର ସନ୍ଦୀପ ପଟ୍ଟନାୟକ ଭଲ ଆରମ୍ଭ ପାଇଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୪୧ ବଲ୍‌ରୁ ୩ ଚୌକା ସହାୟତାରେ ୨୦ ରନ କରିଥିବାବେଳେ ସେ ଏକାଗ୍ରତା ହରାଇ ଡାହାଣହାତୀ ମିଡିୟମ ଫାଷ୍ଟ ବୋଲର ଅଜିତ ଚହଲଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ଯାଇଥିଲେ। ନିର୍ଭରଯୋଗ୍ୟ ଗୋବିନ୍ଦ ପୋଦ୍ଦାର ୪୪ ବଲ୍‌ରୁ ୧୪ ରନ କରି ଅଧିନାୟକ ମୋହିତ ଶର୍ମାଙ୍କ ବଲ୍‌ରେ ଆଉଟ୍ ହେବାରୁ ଓଡ଼ିଶା ଚାପକୁ ଚାଲି ଆସିଥିଲା। ମିଡିଲ ଅର୍ଡରରେ ଶୁଭ୍ରାଂଶୁ ସେନାପତି(୧୧) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ(୯) ବିଫଳ ହେବାରୁ ଓଡ଼ିଶା ଆଶାନୁସାରେ ଅଗ୍ରଗତି କରିପାରି ନ ଥିଲା। ଗୋଟିଏ ପଟରେ ନିୟମିତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଆତ୍ମବିଶ୍ୱାସର ସହ ଖେଳି ଅନୁରାଗ ପ୍ରଥମେ ୮୩ ବଲ୍‌ରୁ ୫୦ ରନ ପୂରଣ କରିଥିଲେ। ୩୦.୨ ଓଭରରେ ଓଡ଼ିଶା ସ୍କୋର ୧୦୦ ଅତିକ୍ରମ କରିଥିଲା। ମଧ୍ୟାହ୍ନଭୋଜନ ବିରତି ବେଳକୁ ଓଡ଼ିଶା ୨ ଉଇକେଟ ହରାଇ ୧୧୦ ରନ କରିଥିଲା। ୧୭୬ଟି ବଲ୍‌ର ସମ୍ମୁଖୀନ ହୋଇ କ୍ୟାରିୟରର ପ୍ରଥମଶ୍ରେଣୀ ଶତକ ପୂରଣ କରିଥିଲେ ଅନୁରାଗ। ମାତ୍ର ଏହାପରେ ସେ ଆଉ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ୧୯୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୨ ଛକା ସହାୟତାରେ ସେ ୧୧୪ ରନ କରିଥିବାବେଳେ ଟିନୁ କୁଣ୍ଡୁଙ୍କ ବଲ୍‌ରେ ଉଇକେଟ କିପର ନୀତୀନ ସଇନୀଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ଓଡ଼ିଶା ସ୍କୋର ୬୦.୧ ଓଭର ବେଳକୁ ୧୭୩/୫ ହୋଇ ଯାଇଥିଲା। ଶାନ୍ତନୁ ମିଶ୍ରଙ୍କ ସହ ୬ଷ୍ଠ ଉଇକେଟରେ ୪୫ ରନ ଯୋଗ କରିବାପରେ ଉଇକେଟ କିପର ସୁଜିତ ଲେଙ୍କା ଡାହାଣହାତୀ ମିଡିୟମ ପେସର ହର୍ଷଲ ପଟେଲଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ। ସୁଜିତ ୬୧ ବଲ୍‌ରୁ ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ଶାନ୍ତନୁ କିନ୍ତୁ ଧୈର୍ଯ୍ୟର ସହ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରି ୩୦ ରନରେ ଅପରାଜିତ ରହିଛନ୍ତି। ୧୦୮ଟି ବଲ୍ ଖେଳିଥିବା ଶାନ୍ତନୁ ନିଜ ଇନିଂସ ମଧ୍ୟରେ ୪ଟି ଚୌକା ମାରିଛନ୍ତି। ତାଙ୍କ ସହ ଦେବବ୍ରତ ପ୍ରଧାନ ୭ ରନ କରି ଅପରାଜିତ ଅଛନ୍ତି। ହରିୟାଣା ପକ୍ଷରୁ ମୋହିତ ଓ ହର୍ଷଲ ୨ଟି ଲେଖାଏ ଏବଂ ଚହଲ ଓ କୁଣ୍ଡୁ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକ ହାସଲକାରୀ ଅନୁରାଗ ଷଡଙ୍ଗୀ। (ଫଟୋ : ମୌସମ ନନ୍ଦ)

**ସଂକ୍ଷିପ୍ତ ସ୍କୋର**
ଓଡ଼ିଶା ପ୍ରଥମ ଇନିଂସ: ୨୩୨/୬(ଅନୁରାଗ- ୧୧୪, ଶାନ୍ତନୁ-୩୦*, ମୋହିତ-୨/୩୮, ହର୍ଷଲ-୨/୫୮, ଚହଲ-୧/୫୨, କୁଣ୍ଡୁ- ୧/୨୯)।


ODISHA HYDRO POWER CORPORATION LTD.
OHPC
OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854-242038, E-mail: sgmel_ukhep@ohpcltd.com
CIN:U401010R1995SGC003963

**e-PROCUREMENT NOTICE No.- UKHEP/ET - 06/2018-19, Dated 31.10.2018**

No.CAD-973: The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) (online) | Cost of bid document (online) | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Repair and heightening of compound wall of residential & Non-residential building of Bariniput colony, UKHEP, Bariniput | 9,89,400/- | 10,000/- (online) | 4,720/- (Rs.4000/- +18% GST) (online) | "C" & "D" Class | From 10:00 Hrs of 12.11.2018 to 17.00 Hrs. of 26.11.2018 | At 11.30 Hrs. of 28.11.2018 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate (DSC) .
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

04002/11/0061/1819
**Unit Head, UKHEP, Bariniput**


No.XXI-74

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAA-MBJ-0029-2018/25596 R&DM, dated 11 July 2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷୀପଡା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ, ଥାନା- ମୋରଡା ସଂ.୨୦୨, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪.୬୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷୀପଡା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୨.୮୯ | ଏ. ୪.୬୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.-୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା-୫/୨୦୧୮**
**ଏ.୪.୬୫ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଡା ଡିଷ୍ଟ୍ରିବ୍ୟୁଟାରି ଏବଂ ସିଷ୍ଟମ ନିମନ୍ତେ**
**ମୌଜା- ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ, ଥାନା-ମୋରଡା, ନଂ ୨୦୨, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୮ | ୭୯ | ୦.୧୩ | ୦.୦୭ | ଶାରଦ ତିନି | କୁନ୍ଦି ମାଝୀ, ସ୍ୱା: ଡୁଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୪ | ୦.୨୫ | ୦.୦୨ | ଘରବାରି | |
| ୯ | ୭୭ | ୦.୪୦ | ୦.୧୫ | ଶାରଦ ଏକ | କୁନି ମାଝୀ, ପି: ଚୁରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୭୫ | ୦.୦୧ | ୦.୦୧ | ଶାରଦ ଦୁଇ | |
| ୧୧ | ୧୮୫ | ୦.୦୭ | ୦.୦୩ | ଶାରଦ ଦୁଇ | ଗୋବର୍ଦ୍ଧନ ଦାସ, ଗୌର ଗୋପାଳ ଦାସ, ରମେଶ ଚନ୍ଦ୍ର ଦାସ, ରଘୁନାଥ ଦାସ, ପି: ହର ଗୋପାଳ ଦାସ, ସୀତାମଣି ଦାସ, ସ୍ୱା: ହର ଗୋପାଳ ଦାସ, ଗେହ୍ଲୀମଣି ଦାସ, ସ୍ୱା: ରାମଚନ୍ଦ୍ର ଦାସ, ଜା: ଗୌଡୀୟ ବୈଷ୍ଣବ, ବା: ନିଜଗାଁ |
| ୧୩ | ୭୩ | ୦.୨୬ | ୦.୦୬ | ଶାରଦ ଏକ | ଗୋବିନ୍ଦ ଜେନା, ପି: ହର ପ୍ରସାଦ ଜେନା, ଜା: ରାହୁ, ବା: କାହ୍ନୁପୁର |
| | ୭୪ | ୦.୧୬ | ୦.୧୬ | ଶାରଦ ଏକ | |
| | ୧୪୧ | ୦.୬୦ | ୦.୨୫ | ଶାରଦ ଦୁଇ | |
| ୧୪ | ୧୭୮ | ୦.୩୬ | ୦.୦୧ | ଶାରଦ ଏକ | ଚକ୍ରଧର ରାଉତ, ପି: କୃଷ୍ଣ ପ୍ରସାଦ ରାଉତ, ଜା: ଖଣ୍ଡାୟତ, ବା: ଉସଲେପୁର |
| | ୧୩୭ | ୦.୨୧ | ୦.୧୩ | ଶାରଦ ଦୁଇ | |
| ୧୫ | ୨୧ | ୦.୭୦ | ୦.୦୧ | ଶାରଦ ଏକ | ଚନ୍ଦ୍ର ମୋହନ ସାହୁ, ପି: ଦୀନବନ୍ଧୁ ସାହୁ, ଜା: ଗୁଡିଆ, ବା: ଶାଳବଣି, ଜି: ବାଲେଶ୍ୱର |
| | ୪୦ | ୨.୧୪ | ୦.୦୫ | ଶାରଦ ଏକ | |
| ୧୯ | ୨୦୨ | ୦.୦୮ | ୦.୦୫ | ଶାରଦ ଦୁଇ | ନରେନ୍ଦ୍ର ନାଥ ଚନ୍ଦ, ଦେବେନ୍ଦ୍ରନାଥ ଚନ୍ଦ୍ର, ପି: ପୂର୍ଣ୍ଣଚନ୍ଦ୍ର ଚନ୍ଦ, ଜା: ରାହୁ, ବା: ନିଜଗାଁ |
| ୨୦ | ୭୧ | ୦.୦୯ | ୦.୦୨ | ଶାରଦ ଏକ | ନାରାୟଣ ଜେନା, ପି: ଅନାଦି ଜେନା, ଜା: ରାହୁ, ବା: କାହ୍ନୁପୁର |
| | ୧୨୫ | ୦.୫୪ | ୦.୦୬ | ଶାରଦ ଏକ | |
| | ୧୪୦ | ୦.୧୦ | ୦.୧୦ | ଶାରଦ ଦୁଇ | |
| | ୧୪୨ | ୦.୨୦ | ୦.୦୧ | ଶାରଦ ଦୁଇ | |
| ୨୩ | ୨୩୩ | ୦.୩୬ | ୦.୧୦ | ଶାରଦ ତିନି | ପଦ୍ମ ଲୋଚନ ଜେନା, ପ୍ରସନ୍ନ କୁମାର ଜେନା, ସୁଦର୍ଶନ ଜେନା, ପି: ନାରାୟଣ ଜେନା, ଜା: ରାହୁ, ବା: କାହ୍ନୁପୁର |
| ୨୫ | ୧୩୯ | ୦.୨୮ | ୦.୨୨ | ଶାରଦ ଦୁଇ | ପ୍ରଫୁଲ୍ଲ କୁମାର ମହାପାତ୍ର, ପି: କାଳିଚରଣ ମହାପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୮୦ | ୦.୨୯ | ୦.୨୧ | ଘରବାରି | |
| | ୮୧ | ୦.୦୫ | ୦.୦୫ | ଘରବାରି | |
| ୨୮ | ୧୯୫ | ୦.୭୩ | ୦.୧୧ | ଶାରଦ ଦୁଇ | ପୁରୁନ୍ଦର ଜେନା, ପି: ସହଦେବ ଜେନା, ଜା: ରାହୁ, ବା: ପୂର୍ଣ୍ଣଚନ୍ଦ୍ରପୁର |
| ୩୨ | ୧୨ | ୦.୫୪ | ୦.୪୨ | ଶାରଦ ଏକ | ପୂର୍ଣ୍ଣ ଚନ୍ଦ୍ର ସିଂ, ପି: ବୈଦା ସିଂ, ଜା: ଭୂମିଜ, ବା: କାନପୁର |
| ୩୪ | ୧୩ | ୦.୧୧ | ୦.୦୬ | ଶାରଦ ଏକ | ମନ୍ଦ ସାହୁ, ସ୍ୱା: ରାମହରି ସାହୁ, ଜା: କୁବେର, ବା: ଶାଳବଣୀ, ଜି: ବାଲେଶ୍ୱର |
| ୩୭ | ୮୨ | ୦.୦୨ | ୦.୦୨ | ଘରବାରି | ରତି ମାଝୀ, ପି: ବୋକା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୮ | ୧୮୦ | ୦.୧୪ | ୦.୦୪ | ଶାରଦ ଏକ | ରମା ଭଦ୍ର, ସ୍ୱା : ତ୍ରିଲୋଚନ ଭଦ୍ର, ସୁଲୋଚନା ଭଦ୍ର, ସୁଭଦ୍ରା ଭଦ୍ର, ବାସନ୍ତି ଭଦ୍ର, ଜୟନ୍ତୀ ଭଦ୍ର, ପି: ତ୍ରିଲୋଚନ ଭଦ୍ର, ଶ୍ରୀହରି ଭଦ୍ର, ପି: ବରଜୁ ଭଦ୍ର, ଲକ୍ଷ୍ମଣ ଭଦ୍ର, ଭରତ ଭଦ୍ର, ସୁମତୀ ଭଦ୍ର, ଭାନୁମତୀ ଭଦ୍ର, ପି: କଟି ଭଦ୍ର, ପାର୍ବତୀ ଭଦ୍ର, ସ୍ୱା: କଟି ଭଦ୍ର, ଜା: ରାହୁ, ବା: ନିଜଗାଁ |
| | ୨୧୯ | ୦.୦୫ | ୦.୦୩ | ଶାରଦ ଦୁଇ | |
| | ୨୨୧ | ୦.୦୪ | ୦.୦୪ | ଶାରଦ ଦୁଇ | |
| ୪୦ | ୨୨୪ | ୦.୦୬ | ୦.୦୨ | ଶାରଦ ଦୁଇ | ରମାକାନ୍ତ ଭଞ୍ଜ, ପି: କପିଳ ଭଞ୍ଜ, ସୁଭଦ୍ରା ଭଞ୍ଜ, ପି: ନରେନ୍ଦ୍ର ଭଞ୍ଜ, ଜା: ରହୁ, ବା: ନିଜଗାଁ |
| | ୨୦୧ | ୦.୧୨ | ୦.୧୨ | ଶାରଦ ଦୁଇ | |
| ୪୩ | ୪୨/ ୩୨୦ | ୦.୭୮ | ୦.୨୧ | ଶାରଦ ଏକ | ରାଧାଶ୍ୟାମ ଦାସ, ଘନଶ୍ୟାମ ଦାସ, ପି: ଗୋବର୍ଦ୍ଧନ ଦାସ, ଗୌର ଗୋପାଳ ଦାସ, ରମେଶ ଚନ୍ଦ୍ର ଦାସ, ରଘୁନାଥ ଦାସ, ପି: ହର ଗୋପାଳ ଦାସ, ଜା: ବୈଷ୍ଣବ, ବା: ନିଜଗାଁ |
| ୪୬ | ୭୬ | ୦.୧୦ | ୦.୧୦ | ଶାରଦ ତିନି | ରାମ ମାଝୀ, ରତି ମାଝୀ, ପି: ବୁକା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୩ | ୦.୩୨ | ୦.୦୮ | ଘରବାରି | |
| ୫୧ | ୧୯୬ | ୦.୦୪ | ୦.୦୪ | ଶାରଦ ଦୁଇ | ଶ୍ୟାମ ସୁନ୍ଦର ଭଞ୍ଜ, ଦାମୋଦର ଭଞ୍ଜ, ପି: ଚନ୍ଦ୍ର ମୋହନ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୨୨୨ | ୦.୦୪ | ୦.୦୪ | ଶାରଦ ଦୁଇ | |
| | ୨୨୩ | ୦.୦୫ | ୦.୦୫ | ଶାରଦ ଦୁଇ | |
| | ୧୯୯ | ୦.୦୮ | ୦.୦୮ | ଜଳାଶୟ ଦୁଇ | |
| ୫୨ | ୨୨୦ | ୦.୧୨ | ୦.୧୨ | ଶାରଦ ଦୁଇ | ଶ୍ୟାମ ସୁନ୍ଦର ଭଞ୍ଜ, ଦାମୋଦର ଭଞ୍ଜ, ପି: ଚନ୍ଦ୍ର ମୋହନ ଭଞ୍ଜ, ରମାକାନ୍ତ ଭଞ୍ଜ, ପି: କପିଳ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| ୫୪ | ୨୩୨ | ୦.୪୯ | ୦.୨୩ | ଶାରଦ ତିନି | ଶ୍ୟାମାନନ୍ଦ ମହାନ୍ତି, ରଶିକାନନ୍ଦ ମହାନ୍ତି, ପି: ଅନନ୍ତ ଚରଣ ମହାନ୍ତି, ଜା: ଖଣ୍ଡାୟତ, ବା: କାହ୍ନୁପୁର |
| ୫୫ | ୧୮୧ | ୦.୧୨ | ୦.୦୬ | ଶାରଦ ଏକ | ଶ୍ରୀକାନ୍ତ ଗିରୀ, ପି: ସମନାଥ ଗିରୀ, ଜା ରାହୁ, ବା: ନିଜଗାଁ |
| | ୧୮୨ | ୦.୦୯ | ୦.୦୯ | ଶାରଦ ଏକ | |
| | ୧୮୩ | ୦.୦୭ | ୦.୦୭ | ଜଳାଶୟ ଦୁଇ | |
| | ୧୮୪ | ୦.୦୩ | ୦.୦୩ | ଜଳାଶୟ ଦୁଇ | |
| | ୧୯୮ | ୦.୧୦ | ୦.୧୦ | ଜଳାଶୟ ଦୁଇ | |
| ୬୧ | ୨୨୫ | ୦.୦୩ | ୦.୦୧ | ଶାରଦ ଦୁଇ | ହରେକୃଷ୍ଣ ଭଞ୍ଜ, ପି: ହିରୁ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୨୦୦ | ୦.୧୬ | ୦.୧୨ | ଶାରଦ ଦୁଇ | |
| ୬୨/୨ | ୧୨/ ୩୩୬ | ୦.୧୮ | ୦.୧୫ | ଶାରଦ ଏକ | କଟି ସିଂ, ପି: ଜୀବାଙ୍ଗ ସିଂ, ଜା: ଭୂମିଜ, ବା: କାହ୍ନୁପୁର |
| ୬୨/୯ | ୧୩୨ | ୦.୧୧ | ୦.୦୩ | ଶାରଦ ଦୁଇ | ଫାଗୁ ସରେନ, ପି: କାନ୍ଦୁନ ସରେନ, ଜା: ସାନ୍ତାଳ, ବା: ଧାନଶୁଳ |
| | ୧୩୪ | ୦.୦୮ | ୦.୦୫ | ଶାରଦ ଦୁଇ | |
| | ୧୩୫ | ୦.୨୬ | ୦.୨୦ | ଶାରଦ ଦୁଇ | |
| ୬୨/୨୧ | ୧୯୪ | ୦.୪୧ | ୦.୦୨ | ଶାରଦ ଦୁଇ | ଧନଞ୍ଜୟ ଭଞ୍ଜ, ପି: ଦାମୋଦର ଭଞ୍ଜ, ଦିବ୍ୟସିଂହ ଭଞ୍ଜ, ପି- ସଦାଶିବ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୧୯୭ | ୦.୦୪ | ୦.୦୪ | ଜଳାଶୟ ଦୁଇ | |
| ୬୨/୨୫ | ୨୩୦ | ୦.୧୦ | ୦.୧୦ | ଶାରଦ ଦୁଇ | ଲୁସକୁ ହାଁସଦା, ସୁକୁଲ ହାଁସଦା, ପି: କାନ୍ଦନ ହାସନା, ଜା: ସାନ୍ତାଳ, ବା: ରଙ୍ଗାମାଟିଆ |
| ମୋଟ | ୫୩ ପ୍ଲଟକୁ | ଏ.୧୨.୮୯ ଡେ.ମି. | ଏ.୪.୬୫ ଡେ.ମ. | | 24001/14/0354/1819 |











ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେବାପାଇଁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିବା ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭରମୋର, ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପୀ ଶଙ୍କର ମଦୁରାଇ, 'ଦି ଧୋନୀ ଟଚ୍' ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ ଏବଂ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ। (ଫଟୋ: ବିକାଶ ନାୟକ)

# 'ସିଓଲ ଘଟଣାକୁ ନେଇ ଅନୁଶୋଚନା ନାହିଁ'



ଭୁବନେଶ୍ୱର, ୧।୧୧ (**ରଞ୍ଜନ ରାୟ**)

ଏସିଆର ପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଶୁକ୍ରବାର ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି। ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନେ ଏହି ଉତ୍ସବରେ ଯୋଗଦେବେ। ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି କାନାଡାର କିମ୍ବଦନ୍ତୀ ଧାବକ ବେନ୍ ଜନ୍ସନ୍। ଗୁରୁବାର ଅପରାହ୍ନରେ କଳିଙ୍ଗ ଆଥଲେଟିକ ଷ୍ଟାଡିୟମ ପରିଦର୍ଶନ କରିବା ବେଳେ ଜନସନ ଓଡ଼ିଆ ଧାବକ ଅମିୟ ମଲିକଙ୍କ ସହ କିଛି ସମୟ ବାର୍ତ୍ତାଳାପ କରି ତାଙ୍କୁ ବହୁମୂଲ୍ୟ ଟିପ୍ସ ଦେଇଥିଲେ। ୧୯୮୮ ସିଓଲ ଅଲିମ୍ପିକ୍ସରେ ସେ ୧୦୦ମି. ଦୌଡରେ ୯.୭୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ। ତେବେ ଦୁଇ ଦିନ ପରେ ନିଷିଦ୍ଧ ଷ୍ଟାନୋଜୋଲୋଲ ସେବନ ଅଭିଯୋଗରେ ତାଙ୍କଠାରୁ ସ୍ୱର୍ଣ୍ଣ ପଦକ କାଢି ନିଆଯାଇଥିଲା। ଏ ନେଇ ଜନସନଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...।

**ପ୍ର:** ସିଓଲ ଅଲିମ୍ପିକ୍ସରେ ଆପଣଙ୍କ ପ୍ରଦର୍ଶନ ଓ ପରବର୍ତ୍ତୀ ଘଟଣାକୁ ନେଇ ସେତେବେଳେ ବେଶ୍ ଚର୍ଚ୍ଚା ହୋଇଥିଲା। ଏହା ମଧ୍ୟ ଐତିହାସିକ ଥିଲା। ଏହାକୁ ନେଇ କିଛି ଅନୁଶୋଚନା ରହିଛି ?

**ଜନସନ:** ନା' ମୋର କୌଣସି ଅନୁଶୋଚନା ନାହିଁ। ତାହା ମୋର ଭାଗ୍ୟ ଥିଲା। ତେଣୁ ଭାଗ୍ୟରେ ଯାହା ଥିଲା ତାହା ହେଲା। ଭଗବାନଙ୍କ ଇଚ୍ଛାରେ ସବୁ ହେଉଛି। ତେଣୁ ତାହାକୁ ମୁଁ ପରିବର୍ତ୍ତନ କରିପାରିବି ନାହିଁ। ସେ ନେଇ ଅଧିକ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଏହା ହେଲେ ଆଗକୁ ବଢ଼ିପାରିବି ନାହିଁ।

**ପ୍ର:** ଆପଣଙ୍କ ପ୍ରତି କେବେ ଅନ୍ୟାୟ ହୋଇଛି କିମ୍ବା ଅନୀତିର ଶିକାର ହୋଇଛନ୍ତି ?

**ଜନ୍ସନ୍:** ହଁ, କ୍ୟାରିୟରରେ ଏକଦା ଅନ୍ୟାୟର ଶିକାର ହୋଇଥିଲି। ବହୁ ବର୍ଷ ତଳେ ଏପରି ହୋଇଥିଲା। କିନ୍ତୁ ଭଗବାନଙ୍କ ଉପରେ ମୋର ଯଥେଷ୍ଟ ଭରସା ରହିଛି। କିନ୍ତୁ ଜଣେ ଆଥଲେଟ ଓ ବ୍ୟକ୍ତିବିଶେଷଙ୍କୁ ଏହାକୁ ପଛରେ ପକାଇ ଆଗକୁ ବଢ଼ିବାକୁ ହେବ।

**ପ୍ର:** ଆପଣଙ୍କ ଜୀବନ ତଥା କ୍ୟାରିୟରର ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କ'ଣ ?

**ଜନ୍ସନ୍:** ବଞ୍ଚିବା ଓ ବଞ୍ଚିବାକୁ ପ୍ରୟାସ ଜାରି ରଖିବା ହେଉଛି ମୋ ଜୀବନର ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍। ଏଥିରେ ମୁଁ ସଫଳ ହେବାକୁ ସବୁବେଳେ ଚେଷ୍ଟା ଜାରି ରଖିଛି। କ୍ରୀଡ଼ା ଜୀବନରେ ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି, ଯାହାକୁ ମୁଁ ଗ୍ରହଣ କରିଛି। ଏଥିରେ ସଫଳତା ହାସଲ କରିବା ସହ କେତେକାଂଶରେ ବିଫଳତାର ମଧ୍ୟ ସମ୍ମୁଖୀନ ହୋଇଛି।

**ପ୍ର:** ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭାରତର ଭବିଷ୍ୟତ କ'ଣ ?

**ଜନ୍ସନ୍:** ଟ୍ରାକ ଆଣ୍ଡ ଫିଲ୍ଡରେ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବାକୁ ହେଲେ ବହୁତ କିଛି କରିବାକୁ ହେବ। ଭାରତରେ କ୍ରୀଡ଼ା ସଂସ୍କୃତିକୁ ଆହୁରି ବ୍ୟାପକ କରିବାକୁ ହେବ। ଏଥିପାଇଁ ତୃଣମୂଳରୁ ଉପରସ୍ତର ପର୍ଯ୍ୟନ୍ତ ସଂସ୍କାର ଆଣିବାକୁ ହେବ। ଟ୍ରାକ ଆଣ୍ଡ ଫିଲ୍ଡ ଅନ୍ୟ କ୍ରୀଡ଼ା ତୁଳନାରେ ଅଧିକ ଚ୍ୟାଲେଞ୍ଜିଂ ଓ କଷ୍ଟକର ହୋଇଥାଏ। ଏଥିପାଇଁ କେବଳ ଶାରୀରିକ ସ୍ତରରେ ନୁହଁ, ମାନସିକ ଭାବେ ଦୃଢ ରହିବାକୁ ହେବ। ପ୍ରତିଭା ଚିହ୍ନଟ ଓ ବିକାଶରେ କ୍ରୀଡ଼ା ପ୍ରଶାସନକୁ ଆହୁରି ବହୁତ ବାଟ ଯିବାକୁ ହେବ। ଏଥିପାଇଁ ଫଣ୍ଡିଂର ଆବଶ୍ୟକତା ରହିଛି। ଏଥିପାଇଁ ଭଲ କୋଚିଂ, ଖାଦ୍ୟ, ଅଭିଜ୍ଞତା, ଜ୍ଞାନ ଆହରଣର ଆବଶ୍ୟକତା ରହିଛି। ଏସବୁ ହୋଇପାରିଲେ ଟ୍ରାକ ଆଣ୍ଡ ଫିଲ୍ଡରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ।

**ପ୍ର:** ଡୋପିଂରେ ୱାଡାର ଦଣ୍ଡ ବିଧାନ ନେଇ ରାଜନୀତି ହେଉଛି କି?

**ଜନ୍ସନ୍:** ଆଜିକାଲି ସବୁ କ୍ରୀଡ଼ାରେ ରାଜନୀତି ହେଉଛି। ତେଣୁ ଏଥିରେ ମଧ୍ୟ ରାଜନୀତି ରହିଥିବ। ଏହାକୁ ଅସ୍ୱୀକାର କରାଯାଇ ନ ପାରେ। ମୁଁ ଅବଶ୍ୟ ରାଜନୀତିକୁ ପସନ୍ଦ କରେନା।

**ପ୍ର:** ଆପଣ ଏବେ ମଧ୍ୟ ପ୍ରାକ୍ଟିସ୍ କରୁଛନ୍ତି ?

**ଜନ୍ସନ୍:** ଟରଣ୍ଟୋରେ ମୁଁ କୋଚିଂ ଦେବା ଜାରି ରଖିଛି। ଅତୀତର ବିବାଦ ମୋତେ ପ୍ରଭାବିତ କରିବନି। ମୁଁ ଯେତେବେଳେ ଯାହାକୁ କୋଚିଂ ଦେବାକୁ ଚାହିଁବି ଦେଇପାରିବି। ମୋତେ କେହି ରୋକିପାରିବେନି। ମୁଁ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହେଁ। କ୍ରୀଡ଼ାରେ ଲୋକେ ଉନ୍ନତି କରନ୍ତୁ ଓ ଏଥିରେ କ୍ୟାରିୟର ଗଢି ସଫଳ ହୁଅନ୍ତୁ ବୋଲି ମୁଁ ଚାହେଁ।

**ପ୍ର:** ଏବେ ବିଶ୍ୱର ଶ୍ରେଷ୍ଠ ଧାବକ କିଏ ?

**ଜନ୍ସନ:** ଏବେ ବିଶ୍ୱ ଶ୍ରେଷ୍ଠ ଧାବକ ହେଉଛନ୍ତି ବେନ୍ ଜନସନ (ମଜାରେ)।

**ପ୍ର:** ୧୦୦ ମିଟର ଦୌଡରେ ଉସେନ ବୋଲ୍ଟଙ୍କ ୯.୫୮ ସେକେଣ୍ଡ ରେକର୍ଡ ବଳବତ୍ତର ରହିଛି। ଏବେ କୌଣସି ଧାବକ ୧୦୦ମି. ଦୌଡରେ ୯.୬୦ ସେକେଣ୍ଡରୁ କମ୍ ନେବେ ବୋଲି ଭାବୁଛନ୍ତି କି? ଆପଣ ଏଭଳି ସଫଳତା ପାଇପାରିଥାନ୍ତେ ବୋଲି ଭାବୁଛନ୍ତି କି?

**ଜନ୍ସନ୍:** ଗତ ୩୦ ବର୍ଷ ମଧ୍ୟରେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ବହୁତ ପରିବର୍ତ୍ତନ ହୋଇଛି। ଟ୍ରାକ୍ ପ୍ରସ୍ତୁତି ଓ ଟେକ୍ନୋଲୋଜିରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏବେକାର ପରିସ୍ଥିତି ସହିତ ପୂର୍ବର ସ୍ଥିତିକୁ ତୁଳନା କରିବା ଠିକ୍ ନୁହେଁ। ତେବେ କୌଣସି ରେକର୍ଡ ସବୁଦିନ ସ୍ଥାୟୀ ରହିବ ନାହିଁ।

**ପ୍ର:** ଆପଣଙ୍କ ମତରେ ସର୍ବକାଳୀନ ଶ୍ରେଷ୍ଠ ତଥା ଫେଭରାଇଟ୍ ଧାବକ କିଏ ?

**ଜନ୍ସନ୍:** ଜାମାଇକାର ଡୋନାଲ୍ଡ କ୍ୱାରି ହେଉଛନ୍ତି ମୋର ସବୁଠାରୁ ଫେଭରାଇଟ୍ ସ୍ପ୍ରିଣ୍ଟର।

**ପ୍ର:** କ୍ରୀଡ଼ାକୁ ନିଶାମୁକ୍ତ କରିବାକୁ ୱାଡା ଜାରି ରଖିଥିବା ପ୍ରୟାସ ସଫଳ ହେଉଛି କି? ପୂର୍ବାପେକ୍ଷା ଏବେକାର ଆଥଲେଟମାନେ ଅଧିକ ସ୍ୱଚ୍ଛ ଡୋପ୍‌ମୁକ୍ତ କି?

**ଜନ୍ସନ୍:** ଏ ସଂକ୍ରାନ୍ତରେ ମୋ ପାଖରେ ସେତେଟା ସୂଚନା ନାହିଁ। ତେଣୁ ମୁଁ ଏ ନେଇ ବେଶି କିଛି କହିପାରିବିନି।

# ଇଣ୍ଡିଆ ବ୍ଲୁରେ କାଜଲ, ତରଣା

କଟକ ଅଫିସ, ୧।୧୧

ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଠାରେ ଆସନ୍ତା ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଖେଳାଯିବ। ଏହି ଟୁର୍ନାମେଣ୍ଟ ପାଇଁ ଇଣ୍ଡିଆ ବ୍ଲୁରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କାଜଲ ଜେନା ଓ ତରଣା ପ୍ରଧାନ। ସୂଚନାଥାଉ କି, ବିଜୟୱାଡାରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ କାଜଲ ଓ ତରଣା ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। କାଜଲ ଟୁର୍ନାମେଣ୍ଟର ୯ଟି ମ୍ୟାଚ୍‌ରୁ ୩୦.୫୭ ଆଭରେଜରେ ୨୧୪ ରନ୍ କରିବା ସହ ଓଡ଼ିଶାର ସର୍ବାଧିକ ରନ୍ ସଂଗ୍ରହକାରୀ ଅଟନ୍ତି। କାଜଲଙ୍କର ସର୍ବାଧିକ ସ୍କୋର ହେଉଛି ୧୦୮। ସେହିପରି ୯ଟି ମ୍ୟାଚରୁ ୧୧ଟି ଉଇକେଟ ଅକ୍ତିଆର କରିଛନ୍ତି ତରଣା । ତରଣା ଓଡ଼ିଶା ପକ୍ଷରୁ ଦ୍ୱିତୀୟ ସର୍ବାଧିକ ଉଇକେଟ ଦଖଲକାରୀ ହୋଇଥିବାବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ସୋନାଲି ହେମ୍ବ୍ରମ ୧୪ଟି ଉଇକେଟ ହାସଲ କରିଛନ୍ତି ।

# ଭାରତ ସେମିଫାଇନାଲରେ ପରାସ୍ତ

**କାଠମାଣ୍ଡୁ, ୧।୧୧ (ପି.ଟି.)**

ଏଠାରେ ଚାଲିଥିବା ୧୫ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଗତଥରର ଚାମ୍ପିୟନ ଭାରତ ସେମିଫାଇନାଲରୁ ବିଦାୟ ନେଇଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ହର୍ଷ ପାତ୍ରେ ୧୭ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ୯୩ତମ ମିନିଟ୍‌ରେ ଅଖିଲ ରହମନ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଖେଳ ଡ୍ର' ରହିବାରୁ ପେନାଲଟିର ସହାୟତା ନିଆଯାଇଥିଲା। ଏଥିରେ ବାଂଲାଦେଶ ୪-୨ ଗୋଲରେ ବିଜୟ ଲାଭ କରିଥିଲା। କୋଚ୍ ଶୁଭେନ୍ଦୁ ପଣ୍ଡାଙ୍କ ସୂଚନା ଅନୁସାରେ ଭାରତ ଶନିବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବ।

# ଗ୍ରୀସ୍ ଓପନ କରାଟେରେ ଓଡ଼ିଶାକୁ ୨ ପଦକ



ଗ୍ରୀସ୍ ଓପନ କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ କୋଚ୍‌ଙ୍କ ସହ।

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

ଗ୍ରୀସ୍‌ର ଏଥେନ୍ସରେ ଅକ୍ଟୋବର ୨୬ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ଓପନ କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୋତୋକାଇ ଖେଳାଳି ୨ଟି ପଦକ ହାସଲ କରିଛନ୍ତି। ପ୍ରଭୁ ପ୍ରସାଦ ସାହୁ ୯୦ କେଜି କୁମିତେରେ ରୌପ୍ୟ ଏବଂ ମାନସ ରଞ୍ଜନ ତାଣ୍ଡି ୭୦ କେଜି କୁମିତେରେ ବ୍ରୋଞ୍ଜ ପଦକ ପାଇଛନ୍ତି। କୋଚ୍ ହିମାଂଶୁ ଭୂଷଣ ଦାସ ଏହି ଖେଳାଳିଙ୍କ ସହ ଗ୍ରୀସ୍ ଯାଇଥିଲେ। ପଦକ ହାସଲକାରୀ ୨ ଖେଳାଳି ଓ କୋଚ୍‌ଙ୍କୁ ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟାଞ୍ଜନ ଦାସ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ଟି୨୦ ଜିତିଲା ପାକିସ୍ତାନ



ଆବୁଧାବୀ, ୧।୧୧ (ଏଏଫ୍‌ପି)

ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ପାକିସ୍ତାନ ଦଳ ୨ ରନ୍‌ରେ ଜିତି ନେଇଛି। ଭ୍ରମଣକାରୀ ଦଳକୁ ମ୍ୟାଚ୍‌କୁ ଟାଇ କରିବା ଲାଗି ଶେଷ ବଲରେ ଛକାର ଆବଶ୍ୟକତା ଥିଲା। ମାତ୍ର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଚୌକା ମାରିବାକୁ ସକ୍ଷମ ହୋଇଥିଲେ। ଏହା ପାକିସ୍ତାନ ଦଳର କ୍ରମାଗତ ୭ମ ବିଜୟ ଏବଂ ଚଳିତ ବର୍ଷ ଖେଳାଯାଇଥିବା ମୋଟ ୧୭ ଟି୨୦ ମଧ୍ୟରୁ ୧୫ତମ ବିଜୟ। ଏହି ବିଜୟ ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି।

୧୪୯ ରନ୍‌ର ଲକ୍ଷ୍ୟ ନେଇ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ପାଇଁ ଓପନର କଲିନ ମୁନ୍‌ରୋ ୪୨ ବଲରୁ ବିସ୍ଫୋରକ ୫୮ ରନ୍ କରିଥିଲେ। ତାଙ୍କ ଇନିଂସ୍‌ରେ ୩ ଛକା ଓ ୬ ଚୌକା ସାମିଲ ଥିଲା। ମୁନ୍‌ରୋଙ୍କ ବ୍ୟତୀତ କେବଳ ଟେଲର ହିଁ ଦଳର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ସେ ୨୬ ବଲରୁ ୪୨ ରନ୍ କରି ଅପରାଜିତ ଥିଲେ। ଅନ୍ତିମ ବଲରେ ଚୌକା ମାରିବା ସତ୍ତ୍ୱେ ଦଳକୁ ବିଜୟୀ କରାଇପାରି ନ ଥିଲେ। ଫଳରେ ଦଳ ୬ ଉଇକେଟ ହରାଇ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଆୟୋଜକ ଦଳ ପକ୍ଷରୁ ହାସନ ଅଲି ସର୍ବାଧିକ ୩ ଉଇକେଟ ନେଇଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ଦଳ ପକ୍ଷରୁ ମହମ୍ମଦ ହାଫିଜ ସର୍ବାଧିକ ୪୫ ରନ୍ କରିଥିବାବେଳେ ଅଧିନାୟକ ସରଫ୍ରାଜ ଅହମ୍ମଦ ୩୪ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଆଡାମ ମିଲନେ ୨ ଉଇକେଟ ନେଇଥିଲେ।

# ଆସାମଠାରୁ ହାରିଲା ଓଡ଼ିଶା

କଟକ ଅଫିସ, ୧।୧୧

ବିଜୟୱାଡାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପର୍‌ଲିଗ ପର୍ଯ୍ୟାୟରେ ଗୁରୁବାର ଓଡ଼ିଶା ୭ ଉଇକେଟରେ ଆସାମଠାରୁ ପରାସ୍ତ ହୋଇଛି। ଫଳରେ ସୁପରଲିଗ୍‌ର ୪ଟି ଯାକ ମ୍ୟାଚ୍ ହାରି ଓଡ଼ିଶା ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରାରମ୍ଭରୁ ଭଲ ବ୍ୟାଟିଂ କରିଥିଲା। ଦୁଇ ଓପନର ଶୁଭ୍ର ନିର୍ଝରିଣୀ ସ୍ୱାଇଁ(୨୦ରନ୍) ଓ ପୁନମ ନାୟକ(୧୬ରନ୍) ପ୍ରଥମ ଉଇକେଟରେ ୩୦ରନ୍ ସଂଗ୍ରହ କରିଥିଲେ । ପରେ କାଜଲ ଜେନା ବ୍ୟକ୍ତିଗତ ଭାବେ ୩୦ରନ୍ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ପରବର୍ତ୍ତୀ କୌଣସି ଖେଳାଳି ବଡ଼ ଇନିଂସ୍ ଖେଳି ନପାରିବାରୁ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୯୧ ରନ୍ କରିଥିଲା। ଜବାବରେ ଆସାମ ୩ ଉଇକେଟ ବିନିମୟରେ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର ଗାୟତ୍ରୀ ଗୁରୁଙ୍ଗ ସର୍ବାଧିକ ୩୧ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଇନ୍ଦ୍ରାଣୀ ଛତ୍ରିଆ, କାଜଲ ଜେନାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଛି ।

# ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ଓଡ଼ିଶାର ବୃହତ୍ ବିଜୟ



ଓଡ଼ିଶା ଓ ନ୍ୟୁ ସାଉଥ୍ ୱେଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର, ୧।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଅଷ୍ଟ୍ରେଲିଆର ନ୍ୟୁ-ସାଉଥ୍ ୱେଲ୍ସ ବିପକ୍ଷରେ ଅନୁଷ୍ଠିତ ଦ୍ୱିପାକ୍ଷିକ ହକି ସିରିଜର ପ୍ରଥମ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବୃହତ୍ ବିଜୟ ହାସଲ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଅନ୍ତର୍ଜାତୀୟମାନର ମ୍ୟାଚ୍‌ରେ ଓଡ଼ିଶା ୫-୧ ଗୋଲରେ ଭ୍ରମଣକାରୀ ନ୍ୟୁ-ସାଉଥ୍ ୱେଲ୍ସକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଶିଳାନନ୍ଦ ଲାକ୍ରା ଡବଲ ଗୋଲସ୍କୋର କରିଥିବାବେଳେ ଅଧିନାୟକ ଅମିତ୍ ରୋହିଦାସ, ମନୀପ୍ କେର୍କେଟା ଓ ପ୍ରସନ୍ନ ତିର୍କୀ ଗୋଟିଏ ଲେଖାଏ ବଲ୍ ପ୍ରତିପକ୍ଷ ନେଟ୍ ମଧ୍ୟକୁ ପଠାଇଥିଲେ। ଉନ୍ନତ ପ୍ରଦର୍ଶନ ଲାଗି ଅମିତ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ବିଜୟ ସହ ଓଡ଼ିଶା ଦଳ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ରବିବାର ରାଉରକେଲାରେ ଖେଳାଯିବ।

## ଆହୁରି ଉନ୍ନତ ପ୍ରଦର୍ଶନ କରିବୁ: ରୋହିଦାସ

ମ୍ୟାଚ୍‌ରେ ଆମ ଖେଳାଳିମାନେ ଆଶାନୁଯାୟୀ ପ୍ରଦର୍ଶନ କରିଛନ୍ତି। ତେବେ ଶେଷଭାଗରେ ଆମେ କେତୋଟି ସୁଯୋଗ ହାତଛଡ଼ା କରିଥିଲୁ। ରାଉରକେଲାରେ ହେବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ଏହି ତ୍ରୁଟି ସୁଧାରି ଆହୁରି ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିବା ରୋହିଦାସ ଖେଳ ଶେଷରେ କହିଛନ୍ତି। ମ୍ୟାଚ୍‌ରେ ମୁଖ୍ୟଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଅମିତ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ପେନାଲ୍ଟି ମିସ୍ କଲେ କ୍ରୀଡ଼ାମନ୍ତ୍ରୀ

ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷରେ ଉପସ୍ଥିତ ଅତିଥି ତଥା କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଭାରତର ଦୁଇ କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲ୍ଲେ ଓ ଦିଲୀପ୍ ତିର୍କୀ ଏବଂ କାନାଡାର ଅଲିମ୍ପିକ୍ ପଦକ ବିଜେତା ଆଥ୍‌ଲେଟ୍ ବେନ୍ ଜନସନ ପଡ଼ିଆ ମଧ୍ୟକୁ ଯାଇ ପେନାଲ୍ଟି ଶୁଟ୍ ଆଉଟ୍ ଶର୍ଟ ମାରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ହକି ବିଶ୍ୱକପ୍‌ର ମାସ୍କଟ ଓଲି ଗୋଲକିପର ଦାୟିତ୍ୱ ତୁଲାଇଥିବାବେଳେ ପ୍ରତ୍ୟେକଙ୍କୁ ୨ଟି ଲେଖାଏ ଶର୍ଟ ମାରିବାର ସୁଯୋଗ ମିଳିଥିଲା। ପ୍ରଥମେ ପାଳି କ୍ରୀଡ଼ାମନ୍ତ୍ରୀଙ୍କ ପଡ଼ିଥିଲା। ତେବେ ସେ ୨ଟି ଯାକ ଶର୍ଟ ମିସ୍ କରିଥିଲେ। ଏହାପରେ ଧନରାଜ ପିଲ୍ଲେ ଓ ବେନ୍ ଜନସନ ମିଳିଥିବା ୨ଟି ଲେଖାଏ ଶର୍ଟକୁ ସଫଳତାର ସହ ଗୋଲ କରିଥିବାବେଳେ ଦିଲୀପ ତିର୍କୀ ଗୋଟିଏ ମିସ୍ ଓ ଗୋଟିଏ ଗୋଲ କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ



■ ଟ୍ରାନ୍‌ଜିଟ ହାଉସ ବଦଳରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପ୍ରସଙ୍ଗ

# ଯାଜପୁର ପୌରପରିଷଦକୁ ସିଏଜି ଛାଟ

ଯାଜପୁର ଅଫିସ,୧।୧୧




■ସପ୍ତାହକ ମଧ୍ୟରେ ୪.୧୪ କୋଟି ଫେରସ୍ତ ନିର୍ଦ୍ଦେଶ
■ଅନୁଦାନ ଫେରାଇ ଅନିୟମିତତାକୁ ଢାଙ୍କିବାକୁ ପ୍ରୟାସ

ସରକାରୀ ଅର୍ଥକୁ ଠିକ୍ ଭାବେ ବିନିଯୋଗ ନ କରିବା ଯାଜପୁର ପୌରପରିଷଦକୁ ମହଙ୍ଗା ପଡ଼ିଛି। ରାଜୀବ ଆବାସ ଯୋଜନାରେ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪ କୋଟି ଟଙ୍କାର ଟ୍ରାନ୍‌ଜିଟ ହାଉସ ନିର୍ମାଣ କରି ପୌରପରିଷଦ କର୍ତ୍ତୃପକ୍ଷ ଧନୀଶ୍ରେଣୀ ଲୋକଙ୍କୁ ମାର୍କେଟ କମ୍ପ୍ଲେକ୍ସ ଭାବେ ଟେକି ଦେବା ଘଟଣାରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ଛାଟ ବାଜିଛି। ଏସଂକ୍ରାନ୍ତରେ ଗୁରୁବାର ଓଡିଶା ଗୃହ ଓ ନଗର ଉନ୍ନୟନ ମିଶନ(ଓୟୁଏଚ୍ଏମ୍)ର ଯୁଗ୍ମ ମିଶନ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଏକ ସପ୍ତାହ ମଧ୍ୟରେ ରାଜୀବ ଆବାସ ଯୋଜନାର ୪.୧୪ କୋଟି ଟଙ୍କା ଫେରସ୍ତ କରିବାକୁ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ପୌରପରିଷଦର ନିର୍ବାହୀ ଅଧିକାରୀ ଓୟୁଏଚ୍ଏମ୍‌କୁ ଦେଇଥିବା ତାଙ୍କ ପତ୍ରସଂଖ୍ୟା.୨୯୭୪/୬।୮।୨୦୧୮ରେ ରାଜୀବ ଆବାସ ଯୋଜନାରେ ହୋଇଥିବା ଅନିୟମିତତାକୁ ଏକପ୍ରକାର ସ୍ୱୀକାର କରିଥିଲେ। ସେ ଉକ୍ତ ପତ୍ରରେ ଦର୍ଶାଇଥିଲେ ଯେ, ରାଜୀବ ଆବାସ ଯୋଜନାରେ ୪.୧୪ କୋଟି ଟଙ୍କାର ଟ୍ରାନ୍‌ଜିଟ ହାଉସ ନ ହୋଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ଏହାକୁ ଭିତ୍ତି କରି ଓୟୁଏଚ୍ଏମ୍ ଯୁଗ୍ମ ମିଶନ ନିର୍ଦ୍ଦେଶକ ମିଶ୍ର ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ହେଲେ ପୌର କର୍ତ୍ତୃପକ୍ଷଙ୍କ ମନମାନି ଓ ବ୍ୟାପକ ଅନିୟମିତତାକୁ ଢାଙ୍କି ଦେବାକୁ ଉଦ୍ୟମ ହେଉଥିବା ଏଥିରୁ ମନେ ହେଉଛି। କେବଳ ଅନୁଦାନ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇ ଗରିବ ଝୁମ୍ପୁଡିବାସୀଙ୍କ ଅଧିକାରକୁ ଏଠାରେ କ୍ଷୁର୍ଣ୍ଣ କରାଯାଉଛି ବୋଲି ମତପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ, ଝୁମ୍ପୁଡିବାସୀଙ୍କ ମଧ୍ୟରେ ସହରୀ ଛାପ ପକାଇବା ଉଦ୍ଦେଶ୍ୟରେ ରାଜୀବ ଆବାସ ଯୋଜନା ପ୍ରଣିତ ହୋଇଥିଲା। ୨୦୧୫ ମେ ମାସରେ ଏହି ଯୋଜନାକୁ ନିବୃତ କରାଯାଇ ହାଉସିଂ ଫର ଅଲ୍ ନାମରେ ନାମିତ କରାଯାଇଛି। ଏହି ଯୋଜନା ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହିକ୍ରମରେ ଯାଜପୁର ପୌରପରିଷଦରେ ୧୫୯୭ ଘର ମଞ୍ଜୁର ହୋଇଥିଲା। ହେଲେ ସେଥିରୁ ମାତ୍ର ୫୫୮ ଟି ଘର ସମ୍ପୂର୍ଣ୍ଣ, ୧୮୧ଟି ଘର ନିର୍ମାଣାଧିନ ଓ ୮୫୮ ଟି ଘର କାର୍ଯ୍ୟ ଆରମ୍ଭ ହୋଇନାହିଁ ବୋଲି ୨୦୧୭ ଏପ୍ରିଲରୁ ମେ ମାସ ମଧ୍ୟରେ ସିଏଜି ପକ୍ଷରୁ ହୋଇଥିବା ତଦନ୍ତରେ ଜଣାପଡିଥିଲା । ଏହାବ୍ୟତିତ ୭୩ଟି ଘର ମାମଲାରେ ପ୍ରାୟ ୨.୩୯ କୋଟି ଟଙ୍କାର ଅନିୟମିତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଥିଲା । ନିର୍ମାଣ ସମୟରେ ଝୁମ୍ପୁଡିବାସୀଙ୍କ ଆଶ୍ରୟ ପାଇଁ ଟ୍ରାନ୍‌ଜିଟ ହାଉସ ନିର୍ମାଣ କରିବାକୁ ୨.୦୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ୧୦୪ ଜଣ ଝୁମ୍ପୁଡିବାସୀ ଥଇଥାନ ହେବେ ବୋଲି ଲକ୍ଷ୍ୟ ରହିଥିଲା। ରାଜୀବ ଆବାସ ଯୋଜନାର ସୁଧ ବାବଦ ଟଙ୍କା ମିଶାଇ ୪.୧୪ କୋଟି ଟଙ୍କା ବ୍ୟୟରେ ଟ୍ରାନ୍‌ଜିଟ ହାଉସ ନିର୍ମାଣ ହେଲା । ହେଲେ ସେହି ଟ୍ରାନଜିଟ ହାଉସ ୧୦୪ ଝୁମ୍ପୁଡିବାସୀଙ୍କୁ ବାସସ୍ଥଳି ଭାବେ ଆବଣ୍ଟନ କରା ନ ଯାଇ ମାର୍କେଟ କମ୍ପ୍ଲେକ୍ସ ପାଲଟିଛି। ଫଳରେ ଏହି ସମୁଦାୟ ଟଙ୍କା ଉଦ୍ଦେଶ୍ୟ ବିହୀନ(ଇନ୍‌ଆଡ୍‌ମିସିବୁଲ ପରପୋଜ)ଭାବେ ଖର୍ଚ୍ଚ ହୋଇଛି ବୋଲି ସିଏଜି କହିଥିଲା। ଏ ସଂକ୍ରାନ୍ତରେ ଧରିତ୍ରୀରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇ ଆସୁଛି। ଏହାବାଦ ପୁରୁଣା ଘର ଭାଙ୍ଗିବା ବାବଦକୁ ଯୋଜନାରେ ୬ ହଜାର ଟଙ୍କା ଲେଖାଏ ସହାୟତା ରାଶି କୌଣସି ହିତାଧିକାରୀଙ୍କୁ ନ ଦେଇ ସମ୍ପୂର୍ଣ୍ଣ ଓ ନିର୍ମାଣାଧିନ ଘର ବାବଦକୁ ପ୍ରାୟ ୫୧ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଉଠିଛି । ସମ୍ପ୍ରତି ଓୟୁଏଚ୍ଏମର ମିଶନ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଏଠାରେ କାର୍ଯ୍ୟକାରୀ ହେଉଛି ନା ପ୍ରଭାବଶାଳୀ ରାଜନେତାଙ୍କ ଚାପରେ କେବଳ ଲୋକଦେଖାଣିଆ ଫାଇଲ ଚାଷ ଚାଲିଛି ତାହା ଆଗକୁ ଦେଖିବାକୁ ବାକି ରହିଲା ବୋଲି କୁହାଯାଉଛି। ଏହି ପୌରପରିଷଦରେ କୁସୁମା ପୋଖରୀଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନ ଯୋଜନାରେ ୧୦୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଅନୁଦାନ ଆସିଛି। ହେଲେ ଏହାର ଏକ ନିରପେକ୍ଷ ତଦନ୍ତ କରାଗଲେ ଏଭଳି ଅନେକ ଅନିୟମିତତାର ପର୍ଦ୍ଦାଫାଶ ହୋଇ ପାରନ୍ତା ବୋଲି ଦାବି ଉଠିଛି। ଏସଂକ୍ରାନ୍ତରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସରୋଜ କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ଓୟୁଏଚ୍ଏମ୍ ନିର୍ଦ୍ଦେଶକଙ୍କ ପତ୍ର ଅନୁସାରେ ବିଭାଗ ପକ୍ଷରୁ ଅନୁପାଳନ କରାଯିବ । ପତ୍ର ପାଇବା ପରେ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ବ୍ୟବସାୟୀ ଗୁରୁତର

ରସୁଲପୁର,୧।୧୧(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଭଗତପୁର ଗ୍ରାମର ବ୍ୟବସାୟୀ ଧର୍ମପଦ ଦାସ(୫୦) ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ଧର୍ମପଦ ଷ୍ଟୁଡିଓ ଖୋଲିବାକୁ ବାରବାଟୀ ବଜାରକୁ ଆସିଥିଲେ। ଦୋକାନ ସମ୍ମୁଖରେ ଥିବା ଷ୍ଟ୍ରିଟ୍ ଲାଇଟ ଖୁଣ୍ଟି ଚାର୍ଜ ହୋଇଯାଇ ଥିଲା। ସେ ଏସମ୍ପର୍କରେ ଅବଗତ ନ ଥିଲେ। ବାହାରକୁ ଆସି ଲାଇଟି ଖୁଣ୍ଟିକୁ ଧରି ପକାଇବାରୁ ତାକୁ ବିଦ୍ୟୁତ ଆଘାତ ଲାଗିଥିଲା। ସେ ଗୁରୁତର ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ବଜାର ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଥାଉ କି ରାସ୍ତାପାର୍ଶ୍ୱରେ ଲାଗିଥିବା ବିଦ୍ୟୁତ ଖୁଣ୍ଟି ଗୁଡିକର ରକ୍ଷଣାବେକ୍ଷଣ ଠିକାଦାରଙ୍କ ଦାୟିତ୍ୱ ରହିଛି। ମାତ୍ର ଠିକାଦାରଙ୍କ ପକ୍ଷରୁ ଠିକ୍ ଭାବରେ ଦାୟିତ୍ୱ ସମ୍ପାଦାନ କରାଯାଉ ନ ଥିବାରୁ ସାଧାରଣ ଲୋକଙ୍କ ଜୀବନ ବିପନ୍ନ ହୋଇପଡୁଛି।

### ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ ସ୍ୱାମୀ ଗୁରୁତର

ଧର୍ମଶାଳା,୧।୧୧(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥ ଝାଟିଆପଡା ନିକଟରେ ଏକ ଟ୍ରକ୍ ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ଏନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇବା ସହ କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇଥିଲା। ଜେନାପୁର ଥାନା ଅନ୍ତର୍ଗତ ରମ୍ପେଇ ଗ୍ରାମର ଶତ୍ରୁଘ୍ନ ନାୟକ ସ୍ତ୍ରୀ କଳ୍ପନା ନାୟକଙ୍କ ସହ କଟକରୁ ବାଇକରେ ଘରକୁ ଫେରୁଥିଲେ। ଗୁରୁବାର ସନ୍ଧ୍ୟା ୫ଟାରେ ୫୩ନମ୍ବର ଜାତୀୟ ରାଜପଥ ଝାଟିଆପଡା ନିକଟରେ ଓଆର୦୫-ଏଏଚ-୧୨୩୧ ନମ୍ବର ବିଶିଷ୍ଟ ଏକ ଦଶ ଚକିଆ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଇକଟି ଚୁରମାର ହୋଇଯାଇଥିଲା ବେଳେ କଳ୍ପନା ନାୟକ(୩୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ୱାମୀ ଶତ୍ରୁଘ୍ନ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଆହତ ଶତ୍ରୁଘ୍ନଙ୍କୁ ବଡଚଣା ଡାକ୍ତରଖାନାକୁ ନିଆଯାଇଥିଲା । ପ୍ରାଥମିକ ଚିକିତ୍ସା ପାରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜେନାପୁର ଥାନା ଅଧିକାରୀ ସୁଶାନ୍ତ ଦାସ ଓ ଧର୍ମଶାଳା ତହସିଲଦାର ଶୀତଲ ଅଗ୍ରୱାଲ ଘଟଣା ସ୍ଥଳରେ ପହଁଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଇ ଗାଡିଚଳାଚଳ କରିବା ସହ ମୃତକଙ୍କ ପରିବାରକୁ ରେଡକ୍ରସରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରସୁଲପୁର,୧।୧୧(ଡି.ଏନ୍.ଏ.)- ରସୁଲପୁର ବ୍ଲକ ଅନ୍ତର୍ଗତ ସାହାପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ସାହୁଙ୍କୁ ଗୁରୁବାର ବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଶିକ୍ଷକମାନେ ସୁସ୍ଥ ସମାଜ ଗଠନର ମୂଳ କର୍ଣ୍ଣଧାର। ଶିକ୍ଷକମାନଙ୍କୁ କାର୍ଯ୍ୟଶୈଳୀ ଓ ତାଙ୍କର ନିସ୍ୱାର୍ଥପର ସେବା, ସାମାଜିକ ଦାୟିତ୍ୱ ବୋଧତା ଯୋଗୁ ଜଣେ ଶିକ୍ଷକ ଯୁଗେ ଯୁଗେ ପୂଜ୍ୟପୂଜାର ଅଧିକାରୀ ହୋଇପାରୁଛି। ଏସବୁ ଗୁଣ ବିଦାୟୀ ଶିକ୍ଷକ ସାହୁଙ୍କ ନିକଟରେ ରହିଛି । ତାଙ୍କୁ ଅଞ୍ଚଳର ଖୁବ୍ ଭଲ ପାଉଥିବାରୁ ସେ ଏହି ବିଦ୍ୟାଳୟରେ ଚାକିରୀ ଜୀବନ ଆରମ୍ଭ କରି ଶେଷ କରିପାରିଛନ୍ତି ବୋଲି ଅତିଥିମାନେ ମତ ରଖିଥିଲେ। ବନ୍ଧଡିହ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିକାରୀ ମହେନ୍ଦ୍ର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପ-ସଭାପତି ପ୍ରଶାନ୍ତ ସର, ମୁଖ୍ୟବକ୍ତା ଭାବରେ ନିମ୍ନ ମାଧମିକ ଶିକ୍ଷକ ସଂଘର ଯାଜପୁର ଜିଲା ସମ୍ପାଦକ ବିକ୍ରମ କୁମାର ଦାସ, ସମ୍ମାନିତ ଅତିଥି ଭାବରେ ସିଆର୍‌ସିସି ଦେବରାଜ ମିଶ୍ର, ଶିକ୍ଷକ ନେତା ବିଜୟ କୁମାର ଷଡ଼ଙ୍ଗୀ, ପ୍ରମୋଦ କୁମାର ପ୍ରଧାନ, ସୁବାଷ ଚନ୍ଦ୍ର ପାଢ଼ୀ, ଶିକ୍ଷାବିତ୍ ପ୍ରଭଞ୍ଜନ ପତି, ପରିଚାଳନା କମିଟିର ସଭାନେତ୍ରୀ ବବିତା ମଲ୍ଲିକ, ବ୍ଲକ ସହ-ଶିକ୍ଷାଧିକାରୀ ମଦନମୋହନ ସାମଲ ପ୍ରମୁଖ ଯେଗଦେଇ ବିନୋଦ ସାର୍‌ଙ୍କ ଗୁଣାବଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ଯାଜପୁର ଅଫିସ,୧।୧୧

ଯାଜପୁରରୋଡ ଥାନା ଅର୍ନ୍ତଗତ ରସୁଲପୁର ବ୍ଲକ ପହଙ୍ଗା ପଞ୍ଚାୟତର ଜଗତପୁରଠାରେ ପାଇଖାନା ନିର୍ମାଣକୁ ନେଇ ଗରୁବାର ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ୫ ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଯାଜପୁରରୋଡ ଥାନାରେ ଅଭିଯୋଗ କରାଯାଇଛି। ଆହତମାନେ ହେଲେ ରବୀନ୍ଦ୍ର କୁମାର ସାହୁ (୫୦), ମୋହନ କୁମାର ସାହୁ (୪୧), ଧରଣି ଧର ସାହୁ (୬୦), ବିଜୟ ସାହୁ (୫୦) ଓ ଅପରପକ୍ଷର ବିଦ୍ୟାଧର ସାହୁ। ଆହତମାନେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ରବୀନ୍ଦ୍ର , ବିଜୟ ଓ ବିଦ୍ୟାଧରଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଯାଜପୁରରୋଡ ପୋଲିସ ୨୭୩/୧୮ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ହୃଦ୍‌ଘାତରେ ସିଆରସିସିଙ୍କ ମୃତ୍ୟୁ

ରସୁଲପୁର,୧।୧୧(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିକାରୀ(ସିଆରସିସି) ଲକ୍ଷ୍ମଣ ସାହୁଙ୍କର ଗୁରୁବାର ଅପରାହ୍ଣରେ ହୃଦଘାତରେ ମୃତ୍ୟୁ ଘଟିଛି। ହରିପୁର କ୍ଲଷ୍ଟର ପ୍ରକୋଷ୍ଠରେ ବୈଠକ ସାରି ଲକ୍ଷ୍ମଣ ଘରକୁ ଫେରୁଥିବାବେଳେ ବାଟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ଖବର ପାଇ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କର, ସହ ଶିକ୍ଷାଧିକାରୀ ମନମୋହନ ସାମଲ, ଭିକାରୀ କବି, ସିଆରସିସିଗଣ, କ୍ଲଷ୍ଟର ଅଧିନସ୍ଥ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚିଥିଲେ। ସନ୍ଧ୍ୟାରେ ମୃତ ଶିକ୍ଷକଙ୍କ ଶବକୁ ଏକ ଶୋଭାଯାତ୍ରାରେ ଯାଜପୁର ବ୍ଲକ ଅନ୍ତର୍ଗତ କୁଖାଲା ଗ୍ରାମକୁ ନିଆଯାଇଥିଲା।

## ୟୁକୋ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ

ଧର୍ମଶାଳା,୧।୧୧(ଡି.ଏନ୍.ଏ.)

ଜାରକାସ୍ଥିତ ୟୁକୋବ୍ୟାଙ୍କ ଧର୍ମଶାଳା ଶାଖା ଆନୁକୁଲ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ଶପଥ ପାଠ ଓ ସଚେତନତା ସଭା ଧର୍ମଶାଳା ବାଣୀପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଛି। ବାଣୀପୀଠର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମଓ ଡାକ୍ତର ବିଜୟ କୁମାର ଶତପଥି, ଅତିଥି ଭାବେ ୟୁକୋବ୍ୟାଙ୍କ ବରିଷ୍ଠ ପରିଚାଳକ ରାଜେଶ ବେହେରା, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଶିକ୍ଷକ ନିରୋଜ କୁମାର ମହାନ୍ତି ଯୋଗଦେଇ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଦୁର୍ନୀତିକୁ ଦୂରେଇବା ପାଇଁ ଛାତ୍ରୀଛାତ୍ରମାନେ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଦୁର୍ନୀତି ନିବାରଣ ଦ୍ୱାରା ଦେଶର ଉନ୍ନତି ସମ୍ଭବ ବୋଲି ୟୁକୋବ୍ୟାଙ୍କ ପରିଚାଳକ ବେହେରା ପ୍ରକାଶ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ସାଇ ସମ୍ପୂର୍ଣ୍ଣା ପାଣି ପ୍ରଥମ, କିରଣ ମଲିକ ଦ୍ୱିତୀୟ ଓ ସାଇନ ପରବିନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏତଦ ବ୍ୟତିତ ବାଣୀପୀଠର ମେଧାବୀ ଛାତ୍ରୀ ସାଇ ସମ୍ପୂର୍ଣ୍ଣା ପାଣି ଓ ଛାତ୍ର ଦେବୀ ପ୍ରସାଦ ଦାଶଙ୍କୁ ୟୁକୋବ୍ୟାଙ୍କ ପକ୍ଷରୁ ମେଧା ପୁରସ୍କାରରେ ପୁରସ୍କୃତ କରିବା ପାଇଁ ବ୍ୟାଙ୍କ ପରିଚାଳକ ଘୋଷଣା କରିଥିଲେ ।




ଧର୍ମଶାଳା ୟୁକୋବ୍ୟାଙ୍କର ଦୁର୍ନୀତି ନିବାରଣ ସଚେତନତା ସଭା।

## ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଉଦ୍‌ଯାପିତ

ବିଞ୍ଝାରପୁର,୧।୧୧(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ମୁକ୍ତ ପାଲାମଣ୍ଡପରେ ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଅଧ୍ୟାପକ ଦାମୋଦରପତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୁପେ ବିଞ୍ଝାରପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ନିରଞ୍ଜନ ପଣ୍ଡା ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ସମୟରେ ପାଲା ସାହିତ୍ୟ ସଂସ୍କୃତି ଭଳି ନିଆରା ପରମ୍ପରା ବୁଡ଼ି ଯିବାକୁ ବସିଥିବା ବେଳେ ବିଞ୍ଝାରପୁର ଅଞ୍ଚଳରେ ପାଲା ମହୋତ୍ସବ ଆୟୋଜନ କରାଯାଇଥିବାରୁ ଏହାର ପୃଷ୍ଠପୋଷକଙ୍କ ଭୂୟୀୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିରୁପେ ଓଡିଶା ରାଜ୍ୟ ଚଳଚ୍ଚିତ୍ର ନିଗମର ଅଧକ୍ଷ କୁନା ତ୍ରିପାଠୀ, ବରିଷ୍ଠ ଚଳଚ୍ଚିତ୍ର କଳାକାର ପ୍ରଦ୍ୟୁମ୍ନ ଲେଙ୍କା, ବରିଷ୍ଠ ଚକ୍ଷୁ ବିଶେଶଜ୍ଞ ରାଜକିଶୋର ପଣ୍ଡା,




ପାଲା ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାସ, କେଶବ ଚରଣ ନାୟକ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ପାରଦର୍ଶିତା ପାଇଁ ରାମକୃଷ୍ଣ ଦାସ ଓ ସେକ ସନ୍‌ୱାରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିପାଲା ପ୍ରତିଯୋଗିତାରେ ରାଜ୍ୟର ବଡମ୍ବା, ଜଗତସିଂହପୁର, ଖୋର୍ଦ୍ଧା, କଟକ, ଯାଜପୁର,ତିର୍ତ୍ତୋଲ, ଆଠଗଡ, ପଚ୍ଚାମୁଣ୍ଡାଇର ମୋଟ ୮ଟି ଦଳ ଅଂଶଗ୍ରହଣ କରି ପାଲା ପରିବେଷଣ ଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନଅଧିକାର କରିଥିବା ଗାୟକ ଶିରୋମଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ପରିଡା, ତାପସ ମହାପାତ୍ର, ଦେବାନନ୍ଦ ମଲ୍ଲିକ, ତାରାକାନ୍ତ ମଲ୍ଲିକ, ନିରଞ୍ଜନ ରାଉତ, ପ୍ରଦୀପ୍ତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଥାନାଧିକାରୀଙ୍କ ବିରୋଧରେ ପୁଣି ଅଭିଯୋଗ ଆଣିଲେ ରବୀନ୍ଦ୍ର

କୋରେଇ, ୧।୧୧(ସ୍ୱ.ପ୍ର)

ପାଣିକୋଇଲି ଗେଟ୍‌ରେ କାର୍ଯ୍ୟରତ ହୋମଗାର୍ଡ ରବୀନ୍ଦ୍ର ପୂର୍ତ୍ତିଙ୍କୁ ଯାଜପୁରରୋଡ ଥାନା ଅଧିକାରୀ ଜାତିଆଣ ଗାଳିଗୁଲଜ କରିବା ସହ ଧମକ୍ ଦେବା ଘଟଣା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏହି ଘଟଣା ଆପୋଷ ସମାଧାନ ହୋଇଯାଇଥିବା ଯାଜପୁରରୋଡ ଥାନା ଅଧିକାରୀ ଅମିତାଭ ମହାପାତ୍ର ବୁଧବାର କହିଥିବାବେଳେ ରବୀନ୍ଦ୍ରଙ୍କ ଅଭିଯୋଗକୁ ଆଧାର କରି ଏସ୍‌ପି ଘଟଣାର ତଦନ୍ତ କରିବାକୁ ଡିଏସ୍‌ପି ଅକ୍ଷୟ କୁମାର ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ଗୁରୁବାର ରବୀନ୍ଦ୍ର ପାଣିକୋଇଲି ଥାନାରେ ଯାଜପୁରରୋଡ ଥାନାଧିକାରୀ ଅମିତାଭଙ୍କ ବିରୋଧରେ ଆଉ ଏକ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଅମିତାଭ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅସଭ୍ୟଭାଷାରେ ଗାଳିଗୁଲଜ କରି ଚାକିରି ନେଇଯିବାକୁ ଧମକ ଦେଇଥିବା ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ପାଣିକୋଇଲି ଥାନା ଅଧିକାରୀ ଅନୁପସ୍ଥିତ ଥିବାରୁ ମାମଲା ରୁଜୁ ହୋଇପାରି ନାହିଁ। ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ପାଣିକୋଇଲି ଥାନା ପକ୍ଷରୁ ଗତ ୨୪ତାରିଖ ରାତିରେ ଓଏସ୍‌ପି ଯବାନ ରବୀନ୍ଦ୍ର ଟୋଲ ଗେଟ୍‌ରେ ଡିୟୁଟି କରୁଥିଲେ। ଡିୟୁଟି ସମୟରେ ଏକ ଆମ୍ବୁଲାନ୍ସ ଆଗରେ ଯାଜପୁରରୋଡ ଥାନାଧିକାରୀ ମହାପାତ୍ର ସାଦା ପୋଷାକରେ ଏକ ଘରୋଇ ଗାଡିରେ ଆସୁଥିଲେ। ରବୀନ୍ଦ୍ର ତାଙ୍କୁ ଅଟକାଇ ଅନ୍ୟ ଲେନରେ ଯିବା ସହ ଆମ୍ବୁଲାନ୍ସକୁ ଛାଡିବାକୁ କହିଥିଲେ। ଏତିକିରେ ମହାପାତ୍ର ଉତ୍‌କ୍ଷୀପ୍ତ ହୋଇ ଜାତିଆଣ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଏସମ୍ପର୍କରେ ରବୀନ୍ଦ୍ର ପାଣିକୋଇଲି ଥାନାଧିକାରୀଙ୍କ ଠାରୁ ଅନୁମତି ନେଇ ଏସ୍‌ପିଙ୍କୁ ଭେଟିବାକୁ ଚାହିଁଥିଲେ ମଧ୍ୟ ଜିଲା ପୋଲିସ କାର୍ଯ୍ୟାଳୟରେ ତାଙ୍କୁ ଦେଖା କରିବାର ସୁଯୋଗ ମିଳି ନ ଥିଲା। ଘଟଣା ଦିନକୁ ଦିନ ଗଡ଼ି ଚାଲିବାରୁ ଏହା ସୋସିଆଲ ମିଡିଆରେ ଭାଇରାଲ ହେଲା। ତେବେ ଭାଇରାଲ କରିଥିବା ସୁକିନ୍ଦା ଅଞ୍ଚଳର ରବୀନ୍ଦ୍ର ଦାସଙ୍କ ବିରୋଧରେ ମହାପାତ୍ର ମଙ୍ଗଳବାର ପାଣିକୋଇଲି ଥାନାରେ ଏକ ଅଭିଯୋଗ କରିଥିଲେ। ଯାହାକି ୧୭୨/୧୮ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରଖିଛି।

## ୪ରୁ ସର୍ବଭାରତୀୟ ସିକୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଧର୍ମଶାଳା,୧।୧୧(ଡି.ଏନ୍.ଏ.)

ଜାରକାସ୍ଥିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସର୍ବଭାରତୀୟ ନବମ ସିକୁ କପ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୪ ତାରିଖରୁ ଧର୍ମଶାଳା ମହୋତ୍ସବ ପଡିଆରେ ଅନୁଷ୍ଠିତ ହେବ। ଟ୍ରଷ୍ଟ ଅଧକ୍ଷ ବିଜୟ କୁମାର ରାୟ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି । ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ବଛାବଛା ୮ଗୋଟି ଦଳ ଅଂଶଗ୍ରହଣ କରିବେ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟରେ ଜାମସେଦପୁର ସୁପରକିଙ୍ଗ, ଆଦ୍ରା ରେଲୱେ, ଖଡଗପୁର ରେଲୱେ, ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା, ରାୟପୁର ରେଲୱେ, ବିଳାସପୁର ରେଲୱେ, ନାଗପୁର କରିମ ସ୍ପୋର୍ଟସ୍ ଏକାଡେମୀ,ରାଇଜିଂ ଷ୍ଟୁଡେଣ୍ଟ କଟକ ଦଳ ଅଂଶଗ୍ରହଣ କରିବେ ବୋଲି ରାୟ ସୂଚନା ଦେଇଛନ୍ତି। ଏଥିସହିତ ୪ଗୋଟି ମହିଳା କ୍ରିକେଟ ଦଳକୁ ନେଇ ଏକ ମହିଳା କ୍ରିକେଟ ଟୁର୍ନାମେଣ୍ଟ ମଧ୍ୟ ଅନୁଷ୍ଠିତ ହେବ,ଏଥିରେ ଯାଜପୁର ମାରିନୋ ଏକାଦଶ, ଭୁବନେଶ୍ୱର କିଟ ଏକାଦଶ ଓ କଟକର ୨ଟି ଦଳ ଅଂଶଗ୍ରହଣ କରିବେ। ଆସନ୍ତା ୪ ତାରିଖ ଉଦ୍‌ଘାଟନୀ ମ୍ୟାଚ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ସୁପରକିଙ୍ଗ ଜାମସେଦପୁର ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚକୁ ଯାଜପୁର ଅରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଆସନ୍ତା ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ୧୧ତାରିଖରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହେବ ବୋଲି ଟ୍ରଷ୍ଟି ସିତାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଅବସରପ୍ରାପ୍ତ ମୁଖ୍ୟଚିକିତ୍ସାଧିକାରୀ ବିଜୟ କୁମାର ଶତପଥି, ରମେଶ ଚନ୍ଦ୍ର ସାହୁ ଓ ଆୟୋଜକ ସୁବ୍ରତ ଜେନା ଉପସ୍ଥିତ ଥିଲେ ।

## ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ୨୫ପରିବାର

ଜେନାପୁର,୧।୧୧(ଡି.ଏନ୍.ଏ)

ଓଡ଼ିଶାର ପ୍ରତ୍ୟେକ ଗ୍ରାମପଞ୍ଚାୟତର ସଦର ମହକୁମାକୁ ଲାଗିଥିବା ଗ୍ରାମଗୁଡିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଲକ୍ଷାଧିକ ଟଙ୍କା ବିନିମୟରେ ନିର୍ମିତ ହୋଇଛି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ। କିନ୍ତୁ କେତେକ ସ୍ଥାନରେ ତାହା ଗରିବ ଜନସାଧାରଣଙ୍କ ହିତରେ ଆଦୌ ଆସୁ ନ ଥିବା ଅଭିଯୋଗ ହୋଇଛି। ପାଞ୍ଚରୁ ଅଧିକ ବର୍ଷ ହେଲା ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁରଠାରେ ସ୍ଥାପିତ ହୋଇଛି ଏହି ପ୍ରକଳ୍ପ । ଏହାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଚକ୍ରଧରପୁର ପଞ୍ଚାୟତର ଗହଣା ଓ ମୁକୁନ୍ଦପୁର ରାଜସ୍ୱ ଗ୍ରାମ ଦେଇ ୱାର୍ଡ ନଂ୭ ରୁ ୧୧(ଘଡେଇ ସାହି) ପର୍ଯ୍ୟନ୍ତ ପାଇପ ବିଛା ଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇ ଆସୁଥିଲେ ମଧ ତାହା ୱାର୍ଡ ନଂ୧୧ର ରହୁଥିବା ଅନୁସୂଚିତ ଜାତି ବର୍ଗର ଲୋକଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି। ସେମାନଙ୍କ ସାହିକୁ ପ୍ରକଳ୍ପ ପ୍ରତିଷ୍ଠାହେବା ଦିନଠାରୁ ପାଇପ୍ ସଂଯୋଗ କରାଯାଇ ନାହିଁ। ଫଳସ୍ୱରୂପ ସାହିର ଲୋକମାନେ ଟୋପାଏ ବିଶୁଦ୍ଧ ପାଣି ପାଇବା ପାଇଁ ବାର ଦୁଆର ଶୁଙ୍ଘିପିଞ୍ଛା ହେବା ସହ ବିଭିନ୍ନ ସମୟରେ ନାନାଦି ସମସ୍ୟାର ସମ୍ମୁଖୀନ ହୋଇଆସୁଥିବା ନେଇ ୱାର୍ଡ ସଭ୍ୟ ତାପସ ମଲ୍ଲିକଙ୍କ ସମେତ ବିନୋଦ ମଲିକ, ଟିକନ ମଲିକ, ସନାତନ ଦଳାଇ, ଅଙ୍କୁର ଦଲେଇ ଓ ରବୀନ୍ଦ୍ର ଦଲେଇ ପ୍ରମୁଖ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୫ଟି ପରିବାର ବାସକରୁଥିବା ଏହି ସାହିରେ ନାମକୁ ମାତ୍ର ଗୋଟିଏ ନଳକୂପ ରହିଛି। ତାହା ପୁଣି ଖରାଦିନେ ଶୁଷ୍କ ହୋଇଯାଏ। ଆଉ ବର୍ଷାଦିନେ ଗୋଳିଆ ପାଣି ଆସୁଥିବାରୁ ଲୋକମାନେ ବାଧ୍ୟ ହୋଇ ଗରା, ମାଠିଆ, ଡେକଚି ଓ ବାଲ୍‌ଟି ଧରି ଏକ କି.ମି. ଦୂରରେ ଥିବା ଏକ ମନ୍ଦିର କୂପରୁ ବହୁ କଷ୍ଟରେ ପାଣି ଆଣୁଛନ୍ତି ।



ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଗ୍ରାମବାସୀ।

ସେଠାରେ କଡ଼ା କଟକଣା ମଧ୍ୟରେ ସବର୍ଣ୍ଣ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପାଣି ଦିଆଯାଉଥିବାରୁ ସେମାନଙ୍କ ପାଇଁ ତାହା ସମୁଦ୍ରକୁ ଶଙ୍ଖେ ବୋଲି ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏଥିଯୋଗୁ ଦିନକୁ ଦିନ ଜନ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହାଛଡ଼ା ସାହିରେ ଡ୍ରେନର ସୁବ୍ୟବସ୍ଥା କରାଯାଇ ନ ଥିବାରୁ ବର୍ଷାହେଲେ ସାହିର ଠାକୁର ଘରେ ପାଣି ପଶିଯିବା ସହ ଗାଁ ଦାଣ୍ଡରେ ଜଙ୍ଘେ ଉଚ୍ଚର ପାଣି ପ୍ରବାହିତ ହେଉଥିବା ସେମାନେ ମଧ ଅଭିଯୋଗ କରିଛନ୍ତି। ସେତେବେଳେ ସାହିର ଲୋକଙ୍କ ପାଇଁ ବାହାରକୁ ଯିବାଆସିବା କରିବା ମଧ କଷ୍ଟକର ହୋଇପଡିଥାଏ। ଏସମ୍ପର୍କରେ ୱାର୍ଡ ସଭ୍ୟ ମଲ୍ଲିକ ପୂର୍ବରୁ ତିନିଥର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପଞ୍ଚାୟତର ମାସିକ ବୈଠକରେ ଲିଖିତ ଅଭିଯୋଗ କରି ସ୍ୱର ଉତ୍ତୋଳନ କରିଥିଲେ ହେଁ ତାହା ଅଦ୍ୟାବଧି ଫଳପ୍ରଦ ହୋଇପାରି ନାହିଁ। କେବଳ ସ୍ଥାନୀୟ ସରପଞ୍ଚ ଏହି ପ୍ରକଳ୍ପ ଅନୁମୋଦିତ ହୋଇଯାଇଛି ବୋଲି ସେମାନଙ୍କୁ ଭୁଆଁ ବୁଲାଇ ଆସୁଛନ୍ତି। ନିକଟରେ ଜନସମ୍ପର୍କ ପଦଯାତ୍ରାରେ ସ୍ଥାନୀୟ ବିଧାୟକ ପ୍ରଣବ ବଳବନ୍ତରାୟ ଏହି ସାହିକୁ ପରିକ୍ରମା କରିଥିବା ବେଳେ ଉକ୍ତ ସମସ୍ୟା ନେଇ ସାହିର ଲୋକଙ୍କ ସହ ଆଲୋଚନା କରିଥିଲେ। ସେ ଖୁବ୍ ଶ୍ରୀଘ୍ର ଏହାର ସୁବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ତାହା କେତେଦୂର କାର୍ଯ୍ୟକାରୀ ହେବ, ସେଥିନେଇ ଗ୍ରାମବାସୀ ଆଶା ଓ ଆଶଙ୍କାରେ ରହିଛନ୍ତି।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ପାଲା ଗାୟକ ପରିଷଦର ୭ମ ବାର୍ଷିକ ସମ୍ମିଳନୀ

ସିଂହପୁର,୧।୧୧(ଡି.ଏନ୍.ଏ)- ଆଲିବାଦ ପଡିଆରେ ଗୁରୁବାର ମା' ବିରଜା ମଣ୍ଡଳ ପାଲା ଗାୟକ ପରିଷଦର ୭ମ ବାର୍ଷିକ ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଗାୟକ ବୈରାଗୀ ଚରଣ ବେହେରା, ଦେବୀ ପ୍ରସନ୍ନ ଧଳଙ୍କ ପରାମର୍ଶକ୍ରମେ ପରିଷଦର କାର୍ଯ୍ୟକାରୀ ସଭାପତି ଗାୟକ ଜଗବନ୍ଧୁ ଓଝା, ସାଧାରଣ ସମ୍ପାଦକ ଗାୟକ କଳ୍ପଶ୍ରୀ, ପଣ୍ଡିତ ଦିଲୀପ କୁମାର ଦାଶ, ସୌରଭ ବଲ୍ଲଭ ଚରଣ ସ୍ୱାଇଁ ଓ ରମାକାନ୍ତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ରାଜ୍ୟ କଳା ସଂସ୍କୃତି ସଂଘ ଉପାଧକ୍ଷ ଜ୍ଞାନପ୍ରିୟ କାନୁନଗୋ, କୃଷ୍ଣଚନ୍ଦ୍ର ବ୍ରହ୍ମ, ସନ୍ତୋଷ ପଟ୍ଟନାୟକ, ଗୟାଧର ମହାପାତ୍ର, ଚିତ୍ତରଞ୍ଜନ ଦାସ, ଶିକ୍ଷାବିତ ମନ୍ମଥ ରାୟ, ଧରଣୀଧର ସାହୁ, ସୁବାସ ମହଲ, ଜଗନ୍ନାଥ ଧଳ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ଗାୟକ କ୍ଷୀରୋଦ ଚନ୍ଦ୍ର ମହାନ୍ତି, ରମାକାନ୍ତ ଦାସ, ରବିନାରାୟଣ ପଣ୍ଡା, ଦେବିପ୍ରସନ୍ନ ଧଳ, ଗାୟିକା ଭାନୁପ୍ରଭା ବେହେରା ପ୍ରମୁଖ ପାଲା ପରିବେଷଣ କରିଥିଲେ। ପରେ ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପରିଷଦର ମୁଖପତ୍ର 'କଳାକୁସୁମ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

### ଫଟୋ ଖବରଦାତାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା

କାଳିଆପାଣି,୧।୧୧(ଡିଏନଏ)- ଛତିଶଗଡ଼ ଦନ୍ତେୱାଡ଼ା ଜିଲାର ନିଳଭାୟା ଜଙ୍ଗଲ ରାସ୍ତାରେ ମାଓବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଦୁରଦର୍ଶନର ଫଟୋ ଖବରଦାତାଙ୍କ ଉଦ୍ଦେଶ୍ୟରେ ସୁକିନ୍ଦା ପ୍ରେସକ୍ଲବ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡୁବୁରୀସ୍ଥିତ ସୁକିନ୍ଦା ପ୍ରେସକ୍ଲବ ଗୃହଠାରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିବା ବେଳେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ସୁକିନ୍ଦା ପ୍ରେସକ୍ଲବ ତଥା ଉତ୍କଳ ଜିଲା ସଭାପତି ବିଶ୍ୱଜିତ ନାୟକ, ପୂର୍ବତନ ସଭାପତି ଭାଗିରଥି ଭଞ୍ଜ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ଉପସଭାପତି ପରମାନନ୍ଦ ସାହୁ, ବିମଳେନ୍ଦୁ ବେହୁରା, ସମ୍ପାଦକ ନିଳମାଧବ ନାୟକ, ସଂଗଠନ ସମ୍ପାଦକ ସତ୍ୟଜିତ ଦାସ, ସହସମ୍ପାଦକ ସରୋଜ ନାୟକ, ଅସିତ ମହାନ୍ତ, କୋଷାଧକ୍ଷ ନିହାର ରଞ୍ଜନ ପାତ୍ର, ବିଶ୍ୱନାଥ ସାହୁ ,ଅରୁଣ ଚକ୍ରବର୍ତ୍ତି, ଲମ୍ବୋଦର ଦଳବେହେରା, ସଞ୍ଜୀବ ମହାନ୍ତ, କପିଳ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

### ସନ୍‌ରାଇଜ୍ ଗ୍ରୀନ୍ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଯାଜପୁରରୋଡ,୧।୧୧(ନି.ପ୍ର.)- ବ୍ୟାସନଗର ପୌର ପରିଷଦ ୨ନଂ. ୱାର୍ଡ ପନାସିଆ ଗ୍ରାମରେ ଥିବା ସନ୍‌ରାଇଜ୍ ଗ୍ରୀନ୍ କ୍ଲବ ପକ୍ଷରୁ ଗୁରୁବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମଦନ ମୋହନ ମଲ୍ଲିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ୧୧୦ ରୋଗୀଙ୍କର ମାଗଣା ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। କ୍ଲବ ସଭାପତି ବି. ମୋହନ, ସମ୍ପାଦକ ଅକ୍ଷୟ କୁମାର ସେନାପତି, ସହସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଜଗନ୍ନାଥ ବୋଇତାଇ, ସୁବାଶିଷ ଦାସ, ସୁରେଶ ଦାସ, ସୁଧିର ବେହେରା, ସୁନାକର ଦାସ, ଆକାଶ ଲେଙ୍କା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଗଣ୍ଡିଆଖାଇ ଘାଟରୁ ବେଆଇନ ବାଲି ଉଠାଣ

କୋରେଇ,୧।୧୧(ସ୍ୱ.ପ୍ର.)



**ମକୁନ୍ଦପୁର ପଞ୍ଚାୟତ**
- ଚାଲାଣ ହେଉଛି ଶହ ଶହ ଟ୍ରିପ୍ ବାଲି
- ବାଲିଗାଡ଼ିରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ
- ନୀରବ ରହିଛି ତହସିଲ ବିଭାଗ

କୋରେଇ ବ୍ଲକ ତାରାକୋଟ ରାଜସ୍ୱ ସର୍କଲ ଅନ୍ତର୍ଗତ ମକୁନ୍ଦପୁର ପଞ୍ଚାୟତ ଗଣ୍ଡିଆଖାଇ ଘାଟରୁ ବେଆଇନ ଭାବେ ବାଲି ଉଠାଣ ଜାରି ରହିଛି। ଫଳରେ ସରକାର ପ୍ରତିଦିନ ହଜାର ହଜାର ଟଙ୍କା ରାଜସ୍ୱ ହରାଉଥିବା ବେଳେ ବାଲି ମାଫିଆ ମାଲାମାଲ ହେଉଛନ୍ତି। ପ୍ରକାଶ ଯେ, କୋରେଇ ବ୍ଲକର ସାଆଁଳା, ମକୁନ୍ଦପୁର ଓ ବରପଦା ବାଲିଘାଟକୁ ସରକାରୀ ସ୍ତରରେ ନିଲାମ ଦିଆଯାଇଛି। ହେଲେ ମକୁନ୍ଦପୁର ଘାଟଠାରୁ ଅଳ୍ପ ଦୂରରେ ଥିବା ଗଣ୍ଡିଆଖାଇ ଘାଟ ନିଲାମ ଦିଆଯାଇନାହିଁ। ତେଣୁ ମାଫିଆମାନେ ଘାଟରୁ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ କରୁଥିବା ଜଣାପଡିଛି। ଘାଟ ନିଲାମ ହୋଇ ନ ଥିବାରୁ ବିନା ଆର୍‌ଫର୍ମରେ ବାଲି ଚାଲାଣ ହେଉଥିଲେ ମଧ୍ୟ ତହସିଲ ବିଭାଗ ନୀରବ ରହିଥିବା କୁହାଯାଉଛି। ବାଲି ବୋଝେଇ ଗାଡ଼ି ଯାତାୟାତ ଯୋଗୁ ମକୁନ୍ଦପୁରଠାରୁ ବରୁଣ୍ଡାଇ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଜୁରୀନାଲୁଆ ଛକରେ ବାଲିଗାଡିଠାରୁ ଜବରଦସ୍ତ ଚାନ୍ଦା ଆଦାୟ ହେଉଛି। ହେଲେ ପୋଲିସ ପ୍ରଶାସନ କିମ୍ବା ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏ ନେଇ ତାରାକୋଟ ରାଜସ୍ୱ ନିରୀକ୍ଷକ ବିଷ୍ଣୁ ଚରଣ ପଣ୍ଡାଙ୍କୁ ପଚାରିବାରେ, ବାଲି ଚାଲାଣ ହେଉଥିବା ସ୍ୱୀକାର କରିବା ସହ ବ୍ୟାସନଗର ତହସିଲଦାରଙ୍କୁ ଅବଗତ କରାଯାଇଥିବା କହିଥିଲେ। କିଛିଦିନ ତଳେ ଉକ୍ତ ଘାଟରୁ ବାଲି ଚାଲାଣ ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ୫ ଟ୍ରାକ୍ଟର ଜବତ କରାଯାଇ କେବଳ ଜରିମାନା ଆଦାୟ କରି ଛାଡ଼ିଦିଆଯାଇଥିଲା। ବେଆଇନ ବାଲି ଚାଲାଣ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିବାରୁ ଖୁବ୍‌ଶୀଘ୍ର ପୁନଶ୍ଚ ଚଢାଉ କରାଯିବ ବୋଲି ରାଜସ୍ୱ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରାଙ୍କୁ ପଚାରିବାରେ, ସେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ତେଣୁ ଏ ବିଷୟରେ ଅନୁସନ୍ଧାନ କରି ଖୁବ୍‌ଶୀଘ୍ର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ୬ଷ୍ଠ ଦିନରେ ଟୁର୍ଣ୍ଣାମେଣ୍ଟ
# ସେମିରେ ନାନକାର କ୍ରିକେଟ କ୍ଲବ

ଛତିଆ,୧।୧୧(ଡି.ଏନ୍.ଏ.)

ଛତିଆସ୍ଥିତ ଅମରାବତୀ କ୍ରିକେଟ୍ ପଡିଆରେ ପାଟଣା କ୍ରିକେଟ୍ କ୍ଲବ ଦ୍ୱାରା ଆୟୋଜିତ ମନ୍ମଥ ଆଣ୍ଡ ଗିରିଧାରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ୬ଷ୍ଠ ଦିନରେ ପହଞ୍ଚିଛି। ୱାଇସିସି ଛତିଆ ଓ ନାନକାର କ୍ରିକେଟ୍ କ୍ଲବ, ଜଗତପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜଗତପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୮୬ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରଣଜୀ ଖେଳାଳି ଗିରିଜା ରାଉତ ୭୧ ରନ୍ କରିଥିଲେ । ଜବାବ୍‌ରେ ୱାଇସିସି ଛତିଆ ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ୧୫୮ ରନ୍ କରି ପରାସ୍ତ ହୋଇଥିଲା । ସୁକାନ୍ତ ପ୍ରଧାନ ଓ ଦିପ୍ତୀରଞ୍ଜନ ରାଉଳ ଖେଳ ପରିଚାଳନା କରିଥିଲେ । ଜଗତପୁର ଦଳର ଗିରିଜା ରାଉତ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ ହୋଇଥିଲେ। ନାନକାର କ୍ରିକେଟ କ୍ଲବ ୪ର୍ଥ ଦଳ ଭାବେ ସେମି ଫାଇନାଲରେ ପହଞ୍ଚିଛି। ଶୁକ୍ରବାର ଖଙ୍କିରା ଓ ଧର୍ମଶାଳା କ୍ରିକେଟ କ୍ଲବ ମଧ୍ୟରେ ପ୍ରଥମ ସେମି ଫାଇନାଲ ଅନୁଷ୍ଠିତ ହେବ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ



ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ଚଣ୍ଡିଖୋଲ,୧।୧୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତରେ ଗୁରୁବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହର ଶୁଭ ଉଦ୍‌ଘାଟନ କରିଥିବା ବେଳେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ପଣସୁଧାଠାରେ ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ବିଧାୟକଙ୍କ ଅନୁଦାନ ପାଣ୍ଠିରେ ନିର୍ମିତ ଡ୍ରିମ୍ ଲ୍ୟାଣ୍ଡ ପବ୍ଲିକ ସ୍କୁଲର ନୂତନ ଗୃହ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭରତପୁର ସରପଞ୍ଚ ସରସ୍ୱତୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତଗୁଡ଼ିକୁ ସ୍ୱାବଲମ୍ବୀ କରିବାରେ ରାଜ୍ୟ ସରକାରଙ୍କ ଭୂମିକା ସମ୍ପର୍କରେ କହିଥିଲେ। ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି ଯୋଗଦେଇ ପଞ୍ଚାୟତକୁ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ କରିବାରେ ସରକାରଙ୍କ ଭୂମିକା ପ୍ରଶଂସନୀୟ ବୋଲି ମତ ରଖିଥିଲେ। ଶ୍ରୀକାନ୍ତ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଜିଲା ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ା ଅଧକ୍ଷ ଅରବିନ୍ଦ ସାମଲ, ଭାଗ୍ୟଧର ମଳିକ, ସାରଦା ମହାନ୍ତି, ଗଣେଶ୍ୱର ବରାଳ, ନିରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ହୋମିଓପ୍ୟାଥିକ ମୁଖ୍ୟ ଚିକିତ୍ସକ ବିମଳ କୃଷ୍ଣ ମହାପାତ୍ର ଗ୍ରାମାଞ୍ଚଳରେ ଗରିବ ଲୋକମାନେ କିପରି ହୋମିଓପ୍ୟାଥିକ ଚିକିତ୍ସା ପ୍ରତି ଆଗ୍ରହ ପ୍ରକାଶ କରିଥାନ୍ତି ସେ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫନିନ୍ଦ୍ରନାଥ ପଣ୍ଡା, ଯଦୁମଣି ଦାସ, ଅନନ୍ତ କୁମାର ସିଂ, ଦୀଲିପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଧାୟକ ନୂତନ ରାଶନକାର୍ଡ ଓ ଭତ୍ତା ବଣ୍ଟନ କରିଥିଲେ। ସମିତି ସଭ୍ୟା ରଞ୍ଜିତା ସାମଲ ଧନ୍ୟବାଦ ଦେଇଥିଲେ।

### ଇନ୍ଦିରାଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧ ଦିବସ

ବିରଜାକ୍ଷେତ୍ର,୧।୧୧(ଡି.ଏନ୍.ଏ)

ଯାଜପୁରର ଜଗନ୍ନାଥଙ୍କ ମନ୍ଦିର ପରିସରରେ ଇନ୍ଦିରାଗାନ୍ଧୀଙ୍କର ୩୪ତମ ଶ୍ରାଦ୍ଧ ଦିବସ ସାମାଜିକ କର୍ମୀ ବାଇଧର ମହାପାତ୍ରଙ୍କ ନେତୃତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ପ୍ରଦାନ କରାଯିବା ପରେ ଯାଜପୁରର ଭଗବାନ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ନୀରବ ପ୍ରାର୍ଥନା କରାଯିବା ସହ ଛୋଟ ପିଲା, ଅସହାୟ ବୃଦ୍ଧା, ବୃଦ୍ଧ ଓ ଗରିବ ବ୍ୟକ୍ତିଙ୍କୁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହାପରେ ବାରୁଣୀ ପଡ଼ିଆଠାରେ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବାଇଧର ମହାପାତ୍ର, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ପିସିସି କର୍ମକର୍ତ୍ତା ସନ୍ତୋଷ ନନ୍ଦ, ଆଇନଜୀବୀ ରାଜୀବ କୁମାର ମହାପାତ୍ର, ରମେଶ ବେହେରା, ବିଜୟ ମହାପାତ୍ର, ପ୍ରତିମା କର, ଭାସ୍କର ମହାନ୍ତି, ଗଦାଧର ଦାସ, ବିଷ୍ଣୁ ରାଉତ, ବଳଭଦ୍ର ଦାସ, ନୀଳକଣ୍ଠ ମିଶ୍ର, ରବି ଦାସ, ନାରାୟଣ ସାମନ୍ତ, ଶ୍ରୀକାନ୍ତ ଦଳେଇ, ସୁରେନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରସାଦ ସେବନ କାର୍ଯ୍ୟକ୍ରମ ଆଜକୁ ୩୪ ବର୍ଷ ହେବ ବାଇଧର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଆସୁଛି।

# ଶେଷ ପର୍ଯ୍ୟାୟରେ କାଳୀପୂଜା ପ୍ରସ୍ତୁତି



ନିର୍ମାଣାଧୀନ ମା'କାଳୀଙ୍କ ପ୍ରତିମୂର୍ତ୍ତି ।

ଯାଜପୁରରୋଡ,୧।୧୧(ନି.ପ୍ର.)

କାଳୀପୂଜା ଯାଜପୁରରୋଡ ସହରରେ ମୁଖ୍ୟ । ଏହି ପୂଜାକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ପ୍ରତିଯୋଗିତାମୂଳକ ମୂର୍ତ୍ତି ଗଠନ, ବିଦ୍ୟୁତ୍ ଆଲୋକମାଳା, ତୋରଣ ଓ ଗେଟ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ନେଇ ପୂଜା କମିଟିଗୁଡିକ ଗୁରୁତ୍ୱ ଦେଉଛନ୍ତି । ବସଷ୍ଟାଣ୍ଡ କାଳୀପୂଜା କମିଟି ଅତି ପୁରାତନ ହୋଇଥିବାରୁ ମା'ଙ୍କ ମୁକୁଟ ଓ ଅଳଙ୍କାର ରୁପାରେ ତିଆରି ହୋଇଥାଏ । ସେହିପରି ଚୋରଦା କାଳୀପୂଜା କମିଟି ପକ୍ଷରୁ ଚୋରଦା ଛକଠାରେ ମେଢକୁ ଆକର୍ଷଣ କରିବା ସହ ରଙ୍ଗବେରଙ୍ଗ ଆଲୋକମାଳା ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଉଛି । ଷ୍ଟିଲସିଟି ନଟପଡା ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ମୂର୍ତ୍ତି ଗଠନ ଉପରେ ଗୁରୁତ୍ୱ ଦିଆଯାଉଛି । ରେଳବାଇ ପୂଜା କମିଟି ପକ୍ଷରୁ ମୂର୍ତ୍ତି ଗଠନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ବେଳେ ଝାଟିଆ ସାହି, ଆର୍ଯ୍ୟନ କ୍ଲବ୍, ନହକା ଛକ ଓ ଧବଳଗିରି ପୂଜା କମିଟି ପକ୍ଷରୁ ମେଢ ସାଜସଜ୍ଜା, ବାରୁଆଳି, ଆଲୋକସଜ୍ଜା ଉପରେ ଗୁରୁତ୍ୱ ଦିଆଯାଉଛି । ପୂଜା ୭ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ମେଳଣ ଉତ୍ସବ ପର୍ଯ୍ୟନ୍ତ ଚାଲିବ ଓ ବିଭିନ୍ନ ପୂଜା ମଣ୍ଡପ ନିକଟରେ ମିନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେବ।

# ଦୀପାବଳି ସଚେତନତା ବୈଠକ

ଯାଜପୁରରୋଡ,୧।୧୧(ନି.ପ୍ର.)

ଦୀପାବଳି ଉପଲକ୍ଷେ ପରିବେଶ ସଚେତନତା ନାଗରିକ ମଞ୍ଚ ବରଗଛ ପକ୍ଷରୁ କାବ୍ୟନଗର, ପଦଚମପୁରସ୍ଥିତ କାର୍ଯ୍ୟାଳୟଠାରେ ଗୁରୁବାର ଦୀପାବଳି ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି କାର୍ତ୍ତିକ ସାହୁ ସଭାପତିତ୍ୱ କରିଥିଲେ। ଦୀପାବଳିରେ ବାଣ ଫୁଟାଇବେ ନାହିଁ ବୋଲି ବୈଠକରେ ଉପସ୍ଥିତ ସଦସ୍ୟ ଶପଥ କରିଥିଲେ। ଉପସଭାପତି ଅଜୟ ପଣ୍ଡା ଯୋଗଦେଇ କେବଳ ଦୀପ ଜାଳିବା ପାଇଁ ଅନୁରୋଧ କରିଥିଲେ। ସମ୍ପାଦକ ରାଜୀବ ରାଉତ ଏବଂ ଉପସଭାନେତ୍ରୀ ସରୋଜିନୀ ବେଉରା ଯୋଗଦେଇ ପ୍ରଚାରପତ୍ର ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବାକୁ କହିଥିଲେ। ବାଣ ପାଇଁ ଖର୍ଚ୍ଚ ହେଉଥିବା ଟଙ୍କାରେ ଗଛ ଲଗାଇବାକୁ ଶିବାନନ୍ଦ ବୋଷ ଲୋକଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନାୟକ ରାୟ, ବିଜୟ ବାରିକ, ଭାଗ୍ୟଶ୍ରୀ ସାହୁ, ବିଜୟ ସାହୁ, ଅଶୋକ ଖିଲାର, ଦିଲୀପ ବାରିକ, ମନୋରଞ୍ଜନ ଜେନା, ପ୍ରତିଭା ପାତ୍ର ପ୍ରମୁଖ ଯୋଗଦେଇ ନିଜର ମତ ଦେଇଥିଲେ। ପ୍ରସନ୍ନ ବାରିକ ଧନ୍ୟବାଦ ଦେଇଥିଲେ।

### ମୋବାଇଲ ଦୋକାନ ଉଦ୍‌ଘାଟିତ

ବିରଜାକ୍ଷେତ୍ର,୩୦।୧୦(ଡି.ଏନ୍.ଏ.)

ଯାଜପୁର ଥାନା ଅନ୍ତର୍ଗତ ବଳିଘାଇଠାରେ ମଙ୍ଗଳବାର ଶ୍ରୀନିବାସ ରାଉତରାୟଙ୍କ ଏକ ମୋବାଇଲ ଦୋକାନ ଉଦ୍‌ଘାଟିତ ହୋଇଯାଇଛି । ଏହି ଦୋକାନରେ ବିଭିନ୍ନ କମ୍ପାନୀର ମୋବାଇଲ ସହ ମୋବାଇଲ ରିପେୟାରିଂ ଓ ମୋବାଇଲ ସରଞ୍ଜାମ ଉପଲବ୍ଧ । ଏହା ଆଖପାଖ ଅଞ୍ଚଳର ଅନେକ ଲୋକଙ୍କୁ ସେବା ଯୋଗାଇ ଦେବ ବୋଲି ଦୋକାନ ମାଲିକ କହିଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଯାଜପୁରରୋଡ,୧।୧୧(ନି.ପ୍ର.)

ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ବ୍ୟାସନଗର ପୌର ପରିଷଦ ଅଞ୍ଚଳର ଜଣେ ବୃଦ୍ଧାଙ୍କର ଗୁରୁବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ବଇନ ରଣାଙ୍କ ସ୍ତ୍ରୀ ବେଲ (୬୬)। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ବେଲ ପୋଖରୀରେ ଭାସୁଥିବାର ଦେଖିବାକୁ ପାଇଥିଲେ । ପୂର୍ବତନ ପୌର ପରିଷଦ ଅଧକ୍ଷା ବନ୍ଦିତା ପରିଡାଙ୍କ ଉଦ୍ୟମରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନନ୍ଦିରାମ ହିନ୍ଦୀ ସ୍କୁଲ ପୁନଃନିର୍ମାଣ ଦାବି
# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କଲା ବ୍ୟାସନଗର ନାଗରିକ କମିଟି



ହିନ୍ଦୀ ସ୍କୁଲ ନିର୍ମାଣ ପାଇଁ ଆଲୋଚନା ବୈଠକ ।

ଯାଜପୁରରୋଡ,୧।୧୧(ନି.ପ୍ର.)

ନନ୍ଦିରାମ ହିନ୍ଦୀ ସ୍କୁଲ ନିର୍ମାଣକୁ ନେଇ ବ୍ୟାସନଗର ନାଗରିକ କମିଟି ସଭାପତି ହେମନ୍ତ କୁମାର ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ରାଉତଙ୍କ ନେତୃତ୍ୱରେ ନାଗରିକ କମିଟିର ଏକ ପ୍ରତିନିଧି ଦଳ ଗୁରୁବାର ଅପରାହ୍ନରେ ପୌର ପରିଷଦ ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନାଙ୍କୁ ଭେଟି ଆଲୋଚନା କରିଛନ୍ତି । ପରିତ୍ୟକ୍ତ ଅବସ୍ଥାରେ ପଡିଥିବାରୁ ସେଠାରେ ଉକ୍ତ ସ୍କୁଲକୁ ବନ୍ଦ କରିଦିଆଯାଇଛି । ଏହି ସ୍କୁଲ ୧୦ନଂ. ୱାର୍ଡର ଭୋଟର କେନ୍ଦ୍ର ହୋଇଥିବାରୁ ପୁନଃନିର୍ମାଣ ପାଇଁ ଜିଲା ପ୍ରଶାସନ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛି । ବିଦ୍ୟାଳୟ ଗୃହ ସମ୍ପ୍ରସାରଣ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅଧିକାରୀ ଜେନା ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବା ପାଇଁ କହିବାରୁ ନାଗରିକ କମିଟି ଖୁବ୍‌ଶୀଘ୍ର ଜିଲାପାଳଙ୍କୁ ଭେଟି ସ୍କୁଲ ଗୃହ ନିର୍ମାଣ, ସମ୍ପ୍ରସାରଣ ଓ ସ୍କୁଲ ଖୋଲିବା ବିଷୟରେ ଆଲୋଚନା କରିବେ ବୋଲି କହିଛନ୍ତି। ହୃଷୀକେଶ ସାହୁ, ଚନ୍ଦ୍ରମଣି ପାତ୍ର, ଶିବ ମଟାଣିଆ, ଆଇନଜୀବୀ ନାରାୟଣ ପ୍ରସାଦ ପତି, ସୁଧାଂଶୁ ଶେଖର ଦାସ, ଅଲେଖ ଚନ୍ଦ୍ର ମଲ୍ଲିକ, ସଦାଶିବ ଦାସ, ହରିହର ନାଏକ, ଦାମୋଦର ପଣ୍ଡା, ଯୁଗଳ କିଶୋର ନାୟକ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

# ମୌଳିକ ସୁବିଧା ଦାବିରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଧାରଣା

ବିରଜାକ୍ଷେତ୍ର,୧।୧୧(ଡି.ଏନ୍.ଏ)



ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଧାରଣାରେ ବସିଛନ୍ତି ।

ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ମୌଳିକ ସୁବିଧା ମିଳୁ ନାହିଁ ବୋଲି ଅଭିଯୋଗ କରିଛନ୍ତି ରାଜସ୍ୱ କ୍ଷେତ୍ର ଅଧିକାରୀମାନେ। ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହ ଶାରିରୀକ ଓ ମାନସିକ ଯନ୍ତ୍ରଣା ପାଉଥିବାରୁ ସେମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଦାବିରେ ଯାଜପୁର ଜିଲା ରାଜସ୍ୱକ୍ଷେତ୍ର ଅଧିକାରୀମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଯାଜପୁର ଜିଲାରେ ୮୦ଟି ରାଜସ୍ୱ ସର୍କଲ ଅଛି। ଏହି ରାଜସ୍ୱ ସର୍କଲରେ ବିଦ୍ୟୁତ୍, ପାନୀୟଜଳ, ଶୌଚାଳୟ ନ ଥିବାରୁ ରାଜସ୍ୱକ୍ଷେତ୍ର ଅଧିକାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସମସ୍ତ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ହେଉଛି। ଅନ୍‌ଲାଇନ ପାଇଁ କମ୍ପ୍ୟୁଟରର ଆବଶ୍ୟକତା ରହିଛି। ମାତ୍ର ରାଜସ୍ୱ କାର୍ଯ୍ୟାଳୟରେ କମ୍ପ୍ୟୁଟର ନାହିଁ ଓ କମ୍ପ୍ୟୁଟର ପାଇଁ ଆବଶ୍ୟକ ଉପକରଣ ମଧ୍ୟ ନାହିଁ। ଇଣ୍ଟରନେଟ୍ କଥା ପଚାରେ କିଏ ? ରାଜସ୍ୱକ୍ଷେତ୍ର ଅଧିକାରୀମାନେ ବାହାରେ କମ୍ପ୍ୟୁଟର ଦୋକାନରେ ଅନ୍‌ଲାଇନ ମାଧ୍ୟମରେ କାର୍ଯ୍ୟ କରି ଜନତାଙ୍କୁ ସେବା ଯୋଗାଇ ଦେଉଛନ୍ତି। ରାଜସ୍ୱ ସର୍କଲରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରାଯାଉ ନାହିଁ। ପୂର୍ବରୁ ୮୧ ପ୍ରକାର କାର୍ଯ୍ୟାବଳୀରେ ରାଜସ୍ୱକ୍ଷେତ୍ର ଅଧିକାରୀମାନେ କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନ ଅନ୍‌ଲାଇନ କାର୍ଯ୍ୟ ବୃଦ୍ଧି ପାଇଛି। ଏତଦ୍ ବ୍ୟତୀତ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସରକାରଙ୍କ ନିୟମ ଅନୁଯାୟୀ ୮ଘଣ୍ଟା ପରିଶ୍ରମ କରିବା ପରେ ବି ସେମାନଙ୍କୁ ଅଧିକା ୬ଘଣ୍ଟା କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦ୍ୱାରା ରାଜସ୍ୱକ୍ଷେତ୍ର ଅଧିକାରୀମାନେ ମାନସିକ ଚାପରେ ରହୁଛନ୍ତି। ସ୍ୱଚ୍ଛ ଭାରତ ମିଶନ ଅନୁଯାୟୀ ସମସ୍ତ ଘରକୁ ଶୌଚାଳୟ ବ୍ୟବସ୍ଥା କରାଯାଇଥିବା ବେଳେ ରାଜସ୍ୱ ସର୍କଲରେ ପାଣି ଓ ଶୌଚାଳୟ ନ ଥିବାରୁ ପୁରୁଷ କର୍ମଚାରୀଙ୍କ ସହ ମହିଳା କର୍ମଚାରୀମାନେ ଲଜ୍ଜିତ ଓ ଅପମାନିତ ହେଉଛନ୍ତି। ସରକାରୀ ଛୁଟିଦିନରେ ରାଜସ୍ୱକ୍ଷେତ୍ର ଅଧିକାରୀଙ୍କୁ କାର୍ଯ୍ୟ କରିବାକୁ ଦିଆଯାଉଥିବାରୁ ପରିବାରର ସମସ୍ୟା ଓ ରୋଗଗ୍ରସ୍ତ ବୃଦ୍ଧ ପିତାମାତାଙ୍କର କଥା ବୁଝିପାରୁ ନାହାନ୍ତି । ଯଦ୍ୱାରା ପରିବାର ଭିତରେ ଅଶାନ୍ତି ଲାଗିରହୁଛି । ରାଜସ୍ୱ କାର୍ଯ୍ୟାଳୟରେ ବହୁ କୋଠା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏପରିକି ବହୁ ରାଜସ୍ୱ କାର୍ଯ୍ୟାଳୟର ନୂତନ କାର୍ଯ୍ୟାଳୟ ଗୃହ ନାହିଁ। ଅଧିକାଂଶ ରାଜସ୍ୱ ସର୍କଲର ଘରଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରାଜସ୍ୱ ସର୍କଲର କାର୍ଯ୍ୟାଳୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିବା ଓ କାର୍ଯ୍ୟାଳୟ ପରିସର ଘଞ୍ଚ ବୁଦାରେ ପରିଣତ ହେଉଥିବାରୁ ସରୀସୃପ କାର୍ଯ୍ୟାଳୟ ଭିତରେ ପ୍ରବେଶ କରୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଏତାଦୃଶ ମନୋଭାବ ରାଜସ୍ୱକ୍ଷେତ୍ର ଅଧିକାରୀଙ୍କୁ ମାନସିକ ଆଘାତ ଦେଉଛି । ଏ ସମସ୍ତ ସମସ୍ୟାକୁ ନେଇ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ, ଶାସନ ସଚିବ, ରାଜସ୍ୱ ସଚିବଙ୍କ ସହ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ସମସ୍ୟାର ସମାଧାନ କରିବା ଓ ମୌଳିକ ସୁବିଧା ଦାବି ନେଇ ଯାଜପୁର ଜିଲା ରାଜସ୍ୱକ୍ଷେତ୍ର ଅଧିକାରୀ ସଂଘ ସଭାପତି ଗୌରାଙ୍ଗ ଚରଣ ଶତପଥି ଓ ସମ୍ପାଦକ ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ଜିଲାର ସମସ୍ତ କ୍ଷେତ୍ର ଅଧିକାରୀମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାପରେ ରାଜସ୍ୱକ୍ଷେତ୍ର ଅଧିକାରୀ ସଂଘର କର୍ମକର୍ତ୍ତାଙ୍କୁ ଜିଲା ପ୍ରଶାସନ ଡକାଇ ଏକମାସ ଭିତରେ ରାଜସ୍ୱ ସର୍କଲମାନଙ୍କରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନା ବେଳେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ନଭେମ୍ବର, ୨୦୧୮



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ନାଟମଣ୍ଡପରେ ଲାଗିବ କ୍ରାକ୍ ମିଟର
### ମାଡ୍ରାସ ଆଇଆଇଟିରେ ପ୍ରଶିକ୍ଷଣ ଆରମ୍ଭ

**ପୁରୀ ଅଫିସ, ୧।୧୧:** ଶ୍ରୀମନ୍ଦିରର ଜଗମୋହନ, ନାଟମଣ୍ଡପ, ଭୋଗମଣ୍ଡପ ଆଦି ପ୍ରମୁଖ ସ୍ଥାନରେ ପୂର୍ବରୁ ଫାଟ ସୃଷ୍ଟି ହୋଇଥିବା ନଜରକୁ ଆସିଛି। ଯାଞ୍ଚ ପରେ କିଛି ସ୍ଥାନରେ ଫାଟର ମରାମତି ହୋଇଛି। ପୁଣି ବିଭିନ୍ନ ସ୍ଥାନରେ ନୂଆ ଫାଟ ମଧ ପଦାକୁ ଆସୁଛି। ଏହି ଫାଟ ଶ୍ରୀମନ୍ଦିର ପାଇଁ ବିପଦ ସାଜିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହାସହିତ ଶ୍ରୀମନ୍ଦିର ପ୍ରତି ଭୂକମ୍ପ ଭୟ ମଧ ରହିଛି। ତେଣୁ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରୟୋଗ କରାଯିବ ଢାଞ୍ଚାଗତ ସ୍ୱାସ୍ଥ୍ୟ ଅନୁଧାନ ବ୍ୟବସ୍ଥା (ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମ)। ଏଥିପାଇଁ ଗୁରୁବାରଠାରୁ ମାଡ୍ରାସ ଆଇଆଇଟିରେ ଏହା ଉପରେ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏଏସ୍‌ଆଇର ବରିଷ୍ଠ ସଂରକ୍ଷଣ ସହାୟକ ଚିତ୍ତରଞ୍ଜନ ଦାଶଙ୍କ ନେତୃତ୍ୱରେ ଅନ୍ୟ ୫ ଜଣ କର୍ମଚାରୀ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରଶିକ୍ଷଣ ଏଏସ୍‌ଆଇ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତରେ ଏହା ଏଏସ୍‌ଆଇକୁ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ସହାୟକ ହେବ। ପ୍ରଶିକ୍ଷଣ ପରେ ପ୍ରଥମ ପର୍ଯ୍ୟାୟରେ ନାଟମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ବିମ୍‌ରେ କ୍ରାକ୍ ମିଟର ଲଗାଯିବ। ଏହି ଟିମ୍ ଟ୍ରେନିଂ ବେଳେ କ୍ରାକ୍ ମିଟର, ଡିଜିଟାଲ ସେନ୍‌ସର, ପ୍ରେସର ମିଟର, ଲୋଡ୍‌ସେଲ, ଟିଲ୍ଟ ମିଟର ପରିଚାଳନା ଆଦି ସମ୍ପର୍କରେ ତାଲିମ ନେଉଛନ୍ତି। ଏହି ତାଲିମ ପ୍ରାୟ ଏକ ସପ୍ତାହ ଧରି ଚାଲିବ। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପର ବିଭିନ୍ନ ସ୍ଥାନ ଦୁର୍ବଳ ରହିଥିବା ବେଳେ ମୁଖ୍ୟ ବିମ୍‌ରେ ଫାଟ ସୃଷ୍ଟି ହୋଇଛି। ନାଟମଣ୍ଡପରେ କ୍ରାକ୍ ମିଟର ଲଗାଇ ସ୍ଥିତି ଅନୁଧାନ କରିବାକୁ ମାଡ୍ରାସ ଆଇଆଇଟି ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ପୂର୍ବରୁ ଜଗମୋହନରେ ପୋର୍ଟାଲ ଫ୍ରେମ୍ କେତେ ଭାର ନେଉଛି ଜାଣିବା ପାଇଁ ସିବିଆର୍‌ଆଇ ଜରିଆରେ ଲୋଡ୍ ସେଲ ଲଗାଯାଇଛି।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



**ଖଣ୍ଡପଡା, ୧।୧୧ (ସ୍ୱ.ପ୍ର.):** ଶିଶୁ ହେଉଛନ୍ତି ଏ ଦେଶର ସମ୍ପତ୍ତି ଓ ଜାତିର ସ୍ଥପତି। ସେଇମାନଙ୍କ ହାତରେ ଗଢାହେବ ଆଗାମୀ ଭାରତର ଇମାରତ୍। ଏଣୁ ସେମାନଙ୍କୁ ଆଦୌ ଅଣଦେଖା କରାଯିବା ଉଚିତ ନୁହେଁ। ସାମ୍ପ୍ରତିକ ସମୟରେ ଟିଭି, ଭିଡିଓ ଓ ମୋବାଇଲର କୁପ୍ରଭାବରୁ ଶିଶୁମାନଙ୍କୁ ମୁକ୍ତ କରାଯିବା ଉଚିତ। ନଚେତ ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଗୁରୁବାର କଣ୍ଟିଲୋ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତ ଦେଇଛନ୍ତି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ଉଦ୍‌ବୋଧନ ଦେଇ ଶିଶୁମାନଙ୍କ ଭବିଷ୍ୟତକୁ ସତ୍‌ମାର୍ଗରେ ପରିଚାଳିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ନୀଳମାଧବ ଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରୁ ଏକ ମଶାଲ ଶୋଭାଯାତ୍ରାରେ ଖେଳ ପଡିଆକୁ ଆସିଥିଲେ। ସଭାପତି କର ପତାକା ଉତ୍ତୋଳନ କରିବା ପରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ବିଜୁ ଯୁବବାହିନୀର ମୁଁ ହିରୋ କାର୍ଯ୍ୟକ୍ରମ



**ବୋଲଗଡ଼, ୧।୧୧ (ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ବାଙ୍କୋଇଦେଶ ପଞ୍ଚାୟତ ଠାରେ ଗୁରୁବାର ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ସାମାଜିକ କର୍ମୀ ବିରଞ୍ଚି ପାଇକରାୟ ସଭାପତିତ୍ୱ କରିଥିଲେ। ପଞ୍ଚାୟତର ବିଜୁ ଯୁବବାହିନୀର ସଦସ୍ୟା/ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ କାଳୀଚରଣ ଜୟସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ସରପଞ୍ଚ ଜ୍ୟୋସ୍ନାମୟୀ ଫତେସିଂହ, ସମିତି ସଭ୍ୟା ପ୍ରଭାତୀ ରାଉତରାୟ, ବିଜୁ ଯୁବବାହିନୀର ସଂଯୋଜକ ଦିଲୀପ ପାଇକରାୟ ଓ ପଞ୍ଚାୟତ ସଭାପତି ସୁରେଖା ଛୋଟରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

## ରଣପୁର ବ୍ଲକରେ ରାଶନକାର୍ଡ ବଣ୍ଟନ କାର୍ଯ୍ୟକ୍ରମ
# ଲୋକପ୍ରତିନିଧିଙ୍କୁ ନ ଜଣାଇବାରୁ ଉତ୍ତେଜନା

**ରଣପୁର, ୧।୧୧ (ସ୍ୱ.ପ୍ର.)**

### ୨ୟ ପର୍ଯ୍ୟାୟରେ ୨୭୭ ଜଣଙ୍କୁ ରାଶନ କାର୍ଡ ବଣ୍ଟନ



ବିଡିଓଙ୍କୁ ଅଭିଯୋଗ କରୁଛନ୍ତି ଲୋକପ୍ରତିନିଧିମାନେ।

ବ୍ଲକ ଓ ଜିଲା ସ୍ତରରେ ସରକାରଙ୍କ କୌଣସି ଜନହିତକର କାର୍ଯ୍ୟକ୍ରମ କରାଗଲେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅବଗତ କରାଇବା ପାଇଁ ନିୟମ ରହିଛି। ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୁରୁବାର ଏଠାରେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଥିଲେ ମଧ ଲୋକପ୍ରତିନିଧିଙ୍କୁ ଏ ବିଷୟରେ ଜଣାଯାଇ ନ ଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସେମାନେ ଏକଜୁଟ ହୋଇ ରଣପୁର ବିଡିଓଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରିବା ସମୟରେ ଏକପ୍ରକାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିଥିଲେ। ରଣପୁର ବ୍ଲକ ଓ ଏନ୍‌ଏସିରେ ବାଦ୍ ପଡିଥିବା ହିତାଧିକାରୀଙ୍କ ମଧ୍ୟରୁ ୮ହଜାର ୭୩୫ଜଣ ରାଶନ କାର୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨ୟ ପର୍ଯ୍ୟାୟ ରାଶନ କାର୍ଡ ବଣ୍ଟନ ପାଇଁ ଗୁରୁବାର ରଣପୁର ବ୍ଲକ ତରଫରୁ ଦିନ ଧାର୍ଯ୍ୟ ହୋଇଥିଲା। ବ୍ଲକ ସଭାଗୃହରେ ଏ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ହେଲେ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ କେତେକ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଏ ବିଷୟରେ ଅବଗତ କରାଯାଇ ନ ଥିଲା। ଏହାକୁ ନେଇ ଲୋକପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ବିଷୟରେ କାହିଁକି ସୂଚନା ଦିଆଯାଇ ନ ଥିଲା ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବ୍ଲକ ପରିସରରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ଖବର ପାଇ ବ୍ଲକ ଯୋଗାଣ ଅଧିକାରୀ ଦାସରଥି ସାହୁ ପହଞ୍ଚି ଭୁଲ୍ ମାଗିବା ପରେ ଅତିଥିମାନେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ମାନସ ରଞ୍ଜନ ସାମଲ ସଭାପତିତ୍ୱ କରିଥିଲା ବେଳେ ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟ ଅତିଥି ଓ ରଣପୁର ଥାନା ଅଧିକାରୀ ଚକ୍ରପତି କଅଁର, ଜିଲା ପରିଷଦ ସଭ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ଚାନ୍ଦପୁର ଓ ଗୋପାଳପୁର ଜୋନର ୧୫ ପଞ୍ଚାୟତରୁ ୨୭୭ ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ଏ ସମ୍ପର୍କରେ ଲୋଧାଚୂଆ ପଞ୍ଚାୟତ ସରପଞ୍ଚ ଜୟନ୍ତ କୁମାର ନାୟକ କହନ୍ତି, ଶାସକ ଦଳ ନିର୍ଦ୍ଦେଶରେ ବ୍ଲକର କେତେଜଣ ସରପଞ୍ଚ, ସମିତିସଭ୍ୟଙ୍କୁ ଅଣଦେଖା କରାଯାଉଛି। ଏହାକୁ ବିରୋଧ କରି ଆମେ ବିଡିଓଙ୍କୁ ଅଭିଯୋଗ କରିଥିଲୁ। ପୁନର୍ବାର ଏପରି କରାଗଲେ ଆମେ ବ୍ଲକ ଅଫିସ ଆଗରେ ଧାରଣା ଦେବୁ। ରଣପୁର ବିଡିଓ ସାମଲ କହନ୍ତି, ବ୍ଲକ ପକ୍ଷରୁ ଉପାଧ୍ୟକ୍ଷ ଓ କିଛି ସରପଞ୍ଚ, ସମିତିସଭ୍ୟଙ୍କୁ ଭୁଲବଶତଃ କାର୍ଯ୍ୟକ୍ରମ ବିଷୟରେ ଜଣାଯାଇ ନ ଥିଲା। ଏ ନେଇ ସେମାନେ ମୋଠାରେ ଅଭିଯୋଗ କରିଥିଲେ। ଯୋଗାଣ ଅଧିକାରୀ ସାହୁ କହିଥିଲେ, ମୋ ଭୁଲ ଯୋଗୁ ବ୍ଲକର କିଛି ଲୋକପ୍ରତିନିଧିଙ୍କୁ ଜଣାଯାଇପାରି ନ ଥିଲା। ପୁନର୍ବାର ଏଭଳି ତ୍ରୁଟି ହେବନାହିଁ।

# ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ବାଲୁଖଣ୍ଡ ଅଭୟାରଣ୍ୟ

**ପୁରୀ ଅଫିସ, ୧।୧୧**



ବାଲୁଖଣ୍ଡ ଅଭୟାରଣ୍ୟରେ ପର୍ଯ୍ୟଟକ।

ପୁରୀ-କୋଣାର୍କ ମେରାଇନ ରୋଡ କଡ଼ରେ ରହିଛି ବାଲୁଖଣ୍ଡ ଅଭୟାରଣ୍ୟ। ଫୁଲପାଟଣା ଚେକ୍ ଗେଟ୍‌ରେ ଟିକେଟ୍ କାଟି ପର୍ଯ୍ୟଟକମାନେ ବାଲୁଖଣ୍ଡ ଅଭୟାରଣ୍ୟ ଭିତରକୁ ଯାଇଥାନ୍ତି। ଅଭୟାରଣ୍ୟ ସଂଲଗ୍ନ ବେଳାଭୂମି ଓ ଅନ୍ୟାନ୍ୟ ସ୍ଥାନ ବୁଲିଥାନ୍ତି। ଗତ ଲଗାଣ ବର୍ଷାରେ ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କ ପାଇଁ ଯିବାକୁ ଥିବା ରାସ୍ତା ଧୋଇ ହୋଇ ନଷ୍ଟ ହୋଇଯାଇଥିଲା। ତେଣୁ ଗତ ୨ ମାସ ହେଲା ଅଭୟାରଣ୍ୟ ଭିତରକୁ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଗୁରୁବାର ଫୁଲପାଟଣା ଚେକ୍ ଗେଟ୍ ଦେଇ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ଭିତରକୁ ଛଡାଯାଇଛି। ପର୍ଯ୍ୟଟକମାନେ ଏଠାରେ ହରିଣ ଦେଖିବା ସହ ସମୁଦ୍ର ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିଛନ୍ତି। ପ୍ରତି ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ଶୁଳ୍କ ୪୦ ଟଙ୍କା ରହିଥିବା ବେଳେ ୧୦ଜଣିଆ ଦଳରେ ଆସିଲେ ଜଣ ପିଛା ୨୫ ଟଙ୍କା ଦେବାକୁ ପଡୁଛି। ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ୨୦ ଟଙ୍କା ଏବଂ ୧୦ ଜଣିଆରୁ ଊର୍ଦ୍ଧ୍ୱ ଗ୍ରୁପ୍ ହୋଇ ଆସିଲେ ଜଣପିଛା ୧୦ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଛି। ସେହିପରି ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ୪୦ ଟଙ୍କା ଧାର୍ଯ୍ୟ କରାଯାଇଛି।

**ପର୍ଯ୍ୟଟକଙ୍କୁ ଟାଣୁଛି ପ୍ରକୃତି ନିବାସ**

ପର୍ଯ୍ୟଟନ ସହର ପୁରୀ। ଏଠାକୁ ଆସୁଥିବା ପର୍ଯ୍ୟଟକ ଶ୍ରୀମନ୍ଦିର, ବେଳାଭୂମି ଦେଖିବା ସହ ସହରର ବିଭିନ୍ନ ହୋଟେଲରେ ରହିଥାନ୍ତି। ହେଲେ ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶ ଭିତରେ ରଖାଇ ଏକ ନିଆରା ଅନୁଭୂତି ଦେବା ଲାଗି ପ୍ରୟାସ କରିଛି ଜଙ୍ଗଲ ବିଭାଗ। ଗତ ୧ ବର୍ଷ ହେଲା ବାଲୁଖଣ୍ଡ ଅଭୟାରଣ୍ୟରେ ଆରମ୍ଭ ହୋଇଛି ପ୍ରକୃତି ନିବାସ। ପ୍ରାଥମିକ ପର୍ଯ୍ୟାୟରେ ୬ଟି ଶୀତତାପ ନିୟନ୍ତ୍ରିତ ତମ୍ବୁରେ ପର୍ଯ୍ୟଟକ ଜଙ୍ଗଲରେ ରାତି ବିତାଇ ହରିଣ ଦେଖିବା ସହ ଟ୍ରାକିଂ ସୁବିଧା ପାଉଥିଲେ। ଏହାସହିତ ସମୁଦ୍ର ସ୍ନାନର ମଜା ଉଠାଉଥିଲେ। ଏଥିପ୍ରତି ପର୍ଯ୍ୟଟକ ଆକୃଷ୍ଟ ହେବା ପରେ ଜଙ୍ଗଲ ବିଭାଗ ଏ ଦିଗରେ ଆଉ ପାଦେ ଆଗକୁ ବଢିଛି। ତମ୍ବୁ ସଂଖ୍ୟା ବୃଦ୍ଧି କରି ୧୦ରେ ପହଞ୍ଚାଇଛି। ଏହାସହିତ ନୂଆନଈରେ ବୋଟିଂ କରିବାର ସୁବିଧା ମଧ ଉପଲବ୍ଧ ହେଉଛି। ବର୍ତ୍ତମାନ ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶର ମଜା ଉଠାଉଛନ୍ତି।

## ସିପିଏମ୍‌ର ଜିଲା କାର୍ଯ୍ୟକାରିଣୀ ବୈଠକ
### ୯ରୁ ପ୍ରତି ଜିଲାରେ ହେବ ପ୍ରତିବାଦ ସଭା

**ପୁରୀ ଅଫିସ, ୧।୧୧**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ପୁରୀ ଜିଲା କାର୍ଯ୍ୟକାରିଣୀ ବୈଠକ ଜିଲା କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିପିଏମ୍ ନେତା ତଥା ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ପୂର୍ବତନ ସମ୍ପାଦକ ଜନାର୍ଦ୍ଦନ ପତି, ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ରାଫାଲ, ସିବିଆଇ ଦୁର୍ନୀତି ଏବଂ ରାଜ୍ୟର ଜନବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ୩୦ ଜିଲାରେ ପ୍ରତିବାଦ ସଭା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ନଭେମ୍ବର ୯ରୁ ଏହି ଅଭିଯାନ ଆରମ୍ଭ ହେବ। ବୈଠକରେ ପୁରୀ ଜିଲା ସମ୍ପାଦକ ଭୀମସେନ ସ୍ୱାଇଁ, ଜଗନ୍ନାଥ ଦେଓ, ଭାଗୀରଥି ବେହେରା, ଉମାକାନ୍ତ ଜେନା, ଜଗବନ୍ଧୁ ସେନାପତି, ବନବାସିନୀ ମହାପାତ୍ର, ଷ୍ଟାଲିନ ପାଇକରାୟ, ବିଦ୍ୟାଧର ଦଳାଇ, ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମେଘନାଦ ପାଚେରି କଡ଼ରୁ ହଟୁନି ଜବରଦଖଲ

**ପୁରୀ ଅଫିସ, ୧।୧୧**



ମେଘନାଦ ପାଚେରି ନିକଟରେ ସାମଗ୍ରୀ ବିକ୍ରି ହେଉଛି।

ମେଘନାଦ ପାଚେରି। ଶ୍ରୀମନ୍ଦିର ଭଳି ଏକ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା କବଚ। ହେଲେ ଦିନକୁ ଦିନ ମେଘନାଦ ପାଚେରି କଡ଼ରେ ଜବରଦଖଲ ବଢି ଚାଲିଥିବାରୁ ଏହାର ସଂରକ୍ଷଣ କାମ ଠିକ୍ ଭାବେ ହୋଇପାରୁ ନାହିଁ। ସେହିଭଳି ଏହାର ଚତୁଃପାର୍ଶ୍ୱରେ ହେବାକୁ ଥିବା ସୌନ୍ଦର୍ଯ୍ୟକରଣ କାମ ମଧ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ ଅବରୋଧ ହଟୁ ନ ଥିବାରୁ ଶ୍ରୀମନ୍ଦିର ପ୍ରତି ବିପଦ ଘନେଇବାରେ ଲାଗିଛି। ଶ୍ରୀଜଗନ୍ନାଥ ମନ୍ଦିର ଚାରିଦିଗରେ ଚାରିଦ୍ୱାର (ସିଂହଦ୍ୱାର, ବ୍ୟାଘ୍ରଦ୍ୱାର, ହସ୍ତୀଦ୍ୱାର ଓ ଅଶ୍ୱଦ୍ୱାର) ଏବଂ ଏହାର ଚତୁଃପାର୍ଶ୍ୱରେ ବାହ୍ୟ ପ୍ରାଚୀର ସାଙ୍ଗକୁ ଭିତର ପ୍ରାଚୀର ରହିଛି। ଏହି ବାହାର ପ୍ରାଚୀର ହେଉଛି ମେଘନାଦ ପାଚେରି। ଏହି ପାଚେରିର ଦୈର୍ଘ୍ୟ ପୂର୍ବରୁ ପଶ୍ଚିମକୁ ୬୬୫ ଫୁଟ୍ ଏବଂ ଓସାର ଉତ୍ତରରୁ ଦକ୍ଷିଣକୁ ୬୪୦ ଫୁଟ୍। ଏହାର ଉଚ୍ଚତା ପ୍ରାୟ ୨୦ ଫୁଟ୍ ରହିଥିବା ବେଳେ ୬ ଫୁଟ୍ ମୋଟେଇ ବିଶିଷ୍ଟ। ଏହି ମେଘନାଦ ପାଚେରି ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ଖଣ୍ଡେଲାଇଟ୍ ପଥରରେ ନିର୍ମାଣ ହୋଇଥିବା କୁହାଯାଏ।

ଶହ ଶହ ବର୍ଷ ଧରି ଛିଡା ହୋଇଥିବା ଏହି ପାଚେରି ଲୁଣା ପବନ ମାଡ଼ରେ କ୍ରମଶଃ ଦୁର୍ବଳ ହୋଇପଡିଛି। ତେଣୁ ଏହାର ସଂରକ୍ଷଣ ଜରୁରୀ ହୋଇପଡିଥିବା ବେଳେ ମେଘନାଦ ପାଚେରିର ମହିମା ଅକ୍ଷୁଣ୍ଣ ରଖିବା ଲାଗି ହାଇକୋର୍ଟ ମଧ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହି ପାଚେରି ନିକଟରେ ଏହାଠାରୁ ଉଚ୍ଚ ଆଉ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ଆଦେଶ ଦେଇଥିଲେ। ମେଘନାଦ ପାଚେରି ଅନେକ ସ୍ଥାନରେ ଦୁର୍ବଳ ହୋଇପଡିବା ସହ ଏହାର ବ୍ୟାଟେଲମେଣ୍ଟ (ପାଚେରି ଉପରେ ଲାଗିଥିବା ପଥର) ମଧ କେତେକ ସ୍ଥାନରେ ଭାଙ୍ଗି ଗଳି ପଡିଥିଲା। ସେହିପରି ଚୂନ ପଲସ୍ତରା ମଧ ଅନେକ ଜାଗାରେ ଛାଡିଥିଲା। ଉତ୍ତର ପାର୍ଶ୍ୱ ପାଚେରି ଦେଇ ଆନନ୍ଦ ବଜାରରୁ ପାଣି ବାହାରକୁ ଆସୁଥିଲା। ଏପରି କି ଉତ୍ତରଦ୍ୱାର ନିକଟରେ ମେଘନାଦ ପାଚେରିରେ ଗଛ ଉଠିଥିଲା। ଏହାର ସଂରକ୍ଷଣ ଜରୁରୀ ହୋଇପଡିଥିବା ବେଳେ ଏଏସ୍‌ଆଇ ଏହାର କାମ ଆରମ୍ଭ କରିଛି। ଦକ୍ଷିଣ ଓ ପୂର୍ବ ପାର୍ଶ୍ୱ ପାଚେରି କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେତେକ ସ୍ଥାନରେ ଦୁର୍ବଳ ପଥର ପରିବର୍ତ୍ତନ କରାଯାଇ ନୂଆ ପଥର ଲଗାଯାଇଛି। ପୁଣି କେତେକ ଜାଗାରେ ଗ୍ରାଉଟିଂ, ସ୍କିନିଂ ସହ ରାସାୟନିକ ପ୍ରଲେପ ଦିଆଯାଇ ପଥର ଯୋଡେଇ ହୋଇଛି। ଆଗକୁ ଉତ୍ତର, ପଶ୍ଚିମ ପାର୍ଶ୍ୱ କାମ ଆରମ୍ଭ ହେବ। ହେଲେ ମେଘନାଦ ପାଚେରି ଚତୁଃପାର୍ଶ୍ୱ ଜବରଦଖଲ ଯୋଗୁ ଏହାର ସଂରକ୍ଷଣ କାମ ବାଧାପ୍ରାପ୍ତ ହେଉଛି ବୋଲି ଏଏସ୍‌ଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ତାଙ୍କ ସୂଚନା ମୁତାବକ, ଉତ୍ତର ପାର୍ଶ୍ୱରେ ପାଚେରିକୁ ଭାଙ୍ଗି ଆନନ୍ଦ ବଜାରରୁ ପରିବା ଚୋପା ଆଦି ଅଳିଆ ବାହାରକୁ ପକାଯାଉଛି। କିନ୍ତୁ ଅବରୋଧ ଯୋଗୁ କାମ କରିବାରେ ସମସ୍ୟା ହେଉଛି। ବିଶେଷକରି ଏଏସ୍‌ଆଇ ପକ୍ଷରୁ ସୌନ୍ଦର୍ଯ୍ୟକରଣ କାମ ବିଶେଷ ଭାବେ ବାଧାପ୍ରାପ୍ତ ହେଉଛି। ଭାରତର ଅନ୍ୟ କୀର୍ତ୍ତିରାଜି ଯେପରି କି ତାଜମହଲ, ଲାଲକିଲ୍ଲା, କୋଣାର୍କ ଆଦି ସ୍ଥାନରେ ଏଏସ୍‌ଆଇର ସୁନ୍ଦର ବଗିଚା ରହିଛି। ଏଠାରେ ମଧ ବଗିଚା କରିବାକୁ ଯୋଜନା ରହିଛି। ବିଶେଷକରି ପଶ୍ଚିମ ଏବଂ ଉତ୍ତର ପାର୍ଶ୍ୱରେ ଏହି ଯୋଜନା ରହିଥିଲେ ମଧ ଅବରୋଧ ଯୋଗୁ କିଛି କରିବା ସମ୍ଭବ ହେଉନାହିଁ। ଖୁବ୍‌ଶୀଘ୍ର ଏହି ଦୁଇପାର୍ଶ୍ୱ ପାଚେରି ମରାମତି କାମ ଆରମ୍ଭ କରାଯିବ। ମେଘନାଦ ପାଚେରିର ସୁରକ୍ଷା ପାଇଁ ଚତୁଃପାର୍ଶ୍ୱ ପ୍ରଥମେ ଅବରୋଧ ମୁକ୍ତ ହେବା ଦରକାର ବୋଲି ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ମେଘନାଦ ପାଚେରି ଚାରିପାଖରୁ ସମସ୍ତ ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ କରାଯିବା ଲାଗି ଏନ୍‌ଏସ୍‌ଜି ପରାମର୍ଶ ଦେଇଥିଲା। ଏହାପରେ ଗତବର୍ଷ ପୁରୀ ପୋଲିସ ୨୬ଟି ଦୋକାନକୁ ନୋଟିସ ଜାରି କରିଥିଲା। ଜଣେ ଦୋକାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ହାଇକୋର୍ଟଙ୍କ ସ୍ଥିତାବସ୍ଥା ରହିଥିବାରୁ ପୋଲିସ ଉଚ୍ଛେଦ କରିପାରୁନାହିଁ।

# ଫଟୋ ସାମ୍ବାଦିକଙ୍କ ହତ୍ୟାକୁ ନିନ୍ଦା

**ଟାଙ୍ଗୀ (ଖୋର୍ଦ୍ଧା), ୧।୧୧ (ଡି.ଏନ.ଏ.):** ଛତିଶଗଡ଼ର ଦାନ୍ତେୱାଡାରେ ମାଓବାଦୀମାନେ ଫଟୋ ସାମ୍ବାଦିକ ଅଚ୍ୟୁତାନନ୍ଦ ସାହୁଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଘଟଣାକୁ ଗଣମାଧ୍ୟମ ନିନ୍ଦା କରିଛି। ଉତ୍କଳ ସାମ୍ବାଦିକ ସଂଘର ଟାଙ୍ଗୀ ଶାଖା ତରଫରୁ ଉକ୍ତ ଘଟଣାକୁ ଗଭୀର ନିନ୍ଦା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛି। ଏହି ଅବସରରେ ଆୟୋଜିତ ସଭାରେ ସଭାପତି ନିରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ସାହୁ, ହରିହର ରଣା, ମାନସ ପଟ୍ଟନାୟକ, ହିମାଂଶୁ ଚମ୍ପତିରାୟ, ସନ୍ତୋଷ ଚୌଧୁରୀ, ମାନସ ବଳିୟାରସିଂହ ଓ ଯୋଗୀରାମ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ସଫାକଲେ ଛାତ୍ର

**ଖଣ୍ଡପଡା, ୧।୧୧ (ସ୍ୱ.ପ୍ର.)**

ନୟାଗଡ-ଖଣ୍ଡପଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଆଖପାଖ ଅଞ୍ଚଳରୁ ଦୈନିକ ଶହ ଶହ ସଂଖ୍ୟାରେ ଜନସାଧାରଣ ବୁଲିବାକୁ ଆସିଥାନ୍ତି। ସେମାନେ ସାଙ୍ଗରେ ଆଣିଥିବା ବିଭିନ୍ନ ବର୍ଜ୍ୟ ବସ୍ତୁକୁ ଏଣେତେଣେ ଫିଙ୍ଗା ଫୋପଡା କରିଥାନ୍ତି। ଫଳରେ ପର୍ଯ୍ୟଟନସ୍ଥଳୀ ପରିସରରେ କୁଢ କୁଢ ପ୍ଲାଷ୍ଟିକ୍ ବୋତଲ, ପାଣିପାଉଚ୍, କାଗଜ ପ୍ଲେଟ ଓ ଠୁଙ୍ଗା ପଡିରହି ପରିବେଶ ପ୍ରଦୂଷିତ କରିଥାଏ। ଏହାକୁ ସଫା କରିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଆସୁଥିଲା। ଗୁରୁବାର ଏ ଦିଗରେ ଅଣ୍ଟା ଭିଡିଥିଲା ଖଣ୍ଡପଡା ଶିଳ୍ପ ତାଲିମ ଅନୁଷ୍ଠାନ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ କୁମାର ବଳିଆରସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରମାନେ ପର୍ଯ୍ୟଟନସ୍ଥଳୀରୁ ଅଳିଆ, ଆବର୍ଜନା ସଫା କରିଥିଲେ। ଛାତ୍ରମାନଙ୍କ ସହ ପ୍ରଶିକ୍ଷକ ଚକ୍ରଧାରୀ ପାତ୍ର, କାଶୀନାଥ ପ୍ରଧାନ, ନିରଞ୍ଜନ ଦାସ ଓ କୃଷ୍ଣପ୍ରସାଦ ରାଉତ ପ୍ରମୁଖ ସଫେଇ ଅଭିଯାନରେ ସାମିଲ ହୋଇଥିଲେ।



ସଫେଇ ଅଭିଯାନରେ ଛାତ୍ରମାନେ।

# ଭାଜପା ପକ୍ଷରୁ ଶୋଭାଯାତ୍ରା, ବ୍ଲକ କାର୍ଯ୍ୟାଳୟ ଘେରାଉ

### ୫ ହଜାର ସମର୍ଥକଙ୍କ ସମାବେଶ

**ଓଡ଼ଗାଁ, ୧।୧୧ (ସ୍ୱ.ପ୍ର.)**

ଭାଜପା ତରଫରୁ ଗୁରୁବାର ନୟାଗଡ ଜିଲାର ଓଡ଼ଗାଁ ବ୍ଲକ ଘେରାଉ କରାଯାଇଥିଲା। ଏଥିନିମନ୍ତେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାରିଣୀ ସଦସ୍ୟା ଇରାନୀ ରାୟଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରୁ ବାହାରି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ବ୍ଲକ କାର୍ଯ୍ୟାଳୟ ସାମନାରେ ଜିଲା ଭାଜପା ସଭାପତି ସନ୍ନ୍ୟାସୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ନାରୀନେତ୍ରୀ ଇରାନୀଙ୍କ ସମେତ ଭାଜପା ନେତା ଲାଲା ମନୋଜ ରାୟ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ଜିଲା ପରିଷଦ ସଦସ୍ୟ ଭାଗବତ ସେଠୀ ଓ ସନ୍ନ୍ୟାସୀ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ବର୍ଷୀୟାନ ନେତା ନୃସିଂହ ଚରଣ ରାଉତ, ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ମଣ୍ଡଳ ସଭାପତି ଚୈତନ୍ୟ ମହାରଣା, ଦୁର୍ଗା ଚରଣ ପଣ୍ଡା, ମଧୁ ସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତାମାନେ ବିଜେଡି ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ କେନ୍ଦ୍ରର ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ଦୁରୁପଯୋଗ କରୁଥିବା ଅଭିଯୋଗ କରିଥିଲେ। ସେହିପରି ବାଲି, ମୋରମ, ମାଙ୍କଡା ପଥର ଆଦି ଖଣିକୁ ନିଲାମ ଦିଆ ନ ଯାଇ ଖଣି ମାଫିଆଙ୍କ ଠାରୁ ସ୍ଥାନୀୟ ବିଧାୟକଙ୍କ ଚେଲାଚାମୁଣ୍ଡା କୁହାଯାଉଥିବା କିଛି ଲୋକ ଲକ୍ଷାଧିକ ଟଙ୍କା ବଟି ଆଦାୟ କରୁଥିବା ଭାଜପା ଅଭିଯୋଗ କରିଛି। ସେହିପରି ଏହି ଘଟଣାରେ ହସ୍ତକ୍ଷେପ କଲେ ତହସିଲଦାର, ବିଡିଓ, ବନ କର୍ମଚାରୀ, ଥାନା ଅଧିକାରୀ ଆଦି ସରକାରୀ କର୍ମଚାରୀଙ୍କୁ ଧମକ ଚମକ ଦିଆଯାଉଥିବା ଭାଜପା ନେତୃବୃନ୍ଦ କହିଥିଲେ। ପୂର୍ବତନ ମନ୍ତ୍ରୀ ପାଢୀ ତାଙ୍କ ଦୁଇଶହ ସମର୍ଥକଙ୍କ ସହିତ ରଣପୁରରୁ ଏକ ମୋଟରସାଇକେଲ ର୍‍ୟାଲିରେ ଆସି ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶରେ ଯୋଗଦେଇଥିଲେ। ଏହି ସମାବେଶ ଓ ଶୋଭାଯାତ୍ରାରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏବଂ ସମର୍ଥକ ଯୋଗଦେଇଥିଲେ। ଅନ୍ୟପକ୍ଷେ ସମାବେଶ ଶାନ୍ତିପୂର୍ଣ୍ଣ ଢଙ୍ଗରେ ହୋଇଥିବା ବେଳେ ଅତିରିକ୍ତ ବିଡିଓ ପରମାନନ୍ଦ ଜେନା ଓ ଅତିରିକ୍ତ ତହସିଲଦାର ଦୟାନିଧି ରଥ ବିକ୍ଷୋଭ ସ୍ଥଳରୁ ଭାଜପା ନେତାଙ୍କ ଠାରୁ ୯ ଦଫା ସମ୍ବଳିତ ଦାବି ପତ୍ର ଗ୍ରହଣ କରିଥିଲେ।



ଭାଜପାର ଶୋଭାଯାତ୍ରା।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ମହିଳା ଗୁରୁତର

**ଖଣ୍ଡପଡା,୧।୧୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଶିଖରପୁର ଗ୍ରାମର ଜଣେ ମହିଳା ଗୁରୁବାର ବାଇକ୍‌ରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ପ୍ରତିମା ଭଞ୍ଜ (୫୫)। ପୂର୍ବାହ୍ନରେ ପ୍ରତିମା ଜଣକ ବାଇକ୍‌ରେ ବସି ଶିଖରପୁର ଗ୍ରାମରୁ ଖଣ୍ଡପଡା ଆସୁଥିଲେ। ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଥିବା ହମ୍ପସ୍‌ରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ପ୍ରତିମା ଛିଟିକିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଅଗ୍ନିଶମ ଗାଡ଼ି ଯୋଗେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ରାସ୍ତାର ଦୁରବସ୍ଥା ଯୋଗୁ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି।

### କ୍ଲବ ଘରେ ବିତୁଛି ଜୀବନ



ବୋଲଗଡ଼,୧।୧୧(ଡି.ଏନ.ଏ.)-ବୋଲଗଡ଼ ବ୍ଲକ୍ ବାଙ୍କୋଇଦେଶ ପଞ୍ଚାୟତସ୍ଥ ମାଳିସାହିର ବୀରବର ମହାପାତ୍ର(୪୦)ଙ୍କ ପରିବାର ଏବେ କ୍ଲବ୍ ଘରେ ଦିନ ବିତାଉଛନ୍ତି। ତାଙ୍କର ମାଟିକାନ୍ଥର ପୈତୃକ ଘରଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଯୋଗୁ କ୍ଲବ୍‌ରେ ଆଶ୍ରୟ ନେଇଛନ୍ତି। ପୈତୃକ ଭିଟାମାଟିରେ ଥିବା ଘରଟି ଭଗ୍ନ ଅବସ୍ଥାରେ ଥିବାରୁ ବିପଦର ଆଶଙ୍କା ଦେଖାଦେଇଛି। ତେଣୁ ମାଆ ରମାମଣୀ (୬୨)ଙ୍କ ସମେତ ପତ୍ନୀ ଏବଂ ୨ପୁଅଙ୍କୁ ନେଇ ସାହି ମୁଣ୍ଡରେ ଥିବା ଏକ କ୍ଲବ୍ ଘରେ ରହୁଛନ୍ତି ବୀରବର। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କ ପରିବାରକୁ ହିତାଧିକାରୀ ଭାବେ ସାମିଲ କରିବା ପାଇଁ ବୀରବର ବ୍ଲକ୍ କାର୍ଯ୍ୟାଳୟରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା କହିଛନ୍ତି ଯେ, ବୀରବର ମହାପାତ୍ରଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ଅନ୍ତର୍ଭୁକ୍ତ ହିତାଧିକାରୀ ଭାବେ ସାମିଲ କରାଯିବାକୁ ପ୍ରଚେଷ୍ଟା କରାଯିବ।

### ବିଦେଶୀ ମଦ ଜବତ, ଢାବା ମାଲିକ ଗିରଫ

**ଖଣ୍ଡପଡା,୧।୧୧(ସ୍ୱ.ପ୍ର.):** ଖଣ୍ଡପଡା-ନୟାଗଡ଼ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ କୃଷ୍ଣପ୍ରସାଦ ଗ୍ରାମ ନିକଟରେ ଚାଲିଥିବା ଏକ ଢାବା ଉପରେ ବୁଧବାର ବିଳମ୍ବିତ ରାତିରେ ଖଣ୍ଡପଡା ପୋଲିସ ଟିମ୍ ଅଚାନକ ଚଢାଉ କରିଥିଲା। ସେଠାରୁ ୨୦ ବୋତଲ ବିଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଢାବା ମାଲିକ ବିକ୍ରମ ପ୍ରଧାନଙ୍କୁ ଗିରଫ କରିଛି। ଯୋଗିଆପଲ୍ଲୀ ପଞ୍ଚାୟତ କୃଷ୍ଣପ୍ରସାଦ ଗ୍ରାମର ବିକ୍ରମଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଲୁଗାବଦଳା ଗୃହ ତିଆରିରେ ଦୁର୍ନୀତି

ନୟାଗଡ଼ ଅଫିସ,୧।୧୧

**ଖୁଣ୍ଟୁବନ୍ଧ ପଞ୍ଚାୟତ**
- ଗୋଟିଏ ଗୃହ ନିର୍ମାଣ କରି ଦୁଇଟି ବିଲ୍ କରାଯାଇଥିବା ଅଭିଯୋଗ
- ଆଉ ଗୋଟିଏ ଘରର ପତ୍ତା ମିଳୁନି
- ଜିଲାର ବିଭିନ୍ନ ଗ୍ରାମରେ ହୋଇଛି ଏହି ଦୁର୍ନୀତି

ପ୍ରତି ଗ୍ରାମରେ ଥିବା ପୋଖରୀରେ ମହିଳାମାନେ ଗାଧୋଇ ସାରିବା ପରେ ଲୁଗାବଦଳାଇବା ଗୃହ କରାଯିବାର ବନ୍ଦୋବସ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହା କରାଯାଉଥିବା ବେଳେ ଗ୍ରାମପଞ୍ଚାୟତ ଏହାର ଦାୟିତ୍ୱ ନେଇଛି। ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଏହି ଲୁଗାବଦଳା ଗୃହରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। କେଉଁଠି ଅନାବଶ୍ୟକ ପୋଖରୀରେ ଏହି ଗୃହ କରାଯାଇ ଟଙ୍କା ହଡ଼ପ କରାଯାଇଛି ତ ଆଉ କେଉଁଠି ଦୁଇଟି ବଦଳରେ ଗୋଟିଏ କରି ଟଙ୍କା ଉଠାଣ କରାଯାଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ସଦର ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ବେଗୁନିଆପାଟଣା ଗ୍ରାମରେ।

ପ୍ରକାଶ ଯେ, ରାଜ୍ୟ ଅର୍ଥ କମିଶନ ଅନୁଦାନରେ ବେଗୁନିଆପାଟଣା ଗ୍ରାମରେ ଥିବା ଭୋଇମାଝି ପୋଖରୀରେ ପାହାଚ ଓ ଲୁଗା ବଦଳା ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ବର୍ଷ ୨୦୧୭-୧୮ରେ ଯଥାକ୍ରମେ ୧ ଲକ୍ଷ ଓ ୨.୫ ଲକ୍ଷ ଟଙ୍କା ଆସିଥିବା ସୂଚନା ଫଳକରୁ ଜଣାଯାଏ। ଦୁଇଟି ସୂଚନା ଫଳକରେ ଏହା ଲେଖା ହୋଇଥିବା ବେଳେ ଗୋଟିଏ ଗୃହ ଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ପୋଖରୀର ଗୋଟିଏ ପଟେ ଲୁଗାବଦଳା ଗୃହ ନିର୍ମାଣ କରାଯାଇଥିବା ବେଳେ ଅନ୍ୟପଟେ କେବଳ ଖାଲି ପାହାଚ ନିର୍ମାଣ କରଯାଇଛି। ଦୁଇ ଦୁଇଟି ସ୍ଥାନରେ ଦୁଇଟି ସୂଚନା ଫଳକ ରହିଛି।



ଲୁଗାବଦଳା ଗୃହ।

ସୂଚନାଯୋଗ୍ୟ, ପୋଖରୀ ପାର୍ଶ୍ୱରେ ଲୁଗାବଦଳା ଗୃହ ନିର୍ମାଣ ପାଇଁ ୧ଲକ୍ଷ ଟଙ୍କା ଅନୁଦାନ ମିଳିଥାଏ। ପଞ୍ଚାୟତ ତରଫରୁ ଏହି କାର୍ଯ୍ୟ କରାଯାଏ। ହେଲେ ଏଠାରେ ଥିବା ଦୁଇଟି ଫଳକ ଦୁର୍ନୀତିର ଗନ୍ଧକୁ ପଦାରେ ପକାଉଛି। ଗୋଟିଏ ଫଳକ କେବଳ ଗୃହ ପାଇଁ ଥିବା ଦର୍ଶାଉଛି। ପୋଖରୀର ଅପରପାର୍ଶ୍ୱରେ ଥିବା ଆଉ ଗୋଟିଏ ଫଳକରେ କେବଳ ପାହାଚ ଥିବା ବେଳେ ଗୃହ ନାହିଁ। ତେବେ ଏଠାରେ କିପରି ଭାବେ ୨.୫ ଲକ୍ଷଟଙ୍କା ଲେଖାଗଲା ତାହାକୁ ନେଇ କେତେକ ଲୋକ ପ୍ରଶ୍ନ ଉଠାଇଛନ୍ତି। ଏଥିରେ ଦୁର୍ନୀତି ହୋଇଥିବା ମଧ ଅଭିଯୋଗ କରିଛନ୍ତି। ସେହିଭଳି ନିର୍ମାଣ ହୋଇଥିବା ଲୁଗା ବଦଳା ଗୃହ କୌଣସି କାମରେ ଆସୁ ନ ଥିବା ଦେଖିବାକୁ ମିଳିଥିଲା। କେହି ଏହାକୁ ବ୍ୟବହାର ନ କରିବାରୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଏହିପରି ଜିଲାର ବିଭିନ୍ନ ଗ୍ରାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ତେଣୁ ଏହାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଖୁଣ୍ଟୁବନ୍ଧ ସରପଞ୍ଚ ସତ୍ୟବାନ ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ସେହିଭଳି କୌଣସି ଦୁର୍ନୀତି ହୋଇନାହିଁ। ଗୋଟିଏ ପାର୍ଶ୍ୱରେ ପାହାଚ ହୋଇଥିବା ବେଳେ ଆଉ ଗୋଟିଏ ପାର୍ଶ୍ୱରେ ଲୁଗାବଦଳା ଗୃହ ହୋଇଛି। ଗ୍ରାମବାସୀ ଯେଉଁଠି ଚାହିଁଲେ ସେଠାରେ ଲୁଗା ବଦଳା ଗୃହ ନିର୍ମାଣ କରାଯାଇଥିବା ନାୟକ ପ୍ରକାଶ କରିଥିଲେ। ୨.୫ ଲକ୍ଷ ଟଙ୍କା ଏଥିପାଇଁ ମଞ୍ଜୁର ହୋଇଥିବା ପ୍ରକାଶ କରିଥିଲେ।

# ଶବ୍ଦ ପ୍ରଦୂଷଣକାରୀ ବାଣ ନ ଫୁଟାଇବା ପାଇଁ ସଚେତନତା

ଖଣ୍ଡପଡ଼ା,୧।୧୧(ସ୍ୱ.ପ୍ର.)

ଦୀପାବଳି ଉତ୍ସବ ଅବସରରେ ବିଭିନ୍ନ ଶବ୍ଦ ପ୍ରଦୂଷଣକାରୀ ଓ ବେଶୀ ଧୂଆଁ ସୃଷ୍ଟି କରୁଥିବା ବାଣ ନ ଫୁଟାଇବା ଲାଗି ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏ ଅବସରରେ କଣ୍ଟିଲୋ ଅଞ୍ଚଳର ପରିବେଶବିତ୍ ଅନ୍ତର୍ଯାମୀ ସାହୁ ବିଭିନ୍ନ କ୍ଲବ୍‌ର ସଦସ୍ୟ ଓ ପିଲାମାନଙ୍କୁ ଏକାଠି କରି ବିଷାକ୍ତ ବାଣ ନ ଫୁଟାଇବାକୁ ସଚେତନତା ସୃଷ୍ଟି କରୁଛନ୍ତି। ପିଲାମାନେ ବାଣ ଫୁଟାଇବା ପାଇଁ ମା'ବାପାଙ୍କ ପାଖରେ ଅଳି କରିଥାନ୍ତି। ତେଣୁ ପିଲାମାନେ ସଚେତନ ହେଲେ ଏଥିରୁ ନିବୃତ୍ତ ରହିପାରିବେ ବୋଲି ସେ କହିଛନ୍ତି। ଏହାସହ ବାଣ କିପରି ଶବ୍ଦ ଓ ବାୟୁକୁ ପ୍ରଦୂଷଣ କରୁଛି ତଥା ଏହା କେତେ ବିପଜ୍ଜନକ ତାହା ବୁଝାଇଥିଲେ। ଅନେକ ସମୟରେ ଅଘଟଣ ମଧ ଘଟୁଥିବାରୁ ଏଭଳି ଏକ ପବିତ୍ର ଦିବସରେ ବିଷାକ୍ତ ବାଣ ନ ଫୁଟାଇବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ତାଙ୍କର ଏହି କାର୍ଯ୍ୟକ୍ରମ ପାଇଁ ନୀଳମାଧବ ଜୀଉ ପୂଜକ ସମାଜ ଓ ଜନସାଧାରଣ ସାଧୁବାଦ ଜଣାଇଥିଲେ। ସୂଚନାଯୋଗ୍ୟ ପରିବେଶବିତ୍ ସାହୁଙ୍କ ଚେତନା ଅନୁଷ୍ଠାନ ପକ୍ଷରୁ ଦୀପାବଳିରେ ପୂର୍ବ ପୁରୁଷଙ୍କୁ କାଉଁରିଆ କାଠି ଜାଳି ବିଦାୟ ଦେବାର କାର୍ଯ୍ୟକ୍ରମ ରହିଛି।




ପିଲାମାନଙ୍କୁ ଧରି ସଚେତନତା ସୃଷ୍ଟି କରୁଛନ୍ତି ପରିବେଶବିତ୍ ଅନ୍ତର୍ଯାମୀ ସାହୁ।

# ଭାଜପା କର୍ମୀଙ୍କ ବ୍ଲକ କାର୍ଯ୍ୟାଳୟ ଘେରାଉ

ଖଣ୍ଡପଡ଼ା/ଭାପୁର,୧।୧୧
(ସ୍ୱ.ପ୍ର./ଡି.ଏନ.ଏ.)

ରାଜ୍ୟ ଶାସନରେ ଦୁର୍ନୀତି, ପିସି କାରବାର, ରାଶନ କାର୍ଡରେ ଅନିୟମିତତା ଓ ଭ୍ରଷ୍ଟାଚାର ହେଉଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ଗୁରୁବାର ଭାପୁର ଭାଜପା ପକ୍ଷରୁ ନୟାଗଡ଼ ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ଉପସଭାପତି ପ୍ରଦୀପ ପଟ୍ଟନାୟକ, ଜିଲା ଆଇଟି ସେଲ୍ ମୁଖ୍ୟ ସୋଫିଟ୍ ମିଶ୍ର, ଭାପୁର ବ୍ଲକ୍ ସଭାପତି କାର୍ତ୍ତିକ ନାୟକ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପ୍ରଦୀପ ମହାପାତ୍ର, ସଂଗଠକ ଅନନ୍ତ ଚରଣ ବେହେରା, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ସିଦ୍ଧେଶ୍ୱର କର ଓ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ କୃଷ୍ଣଚନ୍ଦ୍ର ବରାଳ ପ୍ରମୁଖ ସାମିଲ ଥିଲେ। ଏକ ଶୋଭାଯାତ୍ରା ବ୍ରାହ୍ମୀ ଦେବୀ ମନ୍ଦିର ନିକଟରୁ ବାହାରି ଲ' କାର୍ଯ୍ୟାଳୟ ଓ ବଜାର ପରିକ୍ରମା କରିଥିଲା। ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଆୟୋଜିତ ହୋଇଥିଲା। ଭାପୁର ବିଡିଓ ଅନ୍ତର୍ଯାମୀ ସାହୁଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ଏକ ରାଲି ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହଙ୍କ ନେତୃତ୍ୱରେ ବାଇପାସ ହନୁମାନ ମନ୍ଦିର ନିକଟରୁ ବାହାରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସଭା କରିଥିଲା। ଏଥିରେ ଭାଜପା ଜିଲା ସମ୍ପାଦକ ବିକ୍ରମ କେଶରୀ ଦେଓ, ଜିଲା ଆଇଟି ସେଲ ଅଧ୍ୟକ୍ଷ ନିଗମାନନ୍ଦ ଦାଶ ଓ ଖଣ୍ଡପଡ଼ା ନଗର ଯୁବମୋର୍ଚ୍ଚାର ସଭାପତି ଶିବ ନାରାୟଣ ସୁରଜଗଦେଓ ପ୍ରମୁଖ ସାମିଲ ହୋଇଥିଲେ।



ଗଣିଆଠାରେ ଅନୁଷ୍ଠିତ ପ୍ରତିବାଦ ସଭା।

**ଗଣିଆ,(ଡି.ଏନ.ଏ.):** ଭାରତୀୟ ଜନତା ପାର୍ଟି ତରଫରୁ ଗୁରୁବାର ଗଣିଆ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପ୍ରଥମେ ଶତାଧିକ କର୍ମୀଙ୍କୁ ନେଇ ଗଣିଆସ୍ଥିତ ଚଉବଙ୍ଗ ତୋଟାରୁ ଏକ ଶୋଭାଯାତ୍ରା ବାହାରିଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇ ଭାଜପା ନେତୃବୃନ୍ଦ ବିଜେଡି ସରକାରରେ ହେଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ସମ୍ପର୍କରେ ଆଲୋକପାତ କରି ଏହାର ସିବିଆଇ ତଦନ୍ତ ଦାବି କରିଥିଲେ। ଏଥିସହ ଗତ ୪ବର୍ଷରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଜନସଚେତନତା କରିଥିଲେ। ଗଣିଆରେ କୋର୍ଟ ପ୍ରତିଷ୍ଠା, ଗଣିଆକୁ ସବ୍‌ଡିଭିଜନ ମାନ୍ୟତା, ନୂତନ ତହସିଲଦାର ନିଯୁକ୍ତି, ସ୍କୁଲ କଲେଜରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି, ଛାମୁଣ୍ଡିଆଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା, ମେଡିକାଲରେ ଡାକ୍ତର ପଦବୀ ପୂରଣ ପରି ୧୬ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଗଣିଆ ବିଡିଓଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ସାହୁ, ଜିଲା ସାଧାରଣ ସମ୍ପାଦକ ମନୋଜ ବେହେରା, ପୂର୍ବତନ ଜିଲା ସଭାପତି ପ୍ରସନ୍ନ ଦାଶ, ରାଘବ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

### ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ୭ ବ୍ୟାଟେରି ଚୋରି

ଖଣ୍ଡପଡା,୧।୧୧(ସ୍ୱ.ପ୍ର.)

ଖଣ୍ଡପଡା ସହରର ରଥଗଡା ଛକସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ କାଉଣ୍ଟର ଷ୍ଟ୍ରଙ୍ଗରୁମ୍ କବାଟ ଡାଡି କେହି ଦୁର୍ବୃତ୍ତ ୭ ଗୋଟି ବ୍ୟାଟେରି ଚୋରି କରିନେଇଛନ୍ତି। ଷ୍ଟେଟ୍‌ବ୍ୟାଙ୍କ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଗୁରୁବାର ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ବିଳମ୍ବିତ ରାତିର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ଏଟିଏମ କାଉଣ୍ଟରରେ ଲାଗିଥିବା ସିସି ଟିଭି କ୍ୟାମେରା ଫୁଟେଜ୍‌କୁ ଆଧାର କରି ପୋଲିସ ଅନୁସନ୍ଧାନ କରୁଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଚୋରି ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସ ସୂଚନା ଦେଇଛି।

### ଚିଲିକାରୁ ବାଘେଟା ବିଲେଇ ଉଦ୍ଧାର

ଖୋର୍ଦ୍ଧା ଅଫିସ,୧।୧୧

ଚିଲିକାରୁ ଗୁରୁବାର ସୋରଣ ମତ୍ସ୍ୟଜୀବୀମାନେ ମାଛ ଧରୁଥିବାବେଳେ ଏକ ବାଘେଟା ବିଲେଇ ଜାଲରେ ପଡିଥିଲା। ଏହି ବାଘେଟା ବିଲେଇକୁ ଉଦ୍ଧାର କରି ସୋରଣ ବନ୍ୟପ୍ରାଣୀ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଖାଦ୍ୟ ଅନ୍ୱେଷଣରେ ଆସି ବିଲେଇଟି ଚିଲିକା ପାଣିରୁ ବାହାରି ପାରି ନଥିବା ଜଣାପଡିଛି।

# ୪ରେ ନୟାଗଡ଼ ଆସିବ ହକି ବିଶ୍ୱକପ୍ ମାସ୍କଟ ଓଲି

ନୟାଗଡ଼ ଅଫିସ,୧।୧୧

ନଭେମ୍ବର ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପୁରୁଷ ବିଶ୍ୱକପ ହକି। ଭାରତୀୟ ହକି ଦାୟିତ୍ୱ ନେଇଥିବା ରାଜ୍ୟସରକାର ହକି ବିଶ୍ୱକପକୁ ସଫଳତାର ସହ ସମ୍ପନ୍ନ କରିବା ଲାଗି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ହକି ବିଶ୍ୱକପର ପ୍ରଚାର ପ୍ରସାର ପାଇଁ ନଭେମ୍ବର ୪ ତାରିଖରେ ନୟାଗଡ଼କୁ ଆସିବ ହକି ବିଶ୍ୱକପ ମାସ୍କଟ ଓଲି। ଏହି ଉପଲକ୍ଷେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ମିଳିଥିବା ସୂଚନା ଅନୁସାରେ, ଓଲି ୪ ତାରିଖ ସନ୍ଧ୍ୟା ୬ଟାରେ ବିଜୁପୁର ଗେଟ୍‌ଠାରେ ପହଞ୍ଚିବ। ଏହା ପରେ ଜିଲା ପ୍ରଶାସନ ତରଫରୁ ଓଲିକୁ ସ୍ୱାଗତ କରାଯିବ। ୫ ତାରିଖ ସକାଳ ୯ଟାରେ ଓଲିକୁ ନେଇ ସହରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରଠାରୁ ବାହାରି ମହୋତ୍ସବ ପଡ଼ିଆକୁ ଯିବ। ପ୍ରସ୍ତୁତି ବୈଠକରେ ଏହାକୁ କିପରି ସୁରୁଖୁରୁରେ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରସ୍ତୁତି ବୈଠକରେ ପିଡ଼ି ଅନାମ ଚରଣ ପାତ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ, ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନାଙ୍କ ସମେତ ବିଜୁ ଯୁବବାହିନୀର କର୍ମକର୍ତ୍ତା ଯୋଗ ଦେଇଥିଲେ।



ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

### ଶରଣକୁଳ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ସ୍ପୋର୍ଟସ ହଷ୍ଟେଲ କଟକ

ନୟାଗଡ଼ ଅଫିସ,୧।୧୧

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ୫୯ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚାଲୁରହିଛି। ଗୁରୁବାର ଅଷ୍ଟମ ଦିବସରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ ହାଲ୍ ସୁନାବେଡ଼ା ଓ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-୦ ଗୋଲ୍‌ରେ ସ୍ପୋର୍ଟସ ହଷ୍ଟେଲ କଟକ ବିଜୟୀ ହୋଇ ଫାଇନାଲ୍‌କୁ ପ୍ରବେଶ କରିଛି। ଗୁରୁବାର ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିବାବେଳେ ୩୨ ମିନିଟରେ କଟକ ଦଳର ୯ ନମ୍ବର ଜର୍ସି ଖେଳାଳି ଭାବଗ୍ରାହୀ ପଡ଼ିହାରୀ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ପରେ କଟକ ଦଳର ୧୦ ନମ୍ବର ଜର୍ସି ଖେଳାଳି ଫ୍ରାନ୍ସିସ୍ ଲାକ୍ରା ପୁନର୍ବାର ଆଉ ଏକ ଗୋଲ୍ ସ୍କୋର କରି ଦଳକୁ ଆଗୁଆ ରଖିଥିଲେ। ଅପରପକ୍ଷେ କଟକ ଦଳର ୧୩ ନମ୍ବର ଜର୍ସି ଖେଳାଳି ପ୍ରଶାନ୍ତି ଶ୍ରୀହରି ତୃତୀୟ ଗୋଲ୍, ଭାବଗାହୀ ପଡ଼ିହାରୀ ଚତୁର୍ଥ ଗୋଲ୍ ଓ ୨୦ ନମ୍ବର ଜର୍ସି ଖେଳାଳି ବଡା ହେମ୍ରମ୍ ପଞ୍ଚମ ଗୋଲ୍ କରିଥିଲେ। ଫଳରେ ୫-୦ ଗୋଲ୍‌ରେ ସ୍ପୋର୍ଟସ ହଷ୍ଟେଲ କଟକ ବିଜୟୀ ହୋଇଥିଲା। ଗୁରୁବାର ଖେଳରେ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଜୟ କୁମାର ବାହିନୀପତି, ସାମାଜିକ କର୍ମୀ ପ୍ରସନ୍ନ କୁମାର ସାହୁ, ସନ୍ତୋଷ କୁମାର ପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଶିବପ୍ରସାଦ ଦାସ ଖେଳ ପରିଚାଳନା କରିଥିବାବେଳେ ରାଜୁ ମହାନ୍ତି, ପ୍ରିୟବ୍ରତ ବାହିନୀପତି, ସନ୍ଦୀପ ଦାଶ ଲାଇନ୍‌ରେ ସହାୟତା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ ପତାକା କ୍ଲବ ଅନୁଗୋଳ ଓ ସାଇ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ବୈକୁଣ୍ଠନାଥ ସିଠ ଜଣାଇଛନ୍ତି।



ଖେଳର ସଂଘର୍ଷପୂର୍ଣ୍ଣ ଦୃଶ୍ୟ।

# ୨୭ ଦିନ ବିତିଲା, ଦୁବାଇରୁ ଆସିଲାନି ମୃତଦେହ

ରଣପୁର,୧।୧୧ (ସ୍ୱ.ପ୍ର.)

- ସ୍ତ୍ରୀ, ଦୁଇପୁଅଙ୍କ ଆଖିରୁ ଶୁଖୁନି ଲୁହ
- ଜିଲା ପ୍ରଶାସନକୁ ଅଭିଯୋଗ ପରେ ବି ମିଳୁନି ସୁଫଳ

ଶ୍ରମିକ ଭାବେ କାମ କରିବାକୁ ଦୁବାଇ ଯାଇଥିବା ଜଣେ ଓଡିଆ ଶ୍ରମିକଙ୍କୁ ଗତମାସ ୪ତାରିଖରେ କମ୍ପାନୀ ଲୋକମାନେ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ନେଇ ତାଙ୍କ ବାପା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ ଘଟଣାର ୨୭ଦିନ ବିତିଯାଇଥିଲେ ମଧ ସେଠାରୁ ମୃତଦେହ ଗ୍ରାମକୁ ଆସିପାରି ନାହିଁ। ଏଣେ ତାଙ୍କ ସ୍ତ୍ରୀ ସହିତ ଦୁଇପୁଅ ମୃତଦେହକୁ ଚାହିଁ ଚାହିଁ ଆଖିରୁ ଲୁହ ଗଡାଇ ଚାଲିଛନ୍ତି। ଏପରିସ୍ଥଳେ ଜିଲା ପ୍ରଶାସନ କୌଣସି ସାହାଯ୍ୟ ସହଯୋଗ କରୁ ନ ଥିବାରୁ ପରିବାର ଲୋକେ ଅସହାୟ ହୋଇପଡିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଥାନା ପଟିଆ ପଞ୍ଚାୟତ ରଣ୍ଡା ଗ୍ରାମରେ।

ରଣ୍ଡା ଗ୍ରାମର ସତ୍ୟବାଦୀ ଜେନାଙ୍କ ପୁଅ ସୁଶାନ୍ତ ଜେନା(୩୬) ୧୧ମାସ ତଳେ ଖୋର୍ଦ୍ଧା ଜିଲା ନାରୁଣୀ ଗ୍ରାମର ଜଣେ ମଧ୍ୟସ୍ଥିଙ୍କ ଜରିଆରେ ଶ୍ରମିକ ଭାବେ କାମ କରିବାକୁ ଦୁବାଇ ଯାଇଥିଲେ। ସେଠାରେ ସୁଶାନ୍ତ ଏକ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀରେ କାର୍ଯ୍ୟ କରୁଥିଲେ। ୪ମାସ ହେଲା ସେ କାମ କରୁଥିଲେ ମଧ କମ୍ପାନୀ ତାଙ୍କୁ ଠିକ୍ ସମୟରେ ଦରମା ଦେଉ ନ ଥିଲା। ତେଣୁ ସେ ସେଠାରୁ ଫେରିଆସିବା ପାଇଁ ବାପାଙ୍କୁ ଫୋନ କରି କହିଥିଲେ। ପରେ କମ୍ପାନୀରୁ ଚାକିରି ଛାଡିଦେବା ପାଇଁ ମଧ କହିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ୯୦ହଜାର ଟଙ୍କା ଜମା କରିବା ପରେ ଛାଡିଦେବା ପାଇଁ କହିଥିଲେ। ଏହାକୁ ନେଇ ସୁଶାନ୍ତ ମାନସିକ ଚାପରେ ରହୁଥିଲେ। ଏ ନେଇ ସେ ଫୋନରେ ସମସ୍ତ କଥା ଘରଲୋକଙ୍କୁ ଜଣାଇଥିଲେ। ଅକ୍ଟୋବର ୩ତାରିଖରେ ସେ ଘର ଲୋକଙ୍କ ସହିତ କଥାହେବା ସହିତ ତାଙ୍କ ଜୀବନ ପ୍ରତି ବିପଦ ଥିବା କହିଥିଲେ। ଏପରିସ୍ଥଳେ ୪ତାରିଖ ସକାଳେ ଦୁବାଇରୁ ଗ୍ରାମକୁ ମୋବାଇଲରେ ଏକ ଫଟୋ ଆସିଥିଲା ଯେଉଁଥିରେ ସୁଶାନ୍ତ କନ୍‌ଷ୍ଟ୍ରକ୍ସନ୍ ସ୍ଥଳରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ମଧ୍ୟସ୍ଥିଙ୍କୁ ଫୋନ କରିବାରୁ ସୁଶାନ୍ତ ଆତ୍ମହତ୍ୟା କରିଥିବା ସେ ପ୍ରକାଶ କରିଥିଲେ। ହେଲେ ସୁଶାନ୍ତଙ୍କ ବାପା ସତ୍ୟବାଦୀ ଜେନା ଓ ପରିବାର ଲୋକେ ଏହାକୁ ଗ୍ରହଣ କରିପାରି ନ ଥିଲେ। ସତ୍ୟବାଦୀ କହିଛନ୍ତି ଯେ, କମ୍ପାନୀ କର୍ତ୍ତୃପକ୍ଷ ମୋ ପୁଅକୁ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି। ପରେ ଗତମାସ ୫ତାରିଖରେ ସେ ଏ ନେଇ ନୟାଗଡ଼ ଜିଲାପାଳ, ଶ୍ରମ ଅଧିକାରୀ ଓ ଏସ୍‌ପିଙ୍କୁ ଭେଟି ଏହାର ଉପଯୁକ୍ତ ତଦନ୍ତ କରିବା ସହ ପୁଅର ମୃତଦେହ ଦୁବାଇରୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ। ହେଲେ ପ୍ରଶାସନ ତରଫରୁ ଏପର୍ଯ୍ୟନ୍ତ ସେଭଳି କୌଣସି ଅଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏଣେ ଘରେ ସୁଶାନ୍ତଙ୍କ ସ୍ତ୍ରୀ ପ୍ରତ୍ୟେକ ଦିନ ସ୍ୱାମୀଙ୍କ କଥାକୁ ମନେ ପକାଇ ଆଖିରୁ ଲୁହ ଝରାଉଛନ୍ତି। ତାଙ୍କର ୯ ଓ ୭ ବର୍ଷର ଦୁଇଟି ଶିଶୁପୁତ୍ର ମଧ ବାପାଙ୍କୁ ଝୁରିହେଉଛନ୍ତି। ଗରିବ ଶ୍ରେଣୀର ଏହି ପରିବାର କିପରି ଚଳିବ ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ ଡା. ଏନ. ତିରୁମାଲା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଦୁବାଇରୁ ମୃତଦେହ ଆଣିବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଛି। ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା କହନ୍ତି, ମୁ ତାଙ୍କ ପରିବାର ସହ କଥା ହୋଇଛି। ଘଟଣା ଅନ୍ୟ ଦେଶରେ ହୋଇଥିବାରୁ ମୃତଦେହ ଆସିବାରେ ବିଳମ୍ବ ହେଉଛି। ତଥାପି ଏ ଦିଗରେ ଉଦ୍ୟମ ଜାରି ରହିଛି।



ସୁଶାନ୍ତଙ୍କ ଫାଇଲ ଫଟୋ।



ତାଙ୍କ ସ୍ତ୍ରୀ ଓ ଦୁଇ ପିଲା।

## ସଂକ୍ଷେପରେ

### ବିଜେଡିରେ ମିଶିଲେ ଭାଜପା ସମର୍ଥିତ ସରପଞ୍ଚ

କୁକୁଡ଼ାଖଣ୍ଡି,୧।୧୧(ଡି.ଏନ.ଏ.)-କୁକୁଡ଼ାଖଣ୍ଡି ବ୍ଲକ ହୁଗୁଲାପଟା ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚ ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି । ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଏକ ସଭାରେ ସେମାନଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ପାଣିଗ୍ରାହୀ ନିମଖଣ୍ଡି, ଗୁରୁଣ୍ଡି, ବୋରିଗାଁ ପଞ୍ଚାୟତରେ ବାତ୍ୟା କ୍ଷତିପୂରଣ ଚେକ୍ ବଣ୍ଟନ କରିଥିଲେ । ଶେଷରେ ହୁଗୁଲାପଟାରେ ଜନସମ୍ପର୍କ ପଦଯାତ୍ରା କରିବା ସହ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରିଥିଲେ। ଉକ୍ତ ସଭାରେ ସରପଞ୍ଚ ପ୍ରଦୀପ ମଲାଣ ନିଜ ସମର୍ଥକମାନଙ୍କୁ ନେଇ ବିଜେଡିରେ ମିଶିଛନ୍ତି । ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବିଧାୟକ ପ୍ରତିନିଧି ଦିଲୀପ ପାତ୍ର, ରାଜ୍ୟ ଯୁବ ବିଜେଡି ଉପଦେଷ୍ଟା କୈଳାସ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଆସିକା,୧।୧୧(ଡି.ଏନ୍.ଏ.): କେନ୍ଦୁପଦରସ୍ଥିତ ପ୍ରଗତି ବିଦ୍ୟାପୀଠ ପରିସରରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପାଢ଼ୀ, ଏବିଇଓ ଦୀପକ ମହନ୍ତ, ସିଆରସିସି ବିଚିତ୍ର ବିହାରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ସମାରୋହରେ କ୍ରୀଡାବିତ ଦିଲୀପ ପାଣିଗ୍ରାହୀ ଓ ତାରିଣୀ ସେନାପତି ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ୬୦ ବିଦ୍ୟାଳୟରୁ ଷଷ୍ଠଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୫ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ଯୋଗ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି।

### ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗ, ଯୁବକ ଗିରଫ

ହିଞ୍ଜିଳିକାଟୁ,୧।୧୧(ଡ଼ି.ଏନ୍.ଏ)- ହିଞ୍ଜିଳି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡ଼ିଓକୁ ଭାଇରାଲ କରିବା ଅଭିଯୋଗରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶେରଗଡ଼ ଥାନା ସୁନାଥର ଗ୍ରାମର ସୁନିଲ ଦାସ। ଅଗଷ୍ଟ ମାସରେ ସୁନିଲ ଯୁବତୀଙ୍କୁ ପ୍ରଲୋଭିତ କରି ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ସୁନିଲ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଯୁବତୀଙ୍କ ପରିବାର ଲୋକେ ଏହା ଜାଣିବା ପରେ ଗୁରୁବାର ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ଏ ନେଇ ନଂ.୨୮୮/୧୮ ରେ ମାମଲା ରୁଜୁ କରାଯାଇଛି। ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ସହ ଅଭିଯୁକ୍ତ ସୁନିଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

କ.ନୂଆଗାଁ,୧।୧୧(ଡି.ଏନ୍.ଏ.)- କ.ନୂଆଗାଁ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଓ ସଭା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆରେ ବ୍ଲକ ସଭାପତି ବଳରାମ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରତିନିଧି ରବୀନ୍ଦ୍ର ମଲିକ, ବିଦେଶ ସିଂ ପ୍ରଧାନ, ନାରୀ ନେତ୍ରୀ ଶାନ୍ତିଲତା ସାହୁ ପ୍ରମୁଖ ସାମିଲ ଥିଲେ। ସ୍କୁଲ ପଡିଆରେ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁରେଶ କୁମାର ପଲେଇଙ୍କୁ ଏବଂ ଡିଡବ୍ଲୁଓ ଚାରୁଲତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ ମୋତେ କେହି ଏ କାର୍ଯ୍ୟ କରିବାକୁ ଅନୁମତି ମାଗି ନାହାଁନ୍ତି, ମୁଁ କାହାକୁ ଅନୁମତି ଦେଇନାହିଁ। ଏହି ପଦଯାତ୍ରାରେ ଜିଲାସ୍ତରୀୟ କୌଣସି ନେତା, ସ୍ଥାନୀୟ ବିଧାୟକ, ପର୍ଯ୍ୟବେକ୍ଷକଙ୍କୁ ଦେଖିବାକୁ ମିଳିନଥିଲା।

■ଶ୍ରେଣୀଗୃହରେ ଇଟା ତିଆରି ପ୍ରସଙ୍ଗ

# ତଦନ୍ତ କଲେ ଏଡିଇଓ, ତହସିଲଦାର

ଗଞ୍ଜାମ,୧।୧୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ସୂର୍ଯ୍ୟନାରାୟଣପୁର ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ସିମେଣ୍ଟ ଇଟା ତିଆରି ହେଉଥିଲା । ଏ ନେଇ ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ତଦନ୍ତ ପାଇଁ ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଗୁରୁବାର ପୃଥକ ଭାବେ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏଡିଇଓ) ଏବଂ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଅବନୀ କୁମାର ସାହୁ ଉକ୍ତ ସ୍କୁଲକୁ ଯାଇ ତଦନ୍ତ କରିବା ସହ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ପଚରାଉଚରା କରିଛନ୍ତି । ତହସିଲଦାର ଶ୍ରେଣୀଗୃହ ତାଲା ଖୋଲିଲା ବେଳକୁ ଇଟା ନ ଥିବା ଦେଖାଯାଇଥିଲା। ମଙ୍ଗଳବାର ରାଜସ୍ୱ ନିରୀକ୍ଷକ ଆର. ରାଜୁ ତଦନ୍ତ

**ଇଟା ଗାଏବ, ଗ୍ରାମବାସୀଙ୍କ ବୟାନ ରେକର୍ଡ**



ପ୍ରଶାସନିକ ଅଧିକାରୀମାନେ ତଦନ୍ତ କରୁଛନ୍ତି।

କରିବାକୁ ଆସିଥିବା ବେଳେ ବନ୍ଦ ଥିବା ଶ୍ରେଣୀଗୃହରେ ଇଟା ତିଆରି ସାମଗ୍ରୀ ଏବଂ ସିମେଣ୍ଟ ଥିବା ଦେଖାଯାଇଥିଲା। ବୁଧବାର ଟ୍ରାକ୍ଟର ଦ୍ୱାରା ଇଟାଗୁଡିକୁ ଅନ୍ୟତ୍ର ନିଆଯାଇଥିବା ତଦନ୍ତ ବେଳେ ଜଣାପଡିଛି। ତଦନ୍ତ ବେଳେ ଏଟିଓ ସନାତନ ମହାଲିକ, ଆରଆଇ ରାଜୁ ରେଡ୍ଡୀ, ଏବିଇଓ ତ୍ରିଲୋଚନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଟି. ଲୋକେଶ, କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ତହସିଲଦାର ସାହୁ କହିଛନ୍ତି ତଦନ୍ତ ଜାରି ରହିଛି, ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲା ଅତିରିକ୍ତ ଶିକ୍ଷାଧିକାରୀ କହିଛନ୍ତି, ତଦନ୍ତ ରିପୋର୍ଟ ଡିଇଓଙ୍କୁ ଦେବା ପରେ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ବୁଧବାର ପ୍ରଶାସନ ପକ୍ଷରୁ କାହିଁକି ତାଲା ଖୋଲାଗଲା ନାହିଁ, ଇଟା ଗାଏବ ପଛରେ ବିଇଓଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ହାତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡନ କରାଯାଇଛି । ବିଇଓ ସୁବାସ ଚନ୍ଦ୍ର ଘଡ଼େଇ କହିଛନ୍ତି, ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର ତଦନ୍ତ କରାଯାଇଛି । ରିପୋର୍ଟ ମଧ୍ୟ ପଠା ସରିଛି। ସୂଚନାଯୋଗ୍ୟ, ଇଟା ଗାଏବ ସମ୍ପର୍କରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଚୌଧୁରୀ ଜାଣି ନ ଥିବା ସୂଚନା ଦେଇଛନ୍ତି ।

■ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି

# ସ୍ମାରକପତ୍ର ଦେଲା ସିପିଆଇ (ଏମ୍‌ଏଲ୍) ରେଡଷ୍ଟାର



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ଛତ୍ରପୁର,୧।୧୧(ଡି.ଏନ.ଏ.)

ତିତଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପର୍ଯ୍ୟାପ୍ତ ରିଲିଫ, କ୍ଷତିପୂରଣ ପ୍ରଦାନ ଦାବି ନେଇ ସିପିଆଇ (ଏମଏଲ୍) ରେଡଷ୍ଟାର ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ତ ନଦୀବନ୍ଧ ଉଚ୍ଚ ଓ ସୁଦୃଢ଼ କରିବା, ରିଲିଫ ପ୍ୟାକେଜରେ ସଂଶୋଧନ ଆଣି ପ୍ୟାକେଜ ଘୋଷଣା କରିବା, ସମୁଦ୍ର ବେଳାଭୂମିରେ ବ୍ୟାପକ ହେନ୍ତାଳ ଓ ଝାଉଁ ଜଙ୍ଗଲ ସୃଷ୍ଟି କରିବା, ଧାନ ଫସଲ କ୍ଷତିପୂରଣ ବାବଦକୁ ହେକ୍ଟର ପିଛା ୫୦ ହଜାର ଟଙ୍କା ପ୍ରଦାନ, ଚାଷୀଙ୍କ ଋଣ ଛାଡ ଏବଂ ରବି ଫସଲ ପାଇଁ ବିନା ସୁଧରେ ଋଣ ବ୍ୟବସ୍ଥା, ଯେଉଁମାନଙ୍କ ଘର ସଂପୂର୍ଣ୍ଣ ଭାଙ୍ଗିଛି, ସେମାନଙ୍କୁ ବିଜୁ ପକ୍କା ଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ନିମନ୍ତେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସିପିଆଇ (ଏମଏଲ୍) ରେଡଷ୍ଟାରର ଜିଲା ସମ୍ପାଦକ ଶଙ୍କର ସାହୁ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ରଥ, ରାମ ଚନ୍ଦ୍ର ବାଡତ୍ୟା, ପି ଯୋଗେନ୍ଦ୍ର, ସନ୍ୟାସୀ ନାୟକ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ, ବୃନ୍ଦାବନ ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଭାଜପା ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ ଘେରାଉ



ରାଲିରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

କନିଷି,୧।୧୧(ଡି.ଏନ.ଏ.)

ରାଜ୍ୟରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ପ୍ରତିବାଦରେ ଭାଜପା ପକ୍ଷରୁ ଗୁରୁବାର ରଙ୍ଗେଇଲୁଣ୍ଡା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାର୍ଯ୍ୟାଳୟ ଘେରାଉ କରାଯାଇଛି। ତିତଲି ବାତ୍ୟା ପ୍ରଭାବରେ ବ୍ଲକର ୩୨ ପଞ୍ଚାୟତର ବିଭିନ୍ନ ଗ୍ରାମରେ କ୍ଷତିଗ୍ରସ୍ତ ପରିବାର ଏବଂ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନରେ ଅବହେଳା, ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀ ଚୟନରେ ପାତରଅନ୍ତର, ଏମଜିଏନଆର୍‌ଇଜିଏସ କାର୍ଯ୍ୟରେ ମେଶିନ ବ୍ୟବହାର ଓ ଘୁଷୁରି ପଲ ଉପଦ୍ରବ ଘଟଣାରେ ପ୍ରଶାସନ ନୀରବ ରହିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା । ରାଜ୍ୟ ଭାଜପା ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ କନିଷି ହାଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରୁ ବିରାଟ ରାଲିରେ ନାରାବାଜି ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଗୋଳନ୍ଥରା ଥାନାଧିକାରୀ ଆଲୋକ ଜେନା ଆନ୍ଦୋଳନକାରୀଙ୍କଠାରୁ ପ୍ରତିବାଦ ପତ୍ର ଗ୍ରହଣ କରିଥିଲେ। ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଜିଲା ସଭାପତି କାହ୍ନୁଚରଣ ପତି, ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ରାଜେଶ ସାହୁ, ବଣ୍ଟି ସାହୁ, ସନତ ନାୟକ, ଗଙ୍ଗାଧର ଶତପଥୀ, ସମୀର ବ୍ରହ୍ମା, ସୁନୀଲ ପାତ୍ର, ଜିଲା ପରିଷଦ ପୂର୍ବତନ ସଭ୍ୟ ଏନ. ଡ଼ମ୍ବରୁ ରେଡ୍ଡୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ ।

## ଧାନ ଫସଲରେ ଚକଡ଼ା ପୋକ:ତହସିଲଦାରଙ୍କୁ ଜଣାଇଲେ ଚାଷୀ

ବୁଗୁଡ଼ା,୧।୧୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଆଦିପୁର ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ କିଆରିରେ ଚକଡ଼ା ପୋକ ଲାଗି ପ୍ରାୟ ୩୦ ଭରଣ ଧାନ ଫସଲ ନଷ୍ଟ ହୋଇଥିବା ବୁଧବାର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି । ପୂର୍ବରୁ ତିତଲିଜନିତ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ଚକଡ଼ା ପୋକ ପ୍ରାଦୁର୍ଭାବ ଚିନ୍ତା ବଢ଼ାଇଛି। ଆଦିପୁରର ସତ୍ୟ ନାରାୟଣ ନାହାକ, ରାଧାମାଧବ ଜେନା, ଜଟେଶ୍ୱର ବିଷୋୟୀ, ତ୍ରିନାଥ ନାୟକ, ବିପ୍ରଚରଣ ନାୟକ, ଆଦିକନ୍ଦ ବିଷୋୟୀ, ବିଜୟ କୁମାର ସାହୁ, ଅଭିମନ୍ୟୁ ସାହୁଙ୍କ ଧାନ ଜମିରେ ଚକଡ଼ା ପୋକ ଲାଗିଛି । ପୋକ ନିୟନ୍ତ୍ରଣ ପାଇଁ ଜମିରେ ଆବଶ୍ୟକ ଔଷଧ ସିଞ୍ଚନ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏହାର ପ୍ରତିକାର ସହ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଉପରୋକ୍ତ ଚାଷୀମାନେ ତହସିଲଦରାଙ୍କ ଠାରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆର୍ଥିକ ସାହାଯ୍ୟ ପ୍ରଦାନ ସକାଶେ ସୁବିଧା ଥିଲେ, ସେଥିପାଇଁ ଉଦ୍ୟମ କରାଯିବ। ଚାଷୀଙ୍କ ଦରଖାସ୍ତ ଜିଲାପାଳଙ୍କ ନିକଟକୁ ପ୍ରେରଣ କରିବେ ବୋଲି ତହସିଲଦାର କହିଛନ୍ତି।

## ପଞ୍ଚାୟତ ସ୍ତରୀୟ ସମୀକ୍ଷା ବୈଠକ



ଉପସ୍ଥିତ ଅଧିକାରୀବୃନ୍ଦ।

ବେଗୁନିଆପଡ଼ା,୧।୧୧(ଡି.ଏନ.ଏ.)

ସରକାର ପଞ୍ଚାୟତକୁ କ୍ରିୟାଶୀଳ କରିବା ପାଇଁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ପ୍ରଦାନ କରୁଥିବା ବେଳେ ଏହି ଅର୍ଥର ବିନିଯୋଗ ହୋଇ ନ ପାରି ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ପଡ଼ି ରହିଛି। ଏହି ଅର୍ଥକୁ ତୁରନ୍ତ ବିନିଯୋଗ ପାଇଁ ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ପଞ୍ଚାୟତରେ ୯ଟି ପଞ୍ଚାୟତର ସମୀକ୍ଷା ବିଡିଓ ପ୍ରଦୀପ କୁମାର ପଣ୍ଡା କରିଥିଲେ। ଅଙ୍ଗାରଗାଁ, କୁମ୍ଭାରଗାଁ, ବଡ଼ଖଇରଖମା, ସୁମଣ୍ଡଳ, ବୁରୁଝରୀ, ସାଙ୍କୁଡ଼ା, ତାଳସର, ଷଣ୍ଢମୂଳ ଓ ଚିଙ୍ଗୁଡ଼ିଖୋଲ ପଞ୍ଚାୟତର ସମୀକ୍ଷା କରାଯାଇଥିଲା। ୨୦୧୫-୧୬ରୁ ୧୮-୧୯ ଯାଏ ୪ଟି ଆର୍ଥିକ ବର୍ଷରେ କେଉଁ ଯୋଜନାକୁ କେତେ ଟଙ୍କା ଆସିଥିଲା, ଏଥିରୁ କେତେ ଖର୍ଚ୍ଚ ହୋଇଛି, କେତେ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ଓ କେଉଁ କାରଣରୁ ଖର୍ଚ୍ଚ ହୋଇପାରୁନାହିଁ ଆଲୋଚନା କରାଯାଇ ତୁରନ୍ତ ଖର୍ଚ୍ଚ କରିବା ପାଇଁ ବିଡିଓ ତାଗିଦ କରିଥିଲେ। ପଞ୍ଚାୟତରେ ମଞ୍ଜୁରୀ ହେଉଥିବା ପ୍ରକଳ୍ପ ଗୁଡ଼ିକ ଦୂରଦୃଷ୍ଟି ଅଭାବରୁ, ଜଳ ଓ ପରିମଳ ବାବଦରେ ସଠିକ ଗାଇଡ଼ ଲାଇନ ନ ଥିବାରୁ, ପ୍ରକଳ୍ପର ଫିଜିବିଲିଟି ନ ଥିବାରୁ କେତେକ ପ୍ରକଳ୍ପ ହୋଇପାରୁନାହିଁ। ଏହା ଉପରେ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ନେଇ ଗାଇଡ ଲାଇନକୁ ଫଲୋ କରି କାମ କରିବା ପାଇଁ କହିଥିଲେ। ଏଥିରେ ସହକାରୀ ଯନ୍ତ୍ରୀ ବଂଶିଧର ପରିଡ଼ା, ଜିପିଇଓ ନାରାୟଣ ବେହେରା, ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ସମସ୍ତ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ, ଯୋଗାଣ ସହାୟକ ଉପସ୍ଥିତ ଥିଲେ।

# ରାମଚରିତ ମାନସ ପାରାୟଣ ପାଇଁ ଶୁଭଖୁଣ୍ଟି

ଚିକିଟି,୧।୧୧(ଡି.ଏନ.ଏ.)

ଚିକିଟି ବ୍ଲକ ଚାନ୍ଦପୁର ମୁଖ୍ୟ ବଜାରରେ ରବିବାର ମଧ୍ୟାହ୍ନରେ ରାମଚରିତ ମାନସ ପାରାୟଣ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଅଞ୍ଚଳର ବିଶିଷ୍ଟ ପଣ୍ଡିତ ଶ୍ୟାମ ସୁନ୍ଦର ପ୍ରହରାଜ ଯୋଗଦେଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ଶଙ୍ଖଧ୍ୱନି ମାଧ୍ୟମରେ ଶୁଭଖୁଣ୍ଟି ସ୍ଥାପନା କରାଯାଇଥିଲା । ଶୁକ୍ଳପକ୍ଷ ଚତୁର୍ଥୀରେ ଏହି ରାମଚରିତ ମାନସ ପାରାୟଣ ନଭେମ୍ବର ୧୧ରୁ ୧୯ ପର୍ଯ୍ୟନ୍ତ ୯ଦିନ ଧରି ଅନୁଷ୍ଠିତ ହେବ । ଏହି ପାରାୟଣରେ ପ୍ରବଚନ ଦେବା ପାଇଁ ପୁରୀରୁ ବ୍ୟାସ ପୁରୁଷୋତ୍ତମ ଦାସ ମହାରାଜ୍‌ନ୍, ବକ୍ତା ଭାବେ ସଭ୍ୟାରଣୀ, ବାଙ୍କିରୁ ଗଣେଶ ବାବା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାମଚରିତ ମାନସ ପାରାୟଣ କମିଟିର ସଭାପତି ଗୋବିନ୍ଦ ସାହୁ, ରମେଶ ଚନ୍ଦ୍ର ସାହୁଙ୍କ ପକ୍ଷରୁ କୁହାଯାଇଛି ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିବସ ପାଳିତ

ଚିକିଟି,୧।୧୧(ଡି.ଏନ.ଏ.)

ଚିକିଟି ବ୍ଲକ ନୂଆପଡା ଗ୍ରାମ ସ୍ଥିତ ଶ୍ରୀ ବାଲାଜି ମହାବିଦ୍ୟାଳୟ ପରିସରରେ ବୁଧବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୩ ତମ ଜନ୍ମଦିବସ ପାଳିତ ହୋଇଯାଇଛି । ଏଥିରେ ସମାଜସେବୀ ଶଙ୍କର ପ୍ରଧାନ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ର୍ପଣ କରି ପଟେଲଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ବାଲିଗୁଡ଼ା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଗୁଡା,୧।୧୧(ଡି.ଏନ୍.ଏ.)

ଓଡିଶା ହାଇକୋର୍ଟ ଆଇନଜୀବୀଙ୍କୁ ପୋଲିସର ମାଡ ଘଟଣାକୁ ୨ମାସରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହାର ପ୍ରତିବାଦରେ ବାଲିଗୁଡ଼ା ବାର୍ ଆସୋସିଏସନ୍ ସଭାପତି କୌଶିକ ସାହୁଙ୍କ ନେତୃତ୍ୱରେ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ପଟ୍ଟନାୟକ, ବିଜୟ କୁମାର ସାହୁ, ଟି. ହରିଶ୍ଚନ୍ଦ୍ର ରାଓ, ମାନସି ରଞ୍ଜନ ପଣ୍ଡା, ସୁଧାଂଶୁ ମୋହନ ପତି, ସେଖ୍ ସାଦିକ୍, ପଦ୍ମଚରଣ ପଟ୍ଟନାୟକ, ପଦ୍ମଚରଣ ପଣ୍ଡା, ଅବନୀ କୁମାର ପଟ୍ଟନାୟକ, ଭାଗିରଥୀ ରାଉତରାୟ, ଶିରିଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ବଣ୍ଟନ

ଖଜୁରିପଡା,୧।୧୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ଖଜୁରିପଡା ବ୍ଲକରେ ଗୁରୁବାର ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରଥମ ପର୍ଯ୍ୟାୟ ରାଶନକାର୍ଡ ଓ ଚାଉଳ ବଣ୍ଟନର ଶୁଭାରମ୍ଭ ହୋଇଛି। ଏହାକୁ ଫୁଲବାଣୀ ବିଧାୟକ ଦୁଗୁନି କହଁର ଓ ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କୁମାର କହଁର ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୭୦୬ ହିତାଧିକାରୀଙ୍କୁ ରାଶନକାର୍ଡ ଓ ଚାଉଳ ପ୍ରଦାନ କରାଯାଇଛି। ବ୍ଲକ ଯୋଗାଣ ଅଧିକାରୀ ଅମରେଶ ରଥଙ୍କ ସୂଚନା ପ୍ରକାରେ ବ୍ଲକର ୧୪ଟି ପଞ୍ଚାୟତରେ ୧୦୦୧ ପରିବାରରେ ୨୮୩୧ ହିତାଧିକାରୀ ଆବେଦନ କରିଥିଲେ। ବର୍ତ୍ତମାନ ସୁଦ୍ଧା ୭୧୭ ଜଣଙ୍କ କାର୍ଡ ମଞ୍ଜୁର ହୋଇଥିବାବେଳେ ବିଧାୟକ ଓ ଅଧ୍ୟକ୍ଷଙ୍କ ଦ୍ୱାରା ଗୁରୁବାର ୭୦୬ଜଣଙ୍କ କାର୍ଡ ବଣ୍ଟା ଯାଇଛି। ବିଡିଓ ରବି ନାରାୟଣ ଜେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ ହିତାଧିକାରୀଙ୍କୁ କାର୍ଡ ଓ ରାଶନ ସାମଗ୍ରୀ ଦିଆଯାଉଛି।

ବ୍ଲକ ଏପିଓ ନବନିତା ତ୍ରିପାଠୀ, ସୋନମ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତା ବଡସେଠ, ଖଜୁରିପଡା ଲ୍ୟାମ୍ପ ଶାଖା ପରିଚାଳକ ନିର୍ଦ୍ଦେଶକ କୃପା ସାହୁ, ଶୁଭେନ୍ଦୁ ନାଏକ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର, କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ଅନୁରାଧା ସାହୁ, ସ୍ଥାନୀୟ ସମିତିସଭ୍ୟା ଗୀତାଞ୍ଜଳୀ ସାହୁ, ସରପଞ୍ଚ ଗୌରୀଚନ୍ଦ୍ର କହଁର, ସରୋଜ କୁମାର ସାହାଣୀ ଓ ବହୁ ସରପଞ୍ଚ ଓ ସମିତିସଭ୍ୟା ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ ...

### ଘରୁ ଲୁଟ୍, ନାବାଳିକାଙ୍କୁ ...

ଘରର ସମସ୍ତ ଜିନିଷପତ୍ର ଫୋପାଡାଫିଙ୍ଗା କରିଥିଲେ। ଏହି ସମୟରେ ଶବ୍ଦ ଶୁଣି ନାବାଳିକା ଜଣଙ୍କ ନିଦରୁ ଉଠି ବସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଟେକିନେଇ ବାରିପଟ ରାସ୍ତା ଦେଇ ଘରଠାରୁ ପ୍ରାୟ ୩୦୦ ମିଟର ଦୂର ଏକ ଗଛ ମୂଳେ ଗଣବଳାତ୍କାର କରିଥିଲେ। କିଛି ସମୟ ପରେ ନାବାଳିକାଙ୍କ ବାପା ଉଠି ବାରି କବାଟ ଖୋଲାଥିବା ଓ ଜିନିଷପତ୍ର ଏଣେତେଣେ ପଡିଥିବା ଦେଖିଥିଲେ। ବାରିପଟକୁ ଯିବାବେଳେ ସେ ଝିଅର ଚିତ୍କାର ଶୁଣିଥିଲେ। ଘଟଣାସ୍ଥଳରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ପରେ ପୀଡିତାଙ୍କ ବାପା ବାଲିଛାଇ ଫାଣ୍ଡିରେ ଏତଲା ଦେଇଥିଲେ। ଗୁରୁବାର ଘଟଣାସ୍ଥଳରେ ଗଞ୍ଜାମ ଏସ୍‌ପି ରଏ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସାହୁ, କବିସୂର୍ଯ୍ୟନଗର ଥାନାଧିକାରୀ ତପନ କୁମାର ପତି, କୋଦଳା, ପୋଲସରା, ଆସିକା ପ୍ରମୁଖ ଥାନାଧିକାରୀ, ବାଲିଛାଇ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ବେହେରା ପ୍ରମୁଖ ପହଞ୍ଚି ଅନୁଧ୍ୟାନ କରିଥିଲେ। ଏଥିସହ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଥିଲା। ଏସଡିପିଓ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଏସ୍‌ପି ରଏ ସୂଚନା ଦେଇଛନ୍ତି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ନାବାଳିକାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୀଡିତା ନାବାଳିକା ଏବେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି।